ବର୍ଷ-୨୬, ସଂଖ୍ୟା-୨୦୬
ଭୁବନେଶ୍ୱର
ଅଗଷ୍ଟ ୦୧, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 206
Bhubaneswar
August, 01 2026, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଜୁଡୋରେ ଭାରତକୁ ସ୍ୱର୍ଣ୍ଣ



# ଓଡ଼ିଶାରେ ବନ୍ୟା ବିପର୍ଯ୍ୟୟ ଗମ୍ଭୀର

## ୧୫ ଜିଲ୍ଲାରେ ଜଳ ପ୍ରଳୟ, ୮ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ, ହୀରାକୁଦର ୨୨ଟି ଗେଟ୍ ଖୋଲିଲା

ଭୁବନେଶ୍ୱର,୩୧।୭(ମହାଭାରତ): ରାଜ୍ୟରେ ଲଗାଣ ବର୍ଷା ଓ ନଦୀଗୁଡିକର ଜଳସ୍ତର ବୃଦ୍ଧି ଯୋଗୁ ବନ୍ୟା ପରିସ୍ଥିତି ଏବେ ସଙ୍ଗୀନ ରୂପ ଧାରଣ କରିଛି । ରାଜ୍ୟର ୧୫ଟି ଜିଲ୍ଲାରେ ହଜାର ହଜାର ହେକ୍ଟର ଜମିରେ ବନ୍ୟାଜଳ ମାଡି ଫସଲ ନଷ୍ଟ କରିଥିବାବେଳେ ୮ଲକ୍ଷରୁ ଅଧିକ ଲୋକ ଏବେବି ଜଳବନ୍ଦୀ ହୋଇ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ହୀରାକୁଦ ଡ୍ୟାମର ୨୨ଟି ଗେଟ୍ ଦେଇ ୮ଲକ୍ଷ କ୍ୟୁସେକ୍ ଜଳ ଆସୁଥିବାରୁ ମହାନଦୀ ଓ ତା'ର ଶାଖା ନଦୀଗୁଡିକରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି ଯାହାକି ଏବେ ଚିନ୍ତା ବ ?ାଇଛି। ମହାନଦୀ ଅବବାହିକାର ଜିଲ୍ଲାଗୁଡିକର ଜିଲ୍ଲାପାଳଙ୍କୁ ଅଧିକ ସତର୍କତା ଅବଲମ୍ବନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ସମ୍ବଲପୁର,ବୌଦ୍ଧ, ସୁବର୍ଣ୍ଣପୁର, ଅନୁଗୁଳ, ନୟାଗଡ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, କଟକ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନକୁ ନଦୀଗୁଡିକର ଜଳସ୍ତର ଉପରେ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଛି। ଉତ୍ତର ଓଡିଶା ସମେତ ଯାଜପୁରରେ ବନ୍ୟା ପରିସ୍ଥିତି ଏବେବି ସଙ୍ଗୀନ ହୋଇ ରହିଛି।



ଏସବୁ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ବସି ସ୍ଥିତିର ସମୀକ୍ଷା କରାଯାଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ପ୍ୟାକେଜ୍ ଯୋଗାଇ ଦିଆଯିବ ବୋଲି ଶ୍ରୀ ପୂଜାରୀ ଘୋଷଣା କରିବା ସହ ସରକାର ଚାଷୀଙ୍କ ସହ ଦୃଢ଼ ଭାବେ ଛିଡା ହୋଇଛନ୍ତି ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ୪ଦିନିଆ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାତ୍ରିରେ ଭୁବନେଶ୍ୱର ଫେରି ଆସନ୍ତାକାଲି ପୂର୍ବାହ୍ନ ୧୦ଟାରେ ଆକାଶମାର୍ଗରୁ ବନ୍ୟାଂଚଳ ପରିଦର୍ଶନରେ କରିବେ ବୋଲି ଜଣାପଡିଛି। ତାଙ୍କ ସହ ରାଜସ୍ୱ ମନ୍ତ୍ରୀ ଓ ରିଲିଫ କମିଶନର ମଧ୍ୟ ବନ୍ୟାଂଚଳର ସ୍ଥିତି ଆକାଶମାର୍ଗରୁ ଅନୁଧ୍ୟାନ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ୧୫ଟି ଜିଲ୍ଲାର ମୋଟ ୬୫ଟି ବ୍ଲକର ୪୯୨ଟି ପଂଚାୟତ ଅନ୍ତର୍ଗତ ୧୪୪୬ଟି ଗାଁ ଓ ୧୩ଟି ପୌରାଂଚଳର ୨୦୧ଟି ୱାର୍ଡର ମୋଟ୍ ପ୍ରାୟ ୮ ଲକ୍ଷ ୩୪ ହଜାର ୭୪୧ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏଥିମଧ୍ୟରୁ ୨ ଲକ୍ଷ ୬୭ହଜାର ୩୦୧ ଜଣ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି।

ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୧,୪୭,୦୬୫ ଜଣ ଓ ଯାଜପୁରରେ ୧,୪୩,୪୦୦ ଜଣ ପ୍ରଭାବିତ ହୋଇଥିବାବେଳେ ଭଦ୍ରକରେ ସ୍ଥିତି ବେହାଲ ରହିଛି । ସେଠାରେ ୪ ଲକ୍ଷ ୭୮ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି ଓ ପ୍ରାୟ ୧ ଲକ୍ଷ ୮୯ ହଜାର ଜଳବନ୍ଦୀ ଅଛନ୍ତି। କେନ୍ଦ୍ରାପଡା, ମୟୂରଭଞ୍ଜ ଓ ଖୋର୍ଦ୍ଧା ଭଳି ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ବନ୍ୟା ପାଣି ପଶିଛି। କୃଷି କ୍ଷେତ୍ରରେ ବ୍ୟାପକ କ୍ଷତି ଘଟିଛି। ରାଜ୍ୟର ୨୬୯୪୨ ହେକ୍ଟର ଚାଷଜମି ପାଣିରେ ବୁଡି ରହିଥିବାବେଳେ କେବଳ ଯାଜପୁର ଜିଲ୍ଲାରେ ୨୦ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ସେହିପରି ରାଜ୍ୟରେ ମୋଟ ୧୦୮୨ଟି ଘର ଭାଙ୍ଗିଯାଇଛି ଓ ୧୩ଟି ଗୋରୁଗାଈ ପ୍ରାଣ ହରାଇଥିବା ଜଣାପଡିଛି।

ଏବେସୁଦ୍ଧା ୨ ଲକ୍ଷ ୩୮ ହଜାର ୫୧୪ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି, ଯେଉଁଥିରେ ବାଲେଶ୍ୱରରୁ ୩୩ ହଜାର ଓ ଯାଜପୁରରେ ପ୍ରାୟ ୪୩ ହଜାର ଲୋକ ସାମିଲ ଅଛନ୍ତି। ବନ୍ୟା ପ୍ରଭାବିତ ଅଂଚଳରେ ୫୦୯ଟି ରିଲିଫ୍ କ୍ୟାମ୍ପ ଓ ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇ ଲୋକଙ୍କୁ ଖାଇବା ଦିଆଯାଉଛି। ପ୍ରାଣୀସମ୍ପଦର ସୁରକ୍ଷା ପାଇଁ ୧୦୪୩ ମେଟ୍ରିକ୍ ଟନରୁ ଅଧିକ ଗୋଖାଦ୍ୟ ବଣ୍ଟନ କରାଯାଇଛି।

ବନ୍ୟାଂଚଳରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୧୭ଟି ଓଡ୍ରାଫ୍ ?, ୭ଟି ଏନଡିଆରଏଫ୍ ଓ ୧୨୯ଟି ଅଗ୍ନିଶମ ବାହିନୀ ସମେତ ମୋଟ ୧୫୩ଟି ଦଳ ମୁତୟନ ଅଛନ୍ତି। ଜରୁରୀକାଳୀନ ପରିଚାଳନା ପାଇଁ ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୨୬ କୋଟି ଟଙ୍କା ଜିଲ୍ଲାଗୁଡିକୁ ପ୍ରଦାନ କରାଯାଇଛି।

ଉତ୍ତର ଓଡିଶାର ବିଭିନ୍ନ ନଦୀଗୁଡିକର ଜଳସ୍ତର ହ୍ରାସ ପାଉଥିଲେ ମଧ୍ୟ ମହାନଦୀ ଓ ତା'ର ଶାଖା ନଦୀଗୁଡିକ ଏବେ ଚିନ୍ତା ବ ?ାଇଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଆଜି ବିଭିନ୍ନ ପର୍ଯ୍ୟାୟରେ ହୀରାକୁଦ ଡ୍ୟାମର ଆଉ ୨୦ଟି ଗେଟ୍ ଖୋଲିଛି। ଏବେ ମହାନଦୀରେ ପ୍ରବାହିତ ଜଳର ପରିମାଣ ୮ ଲକ୍ଷ କ୍ୟୁସେକ୍ ଥିବାବେଳେ ହୀରାକୁଦ ଡ୍ୟାମର ମୋଟ୍ ୨୨ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ମହାନଦୀ ଓ ତା'ର ଶାଖା ନଦୀଗୁଡିକର ଜଳସ୍ତର ଉପରେ କଡା ନଜର ରଖିବା ସହ ତଳମୁଣ୍ଡ ଅଂଚଳର ସମସ୍ତ ବନ୍ୟାପ୍ରବଣ ଓ ତଳିଆ ଅଂଚଳରେ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

ଅଧିକ ବନ୍ୟା ଜଳ ଆସୁଥିବାରୁ ମହାନଦୀ ଓ ତା'ର ଶାଖା ନଦୀ ଯଥା ଲୁଣା, କରାଣ୍ଡିଆ, ଚିତ୍ରୋତ୍ପଳା, ପାଇକା ଓ ଦେବୀ ନଦୀ ସମେତ କାନ୍ଦଳ, କୁଶଭଦ୍ରା, ଭାର୍ଗବୀ ଓ ଦୟା ନଦୀରେ ଭୟଙ୍କର ବନ୍ୟା ଆସିବାର ସମ୍ଭାବନା ରହିଛି। ବିଶେଷକରି ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା,ଖୋର୍ଦ୍ଧା ଓ କଟକ ଜିଲ୍ଲାର ବିପଦପ୍ରବଣ ତଳିଆ ଅଂଚଳଗୁଡିକୁ ସମ୍ପୂର୍ଣ୍ଣ ଆଲର୍ଟରେ ରଖାଯାଇଛି। ଆଜି ସନ୍ଧ୍ୟା ସୁଦ୍ଧା ମୁଣ୍ଡଳି ବ୍ୟାରେଜ୍ ଦେଇ ୮ ଲକ୍ଷ ୮୦ ହଜାର ୫୯୧ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ଜଳସ୍ତର ବିପଦ ସଙ୍କ ?ତଠାରୁ ମାତ୍ର ଦେଢ଼ଫୁଟ ତଳେ ରହିଥିବା ଜଣାପଡିଛି ।

## ୪ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର୩୧।୭(ମହାଭାରତ): : ଆସନ୍ତା ୪ ତାରିଖରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତରେ ଆସୁଛନ୍ତି । ରାଷ୍ଟ୍ରପତିଙ୍କ ସୁରକ୍ଷା ନେଇ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭିଭିଆଇପିରେ ବ୍ଲୁ ବୁକ୍ ନିର୍ଦ୍ଦେଶାବଳୀ ଅନୁସାରେ ସୁରକ୍ଷା ବ୍ୟବସ୍ଥା କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛି ।



ବୈଠକରେ ରାଷ୍ଟ୍ରପତିଙ୍କ ସୁରକ୍ଷା, ନିୟମିତ ଯାଞ୍ଚ, ଟ୍ରାଫିକ୍ ବ୍ୟବସ୍ଥା, ପୁଲିସ ପାଟ୍ରୋଲିଂ ଉପରେ ଡିଜିପି ଗୁରୁତ୍ୱାରୋପ କରିଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତବେଳେ ନୋଡାଲ୍ ଅଫିସର ନିଯୁକ୍ତ କରାଯିବ । ଯେଉଁମାନେ ସମସ୍ତ ସୁରକ୍ଷା ବ୍ୟବସ୍ଥା ପରିଚାଳନା ଏବଂ ସମନ୍ୱୟ ରକ୍ଷା କରିବେ । ଏହା ସହିତ ଡ୍ରୋନ୍ ସର୍ଭିଲାନ୍ସ ଓ କାର୍ଯ୍ୟକ୍ରମସ୍ଥଳୀର ନିୟମିତ ଯାଞ୍ଚ ଉପରେ ଗୁରୁତ୍ୱ ଦେଇଛନ୍ତି । ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ଆର୍ ପି କୋଚେ, ଆଇନ ଶୃଙ୍ଖଳା ଏଡିଜିପି ସଞ୍ଜୟ କୁମାର, ସାପ୍ ଏଡିଜିପି ରାଜେଶ କୁମାର, କଟକ-ଭୁବନେଶ୍ୱର ପୁଲିସ ଆୟୁକ୍ତ ଦେବଦତ୍ତ ସିଂହ, ପୂର୍ବତଟ ରେଳ ବିଭାଗର ପ୍ରମୁଖ ମୁଖ୍ୟ ସୁରକ୍ଷା କମିଶନର ଆଲୋକ ବୋହରା, ଆଇଜିପି ସତ୍ୟଜିତ ନାଏକ, କ୍ରାଇମବ୍ରାଞ୍ଚ ସିଆଇଡି ଏସପି ବିବେକାନନ୍ଦ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ ।

ଓଡ଼ିଶା ସ୍ୱାଧୀନତା ସଂଗ୍ରାମର ମହାନ ଜନନାୟକ, ଦୀନ, ଦରିଦ୍ର ଓ ଦୁର୍ଗତ ମାନବର ବନ୍ଧୁ, ପ୍ରଥିତଯଶା ସାହିତ୍ୟିକ, ସାଲିସବିହୀନ ସାମ୍ବାଦିକ, ସେବା ଓ ସମର୍ପଣର ସମର୍ପିତ ପ୍ରତିଭୂ, ଶିକ୍ଷା ସଂସ୍କାରର ଅନ୍ୟତମ କାଣ୍ଡାରୀ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଦେଶର ରାଜଧାନୀ ଦିଲ୍ଲୀରେ ସ୍ଥାପନ କରାଯିବ। ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିକୁ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରେ ?ପଦୀ ମୁର୍ମୁ ଅନାବରଣ କରିବେ। ଆସନ୍ତା ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ଓ ଓଡ଼ିଶାର ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବଶେଷ ଅତିଥି ଭାବେ ଯୋଗ ଦେବେ।

## ବଢ଼ିଲା ପିଏମ କିଷାନ ଯୋଜନା ଅବଧି

ନୂଆଦିଲ୍ଲୀ,୩୧।୭(ମହାଭାରତ): : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟର ବଡ ନିଷ୍ପତ୍ତି। ବୃଦ୍ଧି ପାଇଛି ଦେଶରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ବା ପିଏ କିଷାନ ଯୋଜନାର ଅବଧି। ଏହି ଯୋଜନାର ଅବଧିକୁ ୨୦୨୬-୨୭ରୁ ୨୦୩୦-୩୧ ଯାଏ ବୃଦ୍ଧି କରିବାକୁ କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଛି ।ଏଥିପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏହି ଯୋଜନା ଅଧୀନରେ ଯୋଗ୍ୟ ଚାଷୀଙ୍କୁ ଡିବିଟି ମାଧ୍ୟମରେ ସରକାର ସିଧାସଳଖ ଆକ ସହାୟତା ପ୍ରଦାନ କରିବା ଜାରି ରଖିବେ।



୨୦୧୯ରେ କେନ୍ଦ୍ର ସରକାର ପିଏ କିଷାନ ଯୋଜନା ଲଞ୍ଚ କରିଥିଲେ। ଏହି ଯୋଜନା ଅନୁସାରେ ଯୋଗ୍ୟ ଚାଷୀଙ୍କୁ ୩ଟି କିସ୍ତିରେ ମୋଟ ୬ ହଜାର ଟଙ୍କା ଲେଖାଏ ମିଳୁଛି। ଆର୍ଥିକ ସହାୟତା ସିଧା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଉଛନ୍ତି କେନ୍ଦ୍ର ସରକାର।

ପିଏମ କିଷାନ ଯୋଜନା ଆଧାର ଭିତ୍ତିକ, ଡିଜିଟାଲ୍ ଯାଞ୍ଚ ଓ ସିଧାସଳଖ ଲାଭ ହସ୍ତାନ୍ତର ବ୍ୟବସ୍ଥା ମାଧ୍ୟମରେ କୃଷକ କଲ୍ୟାଣର ଏକ ସ୍ୱଚ୍ଛ ମଡେଲ୍ ଭାବେ ଉଭା ହୋଇଛି ବୋଲି କେନ୍ଦ୍ର ସରକାର କହିଛନ୍ତି ।ଯୋଜନା ଆରମ୍ଭ ହେବା ପର ଠାରୁ କେନ୍ଦ୍ର ସରକାର ୨୩ଟି କିସ୍ତିରେ ଦେଶର ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୪.୪୭ ଲକ୍ଷ କୋଟିରୁ ଅଧିକ ଟଙ୍କା ପଠାଇଛନ୍ତି। ୨୩ତମ କିସ୍ତିରେ ୯.୪୯ କୋଟିରୁ ଅଧିକ କୃଷକଙ୍କୁ ୧୮,୯୮୪ କୋଟି ଟଙ୍କାର ଆର୍ଥିକ ସହାୟତା ମିଳିଛି ।କୋଭିଡ୍-୧୯ ମହାମାରୀ ସମୟରେ କୃଷକମାନଙ୍କୁ ସହାୟତା ପାଇଁ ଏହି ଯୋଜନା ଅଧୀନରେ ୧.୭୧ ଲକ୍ଷ କୋଟିରୁ ଅଧିକ ଟଙ୍କା ଦିଆଯାଇଥିଲା। ମହିଳା ହିତାଧିକାରୀମାନେ ଏହି ଯୋଜନାରେ ୧.୦୬ ଲକ୍ଷ କୋଟିରୁ ଅଧିକ ଟଙ୍କା ସହାୟତା ପାଇଥିବାବେଳେ ପ୍ରତି ୪ ହିତାଧିକାରୀଙ୍କ ମଧ୍ୟରୁ ଜଣେ ମହିଳା ଚାଷୀ ବୋଲି ସରକାର କହିଛନ୍ତି ।ସରକାରଙ୍କ କହିବା କଥା ଯେ ପିଏମ କିଷାନ ଅଧୀନରେ ମିଳୁଥିବା ଆର୍ଥିକ ସହାୟତା କୃଷକମାନଙ୍କୁ ବିହନ, ସାର, ଜଳସେଚନ, କୃଷି ଯନ୍ତ୍ରପାତି ଓ ଅନ୍ୟାନ୍ୟ କୃଷି ଉପକରଣରେ ବିନିଯୋଗ କରିବାରେ ସହାୟକ ହୋଇଛି। ଏହା ସହିତ ଅନୌପଚାରିକ ଋଣ ଉତ୍ସ ଉପରେ ନିର୍ଭରଶୀଳତା କମାଇ ଗ୍ରାମାଞ୍ଚଳର ପରିବାରମାନଙ୍କ ଆର୍ଥିକ ସ୍ଥିରତାକୁ ମଧ୍ୟ ସୁଦୃଢ଼ କରିଛି।

ସରକାର ନୀତି ଆୟୋଗର ଡେଭେଲପମେଣ୍ଟ ମନିଟରିଂ ଆଣ୍ଡ ଇଭାଲୁଏସନ୍ ଅଫିସ୍ ଦ୍ୱାରା କରାଯାଇଥିବା ଏକ ସର୍ଭେର ଉଲ୍ଲେଖ କରି ସରକାର କହିଛନ୍ତି ଯେ ୯୨ ପ୍ରତିଶତରୁ ଅଧିକ ହିତାଧିକାରୀ ଏହି ସହାୟତାକୁ କୃଷି କାର୍ଯ୍ୟ ଓ ଚାଷରେ ବିନିଯୋଗ ପାଇଁ ବ୍ୟବହାର କରିଛନ୍ତି। ପ୍ରାୟ ୮୫ ପ୍ରତିଶତ କୃଷକ କହିଛନ୍ତି ଯେ ସେମାନଙ୍କ କୃଷି ଆୟ ବଢ଼ିଛି ଓ ଅନୌପଚାରିକ ଋଣ ଉପରେ ନିର୍ଭରତା କମିଛି ।ସରକାରଙ୍କ ତଥ୍ୟ ଅନୁଯାୟୀ, ୨୦୨୦-୨୧ରୁ ୨୦୨୫-୨୬ ମଧ୍ୟରେ ଚାଷ ଜମିର ପରିମାଣ ପ୍ରାୟ ୯.୬୫ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ କୃଷି ଉତ୍ପାଦନ କ୍ଷମତା ପ୍ରାୟ ୧୦.୫୩ ପ୍ରତିଶତ ବଢ଼ିଛି। ସେହିପରି ମୋଟ ଖାଦ୍ୟଶସ୍ୟ ଉତ୍ପାଦନ ପ୍ରାୟ ୨୧.୧୮ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି।

## ଆଜି ଆକାଶମାର୍ଗରୁ ବନ୍ୟା ସ୍ଥିତି ଦେଖିବେ ମୁଖ୍ୟମନ୍ତ୍ରୀ; ୪ ଜିଲ୍ଲାରେ ହେବ ଏରିଆଲ ସର୍ଭେ

ଭୁବନେଶ୍ୱର,୩୧।୭(ମହାଭାରତ): ରାଜ୍ୟରେ ବନ୍ୟା ସ୍ଥିତି ଗମ୍ଭୀର ହେଉଥିବା ବେଳେ ପ୍ରଭାବିତ ଅଞ୍ଚଳର ସ୍ଥିତି ସମୀକ୍ଷା ପାଇଁ ଆସନ୍ତାକାଲି ଏରିଆଲ ସର୍ଭେ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସକାଳ ୧୦ଟାରେ ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ ।ଏହି ଏରିଆଲ ସର୍ଭେ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ରହିବେ। ଆକାଶମାର୍ଗରୁ ଅଞ୍ଚଳଗୁଡ଼ିକର ସ୍ଥିତି ଅନୁଧ୍ୟାନ କରି ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯିବ। ଏଥିସହ ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଠିକ୍ ଭାବେ ପହଞ୍ଚୁଛି କି ନାହିଁ, ସେନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବେ। ବନ୍ୟା ପରିସ୍ଥିତିରେ ପ୍ରଶାସନର ପ୍ରସ୍ତୁତି, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ଦିଗରେ ଏହି ସର୍ଭେ ଗୁରୁତ୍ୱପୂର୍ଣ୍ଣ ହେବ।

## ଶାହ ଓ ଅଶ୍ୱିନୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।୭(ମହାଭାରତ): ଦିଲ୍ଲୀ ଗସ୍ତରେ ଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସାକ୍ଷାତ କରି ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିଶେଷ କରି ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି,



ସୁରକ୍ଷା ବ୍ୟବସ୍ଥା ଏବଂ କେନ୍ଦ୍ର-ରାଜ୍ୟ ସମନ୍ୱୟକୁ ନେଇ ଉଭୟଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିବା ସୂଚନା ମିଳିଛି। ଏହାପରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଓଡ଼ିଶାରେ ରେଳ ଭିତ୍ତିଭୂମିର ବିକାଶ, ନୂଆ ରେଳ ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ରାଜ୍ୟରେ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ନେଇ ଆଲୋଚନା କରିଥିଲେ। ରାଜ୍ୟର ବିଭିନ୍ନ ରେଳ ପ୍ରକଳ୍ପକୁ ଶୀଘ୍ର ଗତିରେ ଆଗେଇ ନେବା ଓ ଲୋକଙ୍କୁ ଉନ୍ନତ ରେଳ ସେବା ଯୋଗାଇବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ସାକ୍ଷାତ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ସହଯୋଗରେ ଓଡ଼ିଶାକୁ ସମୃଦ୍ଧ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ଦିଗରେ ସରକାର ଦୃଢ଼ତାର ସହ ଆଗେଇ ଚାଲିଛନ୍ତି।

### ପିଜି ଡାକ୍ତରୀ ପରୀକ୍ଷା ପେପର ଲିକ୍ ଘଟଣା

## ଏମ୍‌କେସିଜିରେ ୫ ଜଣିଆ ତଦନ୍ତ କମିଟି ଗଠିତ

ଭୁବନେଶ୍ୱର,୩୧।୭(ମହାଭାରତ): ଅଲ୍ ଓଡିଶା ପିଜି ଡାକ୍ତରୀ ପରୀକ୍ଷା ପେପର ଲିକ୍ ଘଟଣାରେ ତତ୍ପରତା ଦେଖାଇଛି ଏମ୍‌କେସିଜି ମେଡିକାଲ କଲେଜ। ରାଜ୍ୟରେ ପ୍ରଥମ ଥର ପାଇଁ ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଚ୍ଏସ୍) ପିଜି ପରୀକ୍ଷା ପରିଚାଳନା କରୁଥିବା ବେଳେ ପେପର ଲିକ୍ ଘଟଣା ଏବେ ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଓୟୁଏଚ୍ଏସ୍ ପକ୍ଷରୁ ଜରୁରୀ କାଳୀନ ବୈଠକ କରାଯାଇ ଏମ୍‌କେସିଜି ମେଡିକାଲ କଲେଜର ନୋଡାଲ ସେଣ୍ଟରରୁ ପ୍ରଶ୍ନ ପତ୍ର କିଭଳି ଲିକ୍ ହେଲା, ତାହା ଉପରେ ତଦନ୍ତ କରିବାକୁ କୁହାଯାଇଛି।



ତଦନ୍ତ କରିବା ପାଇଁ ଏମ୍‌କେସିଜି ମେଡିକାଲ ପକ୍ଷରୁ ଏକ ଅନ୍ତରୀଣ ତଦନ୍ତ ଟିମ୍ ଗଠନ କରାଯାଇଛି । ମେଡିକାଲ ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠିତ ଏହି ଟିମ୍‌ରେ ମେଡିକାଲ ଅଧୀକ୍ଷକ ସୂଦେପା ଦାସ ଓ ମେଡିକାଲ ପ୍ରଶାସନିକ ଅଧିକାରୀ ଡ.ଶ୍ୱେତ କୁମାର ଦାସଙ୍କ ସହ ୩ଜଣ ବରିଷ୍ଠ ପ୍ରଫେସରଙ୍କୁ ରଖାଯାଇଛି । କିଭଳି ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ବାହାରକୁ ଗଲା, କେଉଁମାନେ ଏଥିରେ ସାମିଲ ଅଛନ୍ତି, ହ୍ୱାଟସଆପ୍ ଗ୍ରୁପ୍ କିଏ ତିଆରି କରିଥିଲା, ସେ କିଭଳି ପ୍ରଶ୍ନପତ୍ରର ଫଟୋ ଉଠାଇ ବାହାରକୁ ପଠାଇଲେ- ଏସବୁର ତଦନ୍ତ କରିବ ଏହି ତଦନ୍ତକାରୀ ଟିମ୍। ତଦନ୍ତ କରି ୭୨ ଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଥିବା ଏମ୍‌କେସିଜି ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ଡା. ହରିକୃଷ୍ଣ ଦଳାଇ କହିଛନ୍ତି। ତଦନ୍ତ ରିପୋର୍ଟକୁ ଏମ୍‌କେସିଜି ଅଧକ୍ଷଙ୍କୁ ଦିଆଯିବ। ପରେ ଏହାକୁ ଡିଏମ୍ଇଟି, ସ୍ୱାସ୍ଥ୍ୟ ବିଭାଗ ଓ ଓୟୁଏଚ୍ଏସ୍‌କୁ ପଠାଇ ଦିଆଯିବ ।ଅନ୍ୟପକ୍ଷରେ ଏହି ଘଟଣା ପରେ ପିଜି ଡାକ୍ତରୀ ପରୀକ୍ଷାର ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପରୀକ୍ଷା ଦେବା ସମୟରେ ପ୍ରଶ୍ନପତ୍ର ବାହାରକୁ ଆସିବା, ଏକ ହ୍ୱାଟସଆପ୍ ଗ୍ରୁପରେ ଉତ୍ତର ପଠାଯିବା ଘଟଣାକୁ ନେଇ ବୁଦ୍ଧିଜୀବୀ ଓ ପୂର୍ବତନ ଛାତ୍ର ବିସ୍ମୟ ପ୍ରକାଶ କରିଛନ୍ତି । ପିଜି ଡାକ୍ତରମାନେ ଏମ୍‌ବିବିଏସ୍ ପରେ ଗୋଟିଏ ଲେଖାଏ ବିଷୟରେ ସ୍ୱତନ୍ତ୍ର ଭାବେ ପଢ଼ନ୍ତି । ବହୁ ଆଶାୟୀ ଛାତ୍ରଙ୍କ ମଧ୍ୟରୁ ମାତ୍ର କିଛି ଛାତ୍ରଛାତ୍ରୀଙ୍କୁ ଏହା ମିଳିଥାଏ । ଏହା ପରେ ସେମାନେ ବିଶେଷଜ୍ଞ ଡାକ୍ତର ହୋଇଥା'ନ୍ତି। ଆଉ ସେହି ପରୀକ୍ଷାର ପ୍ରଶ୍ନପତ୍ର ଯଦି ଲିକ୍ ହୁଏ, ତେବେ ଯେଉଁ ଡାକ୍ତର ବାହାରିବେ ସେମାନେ ରୋଗୀଙ୍କ ଚିକିତ୍ସା ନକରିପାରି ମାରିଦେବେ ବୋଲି ଆଲୋଚନା ହେଉଛି।

## ଓଡିଶାରେ ପର୍ଯ୍ୟଟନର ବିକାଶ ପାଇଁ ୩୧୮ କୋଟିରୁ ଅଧିକ ଟଙ୍କା ମଞ୍ଜୁର : କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ

ନୂଆଦିଲ୍ଲୀ, ୩୧।୭(ମହାଭାରତ): ଓଡିଶାରେ ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ୩୧୮ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି। ୨୦୧୪-୧୫ରୁ ବର୍ତ୍ତମାନ ସୁଦ୍ଧା ଏହି ଅନୁଦାନ ଯୋଗାଇ ଦିଆଯାଇଛି । କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ରାଜ୍ୟ ସଭାରେ ଏହି ସୂଚନା ଦେଇଛନ୍ତି ।୨୦୧୬-୧୭ ଆର୍ଥିକ ବର୍ଷରେ ଓଡିଶାର ଗୋପାଳପୁର, ବରକୁଳ, ସାତପଡା, ତାମ୍ପରାକୁ ନେଇ ଉପକୂଳ ସର୍କିଟ୍ ବିକାଶ ଲାଗି କେନ୍ଦ୍ର ସରକାର ୭୦ କୋଟି ୮୨ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ସେହିପରି ରାଜ୍ୟଗୁଡିକ ମିଳୁଥିବା ସ୍ୱତନ୍ତ୍ର ପୁଞ୍ଜି ନିବେଶ ସହାୟତା ଯୋଜନାରେ ହୀରାକୁଦର ବିକାଶ ଲାଗି ୨୦୨୪-୨୫ ଆର୍ଥିକ ବର୍ଷରେ ୯୯.୯୦ କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା। ଏହି ଯୋଜନାରେ ସାତକୋଶିଆର ବିକାଶ ଲାଗି ମଧ୍ୟ ୯୯.୯୯ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏହି ଦୁଇଟି ପ୍ରକଳ୍ପ ପାଇଁ ୧୩୧ କୋଟିରୁ ଅଧିକ ଟଙ୍କା ଜାରି କରାଯିବା ସହିତ ବିକାଶ କାମ ଜାରି ରହିଛି ।ଏଥିପୂର୍ବରୁ ୨୦୧୪-୧୫ ଆର୍ଥିକ ବର୍ଷରେ ପୁରୀ ଶ୍ରୀଜଗନ୍ନାଥ ଧାମ, ରାମଚଣ୍ଡୀ, ଦେଉଳିଠାରେ ପ୍ରାଚୀ ନଦୀ ତଟ ବିକାଶ ନିମନ୍ତେ ପ୍ରସାଦ ଯୋଜନାରେ ୫୦ କୋଟି ଟଙ୍କାର ପାଣ୍ଠି ମଞ୍ଜୁର ହୋଇଥିବା ଶ୍ରୀ ଶେଖାୱତ ସୂଚନା ଦେଇଛନ୍ତି । ପର୍ଯ୍ୟଟନ ବିକାଶ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କ ବ୍ୟାପାର ହୋଇଥିଲେ ମଧ୍ୟ କେନ୍ଦ୍ର ସରକାର ସ୍ୱଦେଶ ଦର୍ଶନ ଯୋଜନାର ଦୁଇଟି ପର୍ଯ୍ୟାୟ, ଚାଲେଞ୍ଜ ଆଧାରିତ ପର୍ଯ୍ୟଟନସ୍ଥଳୀର ବିକାଶ (ସିବିଡିଡି) ଯୋଜନା, ପ୍ରସାଦ ଆଦି ଯୋଜନା ମାଧ୍ୟମରେ ସହାୟତା ଯୋଗାଇ ଦେଇଥା'ନ୍ତି ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କହିଛନ୍ତି ।

## ଗହମ ବର୍ଫି

ସମ୍ପ୍ରତି ଦେଶର ସ୍ଥିତି ଉଦ୍‌ବେଗ ଜନକ ରହିଛି । ଏପରି ସମୟରେ ଜିଦିଆ ହୋଇ ସରକାରୀ ଆଦେଶ ବିରୋଧରେ ବାହାରେ ନ ବୁଲି ଘରେ ରହିବା ଆବଶ୍ୟକ । ତେବେ ପୂରା ଦିନ ଘରେ ରହିବା ଅବଶ୍ୟ ବିରକ୍ତି କର । କିନ୍ତୁ ଏହି ସମୟକୁ ଯଦି ସୃଜନଶୀଳ କରାଯାଏ, ତେବେ ଏହା ଅତ୍ୟନ୍ତ ଆନନ୍ଦଦାୟୀ ହୋଇପାରିବ । ତେଣୁ ଏହି ସମୟର ସଦୁପଯୋଗ କରିବାକୁ କିଛି ନୂଆ ଓ ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତି କରିବା କିଛି ଭୁଲ ହେବ ନାହିଁ । ତେଣୁ ଆମେ କହୁଛୁ ଅତି ସହଜରେ ଓ ଅଳ୍ପ ଖର୍ଚ୍ଚରେ କିପରି କରିବେ ଗହମ ବର୍ଫି ।

ଆବଶ୍ୟକ ସାମଗ୍ରୀ: ଗହମ ବଟା, ଚିନି, କ୍ଷୀର, ଗୁଜୁରାତି, କାଜୁ, ଗୁଆ ଘିଅ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କ୍ଷୀରକୁ ଭଲ ଭାବେ ଫୁଟାଇ ଦିଅନ୍ତୁ । ତା'ପରେ ଗହମ ବଟା ପକାଇ ଆଉଥରେ ଭଲକରି ଫୁଟାନ୍ତୁ । ଏହି ମିଶ୍ରଣ ଯେପରି ତଳେ ନ ଲାଗିବା ସେଥିପାଇଁ ବାରମ୍ବାର ଘାଣ୍ଟନ୍ତୁ । ପ୍ରାୟ ୨୦ ମିନିଟ ପର୍ଯ୍ୟନ୍ତ ଫୁଟିଗଲା ପରେ ସେଥିରେ ଚିନି, ଗୁଜୁରାତି ଓ କାଜୁ ପକାଇ ଗୋଳାନ୍ତୁ । ବର୍ତ୍ତମାନ ଏକ ଥାଳିରେ ଗୁଆଘିଅ ମାରି ରଖନ୍ତୁ । ଏବେ ଏଥିରେ କଡ଼େଇରେ ଫୁଟୁଥିବା ମିଶ୍ରଣକୁ ଢାଳିଦିଅନ୍ତୁ । ଥଣ୍ଡା ହୋଇଯିବା ପରେ ଏହାକୁ ପନ୍ଦର କୋଡିଏ ମିନିଟ୍ ଫ୍ରିଜରେ ରଖି ଦିଅନ୍ତୁ । ଏହା ପରେ ମନପସନ୍ଦର ଆକାରରେ କାଟି ପରଷି ଦିଅନ୍ତୁ ସୁଆଦିଆ "ଗହମ ବର୍ଫି" ।



### ଖବର

## ମହାଦେବଙ୍କ ତୃତୀୟ ନେତ୍ର ଖୋଲିଲେ କ'ଣ ହେବ ?

ମହାଦେବଙ୍କ ତୃତୀୟ ନେତ୍ର କାହାକୁ ଦର୍ଶାଏ ? ଯଦି ଏହା ଖୋଲିଯିବ ତେବେ କ'ଣ ହେବ ? ଆଜି ଜାଣନ୍ତୁ ଏହାକୁ ନେଇ କ'ଣ କହୁଛି ବେଦଶାସ୍ତ୍ର ତ୍ରିଦେବଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛନ୍ତି ଭୋଳାଶଙ୍କର । ଯିଏ ନିଜ ଭକ୍ତଙ୍କୁ ବହୁତ ଭଲ ପାଆନ୍ତି । ସେମାନଙ୍କ କଷ୍ଟକୁ ହରଣ କରନ୍ତି । ଭୋଳା ବାବା ଅଧର୍ମକୁ ସହି ପାରନ୍ତି ନାହିଁ । ଧର୍ମର ପ୍ରତିଷ୍ଠାରେ ସବୁ ଦେବତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଥିବା ବେଳେ ଶିବଙ୍କର ସ୍ଥାନ ଖୁବ ଉଚ୍ଚରେ ରହିଛି । ସତୀ ଏବଂ ପାର୍ବତୀଙ୍କ ପତି ଭଗବାନ ଶଙ୍କରଙ୍କୁ ସଦାଶିବଙ୍କ କାରଣରୁ ଶିବ ମଧ୍ୟ କୁହାଯାଇଥାଏ । ସନତାନ ଧର୍ମର ପ୍ରମୁଖ ଆଦି ପଞ୍ଚ ଦେବତାଙ୍କ ମଧ୍ୟରେ ଭଗବାନ ଶଙ୍କରଙ୍କ ସ୍ଥାନ ରହିଛି । ସେହିଭଳି ଶଙ୍କରଙ୍କୁ ଦେବାଧି ଦେବ ମହାଦେବ ମଧ୍ୟ



କୁହାଯାଇଥାଏ । ଭଗବାନ ଶିବ ଯେତିକି ଶୀଘ୍ର ପ୍ରସନ୍ନ ହୁଅନ୍ତି ସେତିକି ଶୀଘ୍ର କ୍ରୋଧିତ ମଧ୍ୟ ହୋଇଥାନ୍ତି । ସବୁ ଦେବତାଙ୍କ ମଧ୍ୟରୁ ମହାଦେବ ପ୍ରଚଣ୍ଡ ରାଗି । ସବୁ ଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ବଡ ବଡ ପୂଜା କରାଯାଇଥାଏ । କିନ୍ତୁ ଭାଗବାନ ଶିବ କେବଳ ଶିବଲିଙ୍ଗରେ ଶ୍ରଦ୍ଧାର ସହ ଜଳ ଅର୍ପଣ କଲେ ମଧ୍ୟ ପ୍ରସନ୍ନ ହୋଇ ନିଜ ଭକ୍ତଙ୍କ କଲ୍ୟାଣ କରିଥାନ୍ତି । ଭଗବାନ ଶିବଙ୍କ ମଥାରେ ତୃତୀୟ ନୟନ ଥିବା କଥା ପୁରାଣରେ ଅଛି । ସେ ତୃତୀୟ ନୟନରେ ସବୁକିଛି ଦେଖିପାରନ୍ତି । ଯେତେବେଳେ ଶିବ ନିଜ ତୃତୀୟ ନୟନ ଖୋଲନ୍ତି ସେଥିରୁ ବହୁତ ତୀକ୍ଷ୍ଣ ଆଲୋକ ବାହାରିଥାଏ । ସେହି ଆଲୋକରେ ସବୁ ଭସ୍ମ ହୋଇଯାଏ ।ଏଭଳି ସ୍ଥିତିରେ ଶିବ ଯେକୌଣସି ଜାଗାକୁ ଦେଖିପାରନ୍ତି ଏବଂ କାହା ସହ ମଧ୍ୟ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନା କରିପାରିଥାନ୍ତି । ଭଗବାନ ଶିବଙ୍କ ତୃତୀୟ ନୟନକୁ ପ୍ରଳୟ ବୋଲି କୁହାଯାଏ । ଭଗବାନ ଶିବଙ୍କ ତୃତୀୟ ନୟନରୁ ବାହାରୁଥିବା କ୍ରୋଧ ଅଗ୍ନିରେ ପୃଥିବୀ ଧ୍ୱଂସ ହୋଇଯିବ । ଶିବଙ୍କ ୩ଟି ଆଖିର ଗୁଣ ଅଲଗା ଅଲଗା । ଭଗବାନ ଶିବଙ୍କ ତୃତୀୟ ନୟନ ତାଙ୍କ ମଥାରେ ଥାଏ ଯେଉଁଥିପାଇଁ ତାଙ୍କୁ ତ୍ରିନେତ୍ର କୁହାଯାଇଥାଏ । ଗୋଟିଏ ନୟନକୁ ଚନ୍ଦ୍ର, ଦ୍ୱିତୀୟକୁ ସୂର୍ଯ୍ୟ ଏବଂ ଶିବଙ୍କ ତୃତୀୟ ଚକ୍ଷୁ ଆଜ୍ଞାଚକ୍ର ବୋଲି କୁହାଯାଏ ।ବେଦ ଶାସ୍ତ୍ର ଅନୁସାରେ ଧରାପୃଷ୍ଠରେ ରହୁଥିବା ସମସ୍ତ ଜୀବଙ୍କ ୩ଟି ଚକ୍ଷୁ ରହିଛି । ୨ ଚକ୍ଷୁରେ ସମସ୍ତ ଜୀବ ଭୌତିକ ବସ୍ତୁ ଦେଖିଥାନ୍ତି ଏବଂ ତୃତୀୟ ଚକ୍ଷୁକୁ ବିବେକ ବୋଲି ବିଚାର କରାଯାଏ । କିନ୍ତୁ ତୃତୀୟ ଚକ୍ଷୁ ଦେଖାଯାଏନାହିଁ । ମହାଭାରତର ଷଷ୍ଠ ଖଣ୍ଡ ଅନୁଶାସନ ପର୍ବ ଅନୁସାରେ ଏକଦା ଭଗବାନ ଶିବ ହିମାଳୟ ପର୍ବତ ରେ ସଭା କରୁଥିଲେ । ଏଥିରେ ସମସ୍ତ ଦେବତା, ଋଷି ମୁନି ଥିଲେ । ସେହି ସମୟରେ ମାତା ପାର୍ବତୀ ସେଠାକୁ ଆସିଲେ ଓ ଭୋଳାନାଥଙ୍କ ଆଖିରେ ଦୁଇ ହାତ ରଖିଦେଲେ । ଭଗବାନ ଶିବଙ୍କ ଆଖି ଲୁଚିଯିବା କାରଣରୁ ସୃଷ୍ଟିରେ ଅନ୍ଧାର ହୋଇଗଲା । ଏମିତି ଲାଗିଲା ଯେମିତି ଭଗବାନଙ୍କ ଗୁରୁତ୍ୱ କିଛି ଆଉ ସତେ ନାହିଁ ।

## ଧନ କ୍ଷୟର ୪ଟି କାରଣ

ଆମ ସମସ୍ତଙ୍କ ଇଚ୍ଛା ଘରେ ସବୁ ସମୟରେ ସୁଖ ଓ ସମୃଦ୍ଧି ବଜାୟ ରହୁ । ଘରକୁ ଅଧିକ ଧନର ଆଗମନ ହେଉ । କିନ୍ତୁ ଆମେ ଅଜାଣତରେ କରି ଦେଉଥିବା କିଛି କାର୍ଯ୍ୟ ଧନକ୍ଷୟର କାରଣ ହୋଇଥାଏ । ଯେତେ ଉପାର୍ଜନ କଲେ ବି ଧନ ସଞ୍ଚୟ ହୋଇପାରେ ନାହିଁ । ଧନକ୍ଷୟରୁ ବର୍ତ୍ତିବା ପାଇଁ ବାସ୍ତୁ ଅନୁଯାୟୀ କିଛି ନିୟମ ପାଳନ କରିବାକୁ ହୋଇଥାଏ । ଚାଲନ୍ତୁ ଜାଣିବା ଏମିତି କଣ ସବୁ ରହିଛି ଯାହା ଧନ କ୍ଷୟର କାରଣ ।



ଭ ଖାଇବା ସମୟରେ ମୁହଁ ପୂର୍ବ କିମ୍ବା ଉତ୍ତର ଦିଗକୁ କରି ଖାଆନ୍ତୁ । ଜୋତା ପିନ୍ଧି କେବେ ହେଲେ ଖାଆନ୍ତୁ ନାହିଁ । ଏପରି କରିବା ଦ୍ୱାରା ଧନହାନି ହୋଇଥାଏ ।

ଭ ରାତିରେ ଦହି ଖାଇବା ଅନୁଚିତ୍ । ଧନକ୍ଷୟର ଅନ୍ୟ ଏକ କାରଣ ରାତିରେ ଦହି ଖାଇବା ।

ଭ ଘରେ ଠାକୁରଙ୍କ ଠାରେ ଲାଗି ହୋଇଥିବା ଫୁଲକୁ ଅନେକ ଲୋକେ ଶୁଖିବା ପରେ ବି ସାଇତି ରଖିଥାନ୍ତି । ବାସ୍ତୁ ଅନୁସାରେ ଶୁଖିଲା ଫୁଲକୁ ଘରେ ରଖିବା ଅନୁଚିତ । ଏହା ମା ଲକ୍ଷ୍ମୀଙ୍କୁ ଅସନ୍ତୁଷ୍ଟ କରେ ।

ଭ ଘିଅ କିମ୍ବା କ୍ଷୀରକୁ ଅଇଁଠା ହାତରେ ଛୁଅନ୍ତୁ ନାହିଁ । ଘିଅ ବ୍ୟବହାର କରିବା ସମୟରେ ସୁଦ୍ଧତା ଉପରେ ଗୁରୁତ୍ୱ ଦେବା ଦରକାର । ଏପରି କରିବା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୋଇଥା'ନ୍ତି । ଆପଣଙ୍କ ଘରେ ଧନର ଅଭାବ ହୁଏନି ।

## ଶରୀର ପାଇଁ ଖୁବ ଉପକାରୀ ଗୋଲମରିଚ

ଆମ ରୋଷେଇ ଘରେ ଥିବା ଏକ ମସଲା ହେଉଛି ଗୋଲ ମରିଚ । ଏହା ପାଟିକୁ ରାଗ ଲାଗୁଥିଲେ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ । ବିଶେଷଜ୍ଞଙ୍କ କହିବା ଅନୁସାରେ ଗୋଲମରିଚ ଖାଇଲେ ଆୟୁଷ ବଢିଥାଏ । ଗୋଲମରିଚରେ ଆଇରନ୍,ପୋଟାସିୟମ୍, ଫସଫରସ୍, ମାଙ୍ଗାନିଜ୍, ଜିଙ୍କ୍, କ୍ରୋମିୟମ୍, ଭିଟାମିନ୍-ଏ ଓ 'ସି'ଭଳି ଅନେକ ପୋଷକ ତତ୍ତ୍ୱ ରହିଛି, ଯାହା ଶରୀର ପାଇଁ ଖୁବ ଉପକାରୀ ।



♦ ଗବେଷଣା ଅନୁସାରେ ଯେଉଁ ବ୍ୟକ୍ତି ନିଜ ଖାଦ୍ୟରେ ଗୋଲମରିଚକୁ ସାମିଲ କରନ୍ତି, ଅନ୍ୟମାନଙ୍କ ତୁଳନାରେ ସେମାନଙ୍କ ବୟସ ୮.୨ ବର୍ଷ ବଢିଯାଇଥାଏ । ଗୋଲମରିଚ ଦେହ ପାଇଁ ଭଲ, କିନ୍ତୁ ବିଶେଷଜ୍ଞଙ୍କ ମତରେ ଏହାକୁ ଗରମ କରି ଖାଇଲେ ଅଧିକ ସୁଫଳ ମିଳିଥାଏ ।

♦ ଗୋଲମରିଚରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ କ୍ୟାନସର ଓ କାର୍ଡିଓଭାସ୍କୁଲାର ରୋଗ ସହିତ ଲଢେଇ କରିଥାଏ । ତେଣୁ ଆପଣଙ୍କ ହାର୍ଟ ସୁସ୍ଥ ରହିଥାଏ । ସେଥିପାଇଁ ପ୍ରତ୍ୟେକ ଦିନ ନିଜ ଡାଏଟରେ ଗୋଲମରିଚକୁ ସାମିଲ କରିବା ପାଇଁ ଆୟୁର୍ବେଦିକ ଡାକ୍ତର ପରାମର୍ଶ ଦେଇଥାନ୍ତି ।

♦ ଯଦି ଭୋକ ଲାଗୁନାହିଁ, ତେବେ ଗୋଲମରିଚକୁ ଉଷୁମ ପାଣିରେ ପକାଇ ପିଇବା ଦ୍ୱାରା ଭୋକ ବଢିଥାଏ ।

♦ ସେହିପରି ଋତୁସ୍ରାବ ସମୟରେ ହେଉଥିବା ଯନ୍ତ୍ରଣାକୁ ମ୍ କରିବା ପାଇଁ ଗୋଲମରିଚ ସବୁଠୁ ଭଲ । ଏହି ସମୟରେ ଗୋଲମରିଚ ଓ ସୁଣ୍ଠିକୁ ଉଷୁମ ପାଣି ସହିତ ପିଇଲେ ପେଟ ଯନ୍ତ୍ରଣା କମ୍ ହୋଇଥାଏ ।

♦ ଗ୍ୟାସ, ଅଜୀର୍ଣ୍ଣ କିମ୍ବା କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ଗୋଲମରିଚ ମୁକ୍ତି ଦେଇଥାଏ । ଗୋଲମରିଚ ଶରୀରରେ ପାଚନ କ୍ରିୟାକୁ ସନ୍ତୁଳିତ ରଖିଥାଏ । ତେଣୁ ପେଟ ଫୁଲିବା, ଗ୍ୟାସ, ଅଜୀର୍ଣ୍ଣ କିମ୍ବା କୋଷ୍ଠ କାଠିନ୍ୟ ସମସ୍ୟା ଦୂର ହୋଇଥାଏ ।

## ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ିର ମହତ୍ୱ





ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ି ଏକ ମୁଖ୍ୟ ଶୃଙ୍ଗାର ଦ୍ରବ୍ୟ ଅଟେ । ମାତ୍ର ଏହା କେବଳ ସୌନ୍ଦର୍ଯ୍ୟ ଓ ଶୃଙ୍ଗାର ପାଇଁ ନୁହେଁ ବରଂ ଉତମ ସ୍ୱାସ୍ଥ୍ୟ ପାଇଁ ଏହା ଖୁବ ଲାଭଦାୟକୟ ।


ମାନସିକ ସନ୍ତୁଳନ:
ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କର ମାନସିକ ସନ୍ତୁଳନ ସଠିକ ରହିଥାଏ । ବୈଜ୍ଞାନିକଙ୍କ ମତାନୁଯାୟୀ କାଚ ଚୁଡ଼ି ମଧ୍ୟରୁ ହେଉଥିବା ଶବ୍ଦ ବାତାବରଣରେ ଥିବା ନକରାତ୍ମକ ଶକ୍ତିକୁ ନଷ୍ଟ କରିଥାଏ । ଏହାସହ ଚୁଡ଼ି ବାତାବରଣରେ ସକରାତ୍ମକ ଶକ୍ତି ସଂଚାର କରିଥାଆନ୍ତି ।

ଥକ୍କାପଣ ଦୂର କରିଥାଏ :
ଚୁଡ଼ି ଯୋଗୁଁ ସୃଷ୍ଟି ହେଉଥିବା ଘର୍ଷଣ ଦ୍ୱାରା ଶରୀରରେ ଶକ୍ତି ସୃଷ୍ଟି ହୋଇଥାଏ । ଯାଦ୍ୱାରା ମହିଳାମାନେ ଶୀଘ୍ର ଥକ୍କାପଣ ଅନୁଭବ କରନ୍ତି ନାହିଁ ।

ଶ୍ୱାସ ରୋଗ:
ସୁନା ଓ ରୂପା ଚୁଡ଼ି ପିନ୍ଧିବା ଦ୍ୱାରା ମଧ୍ୟ ଏଥିରେ ଥିବା ଧାତୁ ଶରୀର ପାଇଁ ଖୁବ ଉପକାରୀ ହୋଇଥାଏ । ହସ୍ତରେ ସୁନା, ରୂପା , କାଚ ଆଦି ଚୁଡ଼ି ଧାରଣ କରିବା ଦ୍ୱାରା ମହିଳାମାନଙ୍କର ଶ୍ୱାସ, ହୃଦ ରୋଗ ହେବାର ସମ୍ଭାବନା ଖୁବ କମ ଥାଏ ।

ହରମୋନ ସନ୍ତୁଳନ କରିଥାଏ :
ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କ ଶରୀରରେ ହରମୋନ ସଠିକ ସ୍ତରରେ କ୍ଷରଣ ହୋଇଥାଏ ।

ରକ୍ତ ପ୍ରବାହ :
ଚୁଡ଼ି ପିନ୍ଧିବା ଦ୍ୱାରା ଏହା ହସ୍ତରେ ଘର୍ଷଣ ହୋଇ ହାତରେ ରକ୍ତ ସଂଚାଳନ ସୁଚାରୁ ରୂପେ କରିଥାଏ ।



## ଏହି ଅଭ୍ୟାସ କାରଣରୁ ଦୁର୍ବଳ ହୋଇଥାଏ ହାଡ

ସୁସ୍ଥ ରହିବା ପାଇଁ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇବା ସହ ନିଜର କିଛି ନିତିଦିନିଆ ଅଭ୍ୟାସ ଉପରେ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ । ଶରୀରର ସମସ୍ତ ଅଙ୍ଗ ସଠିକ୍



ଭାବେ କାମ କରିବା ପାଇଁ ଦୈନନ୍ଦିନ କାର୍ଯ୍ୟକଳାପ ପ୍ରତି ଧ୍ୟାନ ଦେବା ଉଚିତ । ଅନେକ ସମୟରେ ଏପରି ହୋଇଥାଏ, କିଛି ଅଭ୍ୟାସ କାରଣରୁ ହାଡ ଦୁର୍ବଳ ହେବାକୁ ଲାଗିଥାଏ । ବିଶେଷ କରି ବୟସ ବଢିବା ସହ ଏହି ସମସ୍ୟା ଅଧିକ ଦେଖାଯାଏ । ମାତ୍ର ବର୍ତ୍ତମାନ ସମୟରେ ଏହା ଅଧିକାଂଶଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି । କିଛି ଖରାପ ଅଭ୍ୟାସ ହାଡ ଉପରେ ଅନେକ ପ୍ରଭାବ ପକାଇଥାଏ ।

ସଠିକ୍ ଭାବେ ଖାଦ୍ୟ ସେବନ ନକରିବା,ଖରାପ ଜୀବନଶୈଳୀ କାରଣରୁ କମ୍ ବୟସରେ ମଧ୍ୟ ହାଡ ଜନିତ ସମସ୍ୟା ଦେଖାଯାଉଛି । ହାଡ ଦୁର୍ବଳ ହେବାକୁ ଆରମ୍ଭ କରୁଛି । ହାଡ ଗୁଡିକ ଦୁର୍ବଳ ହେବା ଦ୍ୱାରା ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିଥାଏ । କିଛି ଅଭ୍ୟାସ କାରଣରୁ ଶରୀର କ୍ୟାଲସିୟମ ଓ ଭିଟାମିନ୍ ଡିର ଅଭାବ ହୋଇଥାଏ । ଜାଣନ୍ତୁ..

ଶରୀରର ହାଡ ଦୁର୍ବଳ ହେବାକୁ ଆରମ୍ଭ କଲେ,ପ୍ରଥମେ ନିଜ ଖାଦ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ଖାଦ୍ୟରେ କ୍ୟାଲସିୟମ ଓ ଭିଟାମିନ ଡି ଯୁକ୍ତ ଖାଦ୍ୟର ଅଭାବ ଥିଲେ ହାଡ ଦୁର୍ବଳ ହୋଇଯାଏ । ଜଙ୍କ୍ ଫୁଡ୍ ସ୍ୱାସ୍ଥ୍ୟ ଉପରେ ଅନେକ ପ୍ରଭାବ ପକାଇଥାଏ । ନିୟମିତ ଭାବେ ଏଭଳି ଖାଦ୍ୟର ସେବନ କରିବା ଦ୍ୱାରା କମ୍ ବୟସରେ ମଧ୍ୟ ହାଡ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ । ତେଣୁ ନିୟମିତ କ୍ଷୀର ପିଅନ୍ତୁ । ଏହାଦ୍ୱାରା କ୍ୟାଲସିୟମ ଅଭାବ ପୂରଣ ହୋଇଥାଏ ।

ଅଧିକାଂଶ କାର୍ଯ୍ୟାଳୟ ହେଉ ଅଥବା ଘରେ କାମ କରିବା କାରଣରୁ ଥକ୍କାପଣ ପାଇଁ ବ୍ୟାୟାମ ପ୍ରତି ଧ୍ୟାନ ଦେଇ ନଥାଆନ୍ତି । ଅଫିସରେ ଚେୟାରରେ ବସି ଘଣ୍ଟା ଘଣ୍ଟା କାମ କରିଥାଆନ୍ତି । ଏହାଦ୍ୱାରା ହାଡ ଦୁର୍ବଳ ହୋଇଥାଏ । ତେଣୁ ନିୟମିତ ଭାବେ ୩୦ ମିନିଟ୍ ଯାଏଁ ବ୍ୟାୟାମ କରନ୍ତୁ ।

# ଗାଁ ରେ ପହଂଚିବ ଅପ୍ଟିକାଲ ଫାଇବର ଇଂଟରନେଟ

## ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ



ଭୁବନେଶ୍ୱର,୩୧।୭(ମହାଭାରତ): ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ରାଜ୍ୟର ୬,୭୯୯ଟି ଗ୍ରାମ ପଂଚାୟତକୁ ଆଇପି ଏମ୍ପିଏଲଏସ ପ୍ରଯୁକ୍ତି ସହ ରିଂ ଟୋପୋଲୋଜିରେ ଅପଗ୍ରେଡ୍ କରାଯିବ । ଗ୍ରାମ ସ୍ତର ପର୍ଯ୍ୟନ୍ତ ଏଫଟିଟିଏଚ୍ (ଫାଇବର ଟୁ ଦ ହୋମ୍ ) ସଂଯୋଗ ବିସ୍ତାର କରାଯିବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଡିଜିଟାଲ ଇଣ୍ଡିଆ ମିଶନରେ 'ଭାରତ ନେଟ୍ ପରିଯୋଜନା' ଫେଜ୍-୩ର ଗ୍ରାମୀଣ ଓଡ଼ିଶାକୁ ଡିଜିଟାଲ୍ ଭାବେ ସଶକ୍ତ କରିବା ଦିଗରେ ଭାରତନେଟ୍ ପ୍ରକଳ୍ପ ହାଇସ୍ପିଡ ଇଂଟରନେଟ୍ ସେବା ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, ଇ-ଗଭର୍ନାନ୍ସ ଓ ଡିଜିଟାଲ୍ ଅର୍ଥନୀତିକୁ ଗ୍ରାମ ସ୍ତରରେ ଆହୁରି ସୁଦୃଢ଼ କରାଯିବା ପାଇଁ କେନ୍ଦ୍ର ସରକାର ଓଡ଼ିଶା ପ୍ରଦେଶରେ ପ୍ରାୟ ୩୩୩୮୪ କୋଟିର ଅଧିକ ଟଙ୍କା ଖର୍ଚ୍ଚ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତତ୍ତ୍ୱାବଧାନରେ ଏହାକୁ ଆଗାମୀ ୩ ବର୍ଷରେ ଶେଷ କରାଯିବ । ଏହା ଅଧୀନରେ ୫୦ ହଜାରରୁ ଅଧିକ ଗାଁକୁ ଇଂଟରନେଟ ସେବା ଉପଲବ୍ଧ କରାଯିବ ବୋଲି କହିଛନ୍ତି ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ । ବ୍ଲକକୁ ଗୋଟିଏ ୟୁନିଟ ହିସାବରେ ବ୍ଲକ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇ, ସେଠାରୁ ପଂଚାୟତକୁ ଯୋଡି ପଂଚାୟତ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର କରାଯିବ ଓ ପଂଚାୟତରୁ ଗାଁର ଘରକୁ ଘର ସଂଯୋଗ କରାଯିବ। ଏହି ବ୍ୟବସ୍ଥାରେ ପ୍ରତ୍ୟେକ ବ୍ଲକକୁ ଡାଟା ଏକ୍ସଚେଞ୍ଜ ସେଂଟର ଏବଂ ପ୍ରତ୍ୟେକ ଗ୍ରାମ ପଂଚାୟତ ସ୍ତରରେ ମଧ୍ୟ ଏକ ଡାଟା ଏକ୍ସଚେଞ୍ଜ ସେଣ୍ଟର ଭାବେ ବିକଶିତ କରାଯିବ । ସରକାରଙ୍କ ସଂକଳ୍ପ ପତ୍ର ଅନୁସାରେ ଆଜି ଡିଜିଟାଲ୍ ଭିତିଭୂମିକୁ ଅଧିକ ସୁଦୃଢ଼ କରିବା, ଉନ୍ନତ ପ୍ରଯୁକ୍ତିର ପ୍ରସାର ଏବଂ ନାଗରିକମାନଙ୍କୁ ଉନ୍ନତମାନର ଡିଜିଟାଲ୍ ସେବା ପ୍ରଦାନ କରିବା ଲକ୍ଷ୍ୟରେ ଆଜି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ନିଶ୍ଚିତ ରୂପେ ବାସ୍ତବ ରୂପ ନେଇଛି ବୋଲି ମନ୍ତ୍ରୀ କହିଛନ୍ତି । ପ୍ରଥମ ବୁଝାମଣା ପତ୍ରଟି ଓଡ଼ିଶାରେ ସଂଶୋଧିତ ଭାରତନେଟ୍ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଡିଜିଟାଲ ଭାରତ ନିଧି, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ, ଭାରତ ସରକାରଙ୍କ ଦୂରସଂଚାର ବିଭାଗ ଏବଂ ବିଏସଏନଏଲ ମଧ୍ୟରେ ତ୍ରିପକ୍ଷୀୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି।

ଏହା ସହିତ ଉଦୀୟମାନ ପ୍ରଯୁକ୍ତି, ଗବେଷଣା ଏବଂ ଡିଜିଟାଲ୍ ଶାସନ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇଁ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଏବଂ ସି-ଡ୍ୟାକ୍ ମଧ୍ୟରେ ଅନ୍ୟ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗ ମାଧ୍ୟମରେ କୃତ୍ରିମ ବୁଦ୍ଧିମତା , ସାଇବର ସୁରକ୍ଷା କ୍ଷେତ୍ର ସହ ନାଗରିକ ସେବା ଅଧିକ ଦ୍ରୁତ, ପାରଦର୍ଶୀ, ସୁରକ୍ଷିତ ଓ ସୁଗମ ସରକାରୀ ସେବା ଯୋଗାଇବାରେ ଏହି ପଦକ୍ଷେପ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏହି ଦୁଇ ବୁଝାମଣା ପତ୍ର ରାଜ୍ୟର ଡିଜିଟାଲ୍ ପରିବର୍ତ୍ତନକୁ ନୂତନ ଗତି ପ୍ରଦାନ କରିବା ସହିତ ଓଡ଼ିଶାକୁ ଏକ ଆଧୁନିକ, ସଂଯୋଜିତ ଏବଂ ପ୍ରଯୁକ୍ତି-ସମୃଦ୍ଧ ରାଜ୍ୟ ଭାବେ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

## ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦାବିରେ ୯ରେ ଯୁବଛାତ୍ର ସମାବେଶ

ଭୁବନେଶ୍ୱର,୩୧।୭(ମହାଭାରତ): ଓଡ଼ିଶାର ନୂଆ ପାଠ୍ୟ ପୁସ୍ତକରେ ୧୬୭୮ ତ୍ରୁଟି ଏବଂ ଦୁର୍ନୀତିକୁ ନେଇ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦାବୀ କରି ଅଗଷ୍ଟ ୯ କ୍ରାନ୍ତି ଦିବସରେ ଏକ ରାଜ୍ୟ ସ୍ତରୀୟ ଯୁବଛାତ୍ର ସମାବେଶ ଭୁବନେଶ୍ୱର ଲୋୟର ପିଏମଜିରେ ଅନୁଷ୍ଠିତ ହେବ ବୋଲି ବୁଧବାର ନବନିର୍ମାଣ ରାଜ୍ୟ କାର୍ଯ୍ୟାଳୟରେ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡ଼ି ମନଓ୍ୱର ଅଲ୍ଲୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଓଡ଼ିଶା ସରକାର ଜଳ, ଜଙ୍ଗଲ, ଜମି ଓ ଖଣିକୁ ଆମ୍ବାନୀ, ଆମ୍ବାନୀ, ଟାଟା, ବିର୍ଲା, ଜିନ୍ଦଲ, ବେଦାନ୍ତ କାମ୍ପାନୀ ହାତରେ ଟେକିଦେଇଛନ୍ତି, ଆଦିବାସୀଙ୍କୁ ବିସ୍ଥାପନର ଶିକାର କରି ଦାଦନ ଯିବା ପାଇଁ ବାଧ କରିବା ସହ ଭିକାରୀ କରିଛନ୍ତି। ଯେଉଁ ଓଡ଼ିଶାରୁ ବାହାର ରାଜ୍ୟରୁ କମ୍ପାନୀ ଆସି ଶସ୍ତାରେ ଜଳ, ଜଙ୍ଗଲ, ଜମି, ଖଣି ନେଇ ମାଲେମାଲେ ହେଉଛନ୍ତି, ସେହି ଓଡ଼ିଶାରୁ ୫୦ ଲକ୍ଷ ଯୁବକ କାହିଁକି ଦାଦନ ଯାଉଛନ୍ତି ? ପିଲାଙ୍କର ଭବିଷ୍ୟତକୁ ନଷ୍ଟ କରିଦେଲେ, ସ୍କୁଲ ଅଛିତ ବିଲ୍ଡିଂ ନାହିଁ, ବିଲ୍ଡିଂ ଥିଲେ ଶିକ୍ଷକ ନାହିଁ। ସରକାର ଯୋଗାଉଥିବା ପାଠ୍ୟ ପୁସ୍ତକରେ ୧୬୭୮ ତ୍ରୁଟି ପରିଲକ୍ଷିତ ହୋଇଛି, ଯେଉଁଥିରେ ୨୦୦ କୋଟି ଟଙ୍କା ଦୁର୍ନିତୀ ହୋଇଛି।

## ପୁରୀ ରଥଯାତ୍ରାର ସଫଳ ପରିଚାଳନା

## ସ୍ୱାସ୍ଥ୍ୟକର୍ମୀ ଓ ସମସ୍ତ ଜରୁରୀକାଳୀନ ସେବା କର୍ମଚାରୀଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଧନ୍ୟବାଦ ଜ୍ଞାପନ

ଭୁବନେଶ୍ୱର,,୩୧।୭(ମହାଭାରତ): ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ୨୦୨୬ର ସୁରକ୍ଷିତ, ଶୃଙ୍ଖଳିତ ଓ ସଫଳ ଆୟୋଜନ ପାଇଁ ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଡାକ୍ତର, ନର୍ସ, ପାରାମେଡିକାଲ କର୍ମଚାରୀ, ଆମ୍ବୁଲାନ୍ସ କର୍ମୀ, ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଦଳ ତଥା ଦିନରାତି ନିରନ୍ତର କାର୍ଯ୍ୟରତ ଥିବା ସମସ୍ତ ଜରୁରୀକାଳୀନ ସେବା ସହ ଜଡ଼ିତ ଅଧିକାରୀ ଓ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ।

ସେ କହିଛନ୍ତି ଯେ, ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯେଉଁଭଳି ସୁଚିନ୍ତିତ ଯୋଜନା, ତ୍ୱରିତ ଚିକିତ୍ସା ସେବା, ଆମ୍ବୁଲାନ୍ସ ବ୍ୟବସ୍ଥା, ନିରନ୍ତର ସ୍ୱାସ୍ଥ୍ୟ ନିରୀକ୍ଷଣ କରାଯାଇଛି, ତାହା ଅତ୍ୟନ୍ତ ପ୍ରଶଂସନୀୟ । ଏହା ପଛରେ ଥିବା ପ୍ରତ୍ୟେକ ସ୍ୱାସ୍ଥ୍ୟକର୍ମୀଙ୍କ ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ଜନସେବା ପ୍ରତି ସମର୍ପଣ ହିଁ ଏହି ସଫଳତାର ମୂଳ ଆଧାର। ପ୍ରବଳ ଭିଡ଼, ଚ୍ୟାଲେଞ୍ଜପୂର୍ଣ୍ଣ ପରିସ୍ଥିତି ଏବଂ ଦୀର୍ଘ ସମୟର ନିରବଚ୍ଛିନ୍ନ କାର୍ଯ୍ୟ ସତ୍ତ୍ୱେ ଡାକ୍ତର, ନର୍ସ, ପାରାମେଡିକାଲ କର୍ମଚାରୀ, ସ୍ୱାସ୍ଥ୍ୟ ଅଧିକାରୀ ନିଜ କର୍ତ୍ତବ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଭକ୍ତମାନଙ୍କୁ ତୁରନ୍ତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଥିବାରୁ ସେ ସମସ୍ତଙ୍କପ୍ରତି ଧନ୍ୟବାଦ ଜ୍ଞାପନ କରିଛନ୍ତି । ମନ୍ତ୍ରୀ ଓଡ଼ିଶା ପୋଲିସ, ଅଗ୍ନିଶମ ସେବା, ଓଡ୍ରାଫ୍, ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ (ଏନ୍‌ଡିଆରଏଫ୍), ଶ୍ରୀ ମନ୍ଦିର ପ୍ରଶାସନ, ପୁରୀ ଜିଲ୍ଲା ପ୍ରଶାସନ, ପୌର ପ୍ରଶାସନ, ବିଦ୍ୟୁତ, ପାନୀୟ ଜଳ, ପରିବହନ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ରଥଯାତ୍ରାରେ ନିୟୋଜିତ ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥାର କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମକୁ ମଧ୍ୟ ଉଚ୍ଚ ପ୍ରଶଂସା କରିଛନ୍ତି।

## ନିଗମ କଳ୍ପତରୁ ଆଶ୍ରମରେ ପବିତ୍ର ଗୁରୁପୂର୍ଣ୍ଣିମା ଉତ୍ସବ

ଭୁବନେଶ୍ୱର,୩୧।୭(ମହାଭାରତ):ସ୍ଥାନୀୟ ରୁଦ୍ରବିହାରସ୍ଥିତ ନିଗମ କଳ୍ପତରୁ ଆଶ୍ରମ ଠାରେ ଡ଼ଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ଦ୍ୱାରା ସଂଯୋଜନା ଓ ଆନନ୍ଦ ଚୈତନ୍ୟ ବ୍ରହ୍ମଚାରୀ ବାବାଙ୍କ ଦ୍ୱାରା ପରିଚାଳନାରେ 'ଗୁରୁପୂର୍ଣ୍ଣିମା ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ଡ଼ଃ ବୁଦ୍ଧଦେବ ମିଶ୍ର, ବରିଷ୍ଠ ସାମ୍ବାଦିକ, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ପ୍ରଗତିବାଦୀର କାର୍ଯ୍ୟକାରୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ଭାଷାପ୍ରାଣ ଅମରେନ୍ଦ୍ର ମହାପାତ୍ର, ବିଶିଷ୍ଟ ଲେଖକ ବୈଷ୍ଣବ ଚରଣ ସାମଲ, ସଂସ୍କୃତି ଗବେଷକ ଡ଼ଃ ହରେକୃଷ୍ଣ ଶତପଥୀ, ବରିଷ୍ଠ ସାମାଜିକ କର୍ମୀ, ପତ୍ରକାର କ୍ରାନ୍ତି କୁମାର ସାକସେନା, ଲକ୍ଷ୍ମୀଧର ବେହେରା, ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ, ବରିଷ୍ଠ ସାମ୍ବାଦିକ ଗୁରୁକଲ୍ୟାଣ ମହାପାତ୍ର ପ୍ରମୁଖ ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଉପସ୍ଥିତ ଥିଲେ। ପ୍ରାତଃ ସମୟରେ ପହୁଡ଼ ଉନ୍ମୋଚନ, ଗୁରୁପୂଜା, ବାଲ୍ୟ ପ୍ରସାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତତ୍‌ପରେ ସତସଙ୍ଗ, ଭଜନ ସମାରୋହ କଳାକାର ମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା ଶ୍ରୀ ଶତପଥୀ ଓ ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ ଯେ ଭଗବାନ ବିଷ୍ଣୁଙ୍କ ଅବତାର ବ୍ୟାସ ଦେବଙ୍କ ଭୂମିଷ୍ଠ ଦିବସକୁ ବ୍ୟାସ ପୂର୍ଣ୍ଣିମା ବା ଗୁରୁପୂର୍ଣ୍ଣିମା ରୂପେ ପାଳନ କରାଯାଇଥାଏ। ପୁରାଣ ଶାସ୍ତ୍ର ମାନଙ୍କରେ ଗୁରୁଙ୍କ ସ୍ଥାନ ସବୁଠାରୁ ଉଚ୍ଚରେ ଥିବା କୁହାଯାଇଛି। ଶ୍ରୀକୃଷ୍ଣଙ୍କ ଗୁରୁ ସନ୍ଦୀପନି, ପାଣ୍ଡବ ଓ କୌରବଙ୍କ ଦ୍ରୋଣାଚାର୍ଯ୍ୟ, ଦେବତାଙ୍କ ବୃହସ୍ପତି, ଦୈତ୍ୟ ମାନଙ୍କ ଶୁକ୍ରାଚାର୍ଯ୍ୟ ପ୍ରମୁଖ ଜ୍ୱଳନ୍ତ ଉଦାହରଣ। ଯୋଗୀଶ୍ୱର ଭଗବାନ ଶ୍ରୀକୃଷ୍ଣ ଓ ଦେବଦେବ ମହାଦେବ ସମସ୍ତ ସଂସାରର ଗୁରୁ ରୂପେ ପୂଜା ପାଇ ଆସୁଛନ୍ତି।

ଅନ୍ଧାରରୁ ଆଲୋକକୁ ନେବା ସହିତ, ଶିକ୍ଷା, ସଂସ୍କାର, ନୀତି, ନୈତିକତା ପ୍ରମୁଖ ଗୁରୁ ଆମକୁ ପ୍ରଦାନ କରନ୍ତି। ପିତା, ମାତା, ଶିକ୍ଷକ, ଦୀକ୍ଷାଗୁରୁଙ୍କ ସମ୍ପର୍କରେ କହିବାର ଯୋଗ୍ୟତା କାହାର ବି ନାହିଁ। ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର ଗୁରୁ ସାକ୍ଷାତ ପରମବ୍ରହ୍ମ ତସମୈଶ୍ରୀ ଗୁରୁବେ ନମଃ। ଉକ୍ତ ପରମ୍ପରା ଆମର ବହୁ ପୁରାତନ ଓ ସଂସ୍କୃତି ସମ୍ପନ୍ନ। ଆଦର୍ଶ ମୂଲ୍ୟବୋଧ, ଚରିତ୍ର ଗଠନ, ଜ୍ଞାନ ତଥା ସମାଜରେ ନିଜ କର୍ତ୍ତବ୍ୟ ଠିକ ଭାବେ କରି କିପରି ଜୀବନ ବଞ୍ଚିବାକୁ ହେବ ତାହାର ମାର୍ଗ ପ୍ରଶସ୍ତ କରିଥାନ୍ତି।

## ସାଉଦି ଆରବରୁ ଫେରି ଶିଳ୍ପ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ପ୍ରଳୟ

ଭୁବନେଶ୍ୱର,୩୧।୭(ମହାଭାରତ): ସାଉଦି ଆରବରେ ଫସିଥିବା ଓଡ଼ିଆ ଯୁବକ ପ୍ରଳୟ ରଞ୍ଜନ ମହାପାତ୍ର ଓଡିଶା ଫେରିଛନ୍ତି। ଏଥିପାଇଁ ସେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମନ୍ତ୍ରୀଙ୍କ ଉଦ୍ୟମ ଯୋଗୁଁ ହିଁ ସେ ଏତେଶୀଘ୍ର ଘରକୁ ଫେରିଥିବା କହିଛନ୍ତି। ପ୍ରଳୟ ଏବଂ ତାଙ୍କ ପରିବାର ଲୋକେ ମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି କୃତଜ୍ଞତା ଜଣାଇଛନ୍ତି। ଏହାସହ ତ୍ୱରିତ ହସ୍ତକ୍ଷେପ ପାଇଁ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଏବଂ ଜେଦ୍ଦାହସ୍ଥିତ ଭାରତୀୟ ଦୂତାବାସଙ୍କୁ ଧନ୍ୟବାଦ ଜଣାଇଛନ୍ତି ।ଜଗତସିଂହପୁର ଜିଲ୍ଲାର ପ୍ରଳୟ ରଞ୍ଜନ ମହାପାତ୍ର ଗତ ୨୪.୦୫.୨୦୨୪ରେ ସାଉଦି ଆରବ ଯାଇଥିଲେ । ସେଠାରେ ସେ 'ମଜାଦ୍ ଅଲ୍-ହରବି' କୋ. ନାମକ ଏକ କମ୍ପାନୀରେ ହୁଇଲ୍ ଲୋଡର୍ ଡ୍ରାଇଭର ଭାବେ କାମ କରୁଥିଲେ । ତେବେ ଗତ ୩୦.୦୪.୨୦୨୬ରେ ଉକ୍ତ କମ୍ପାନୀ ଏବଂ ପ୍ରଳୟ ରଞ୍ଜନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅବଧି ଶେଷ ହୋଇଥିଲା। କାର୍ଯ୍ୟ ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସମ୍ପୃକ୍ତ କମ୍ପାନୀ ପ୍ରଳୟଙ୍କୁ ଭାରତ ଫେରିବାକୁ ଅନୁମତି ଦେଉନଥିଲେ। ପ୍ରଳୟଙ୍କ ମାଆ ପ୍ରତିମା ସେଠୀ ଏନେଇ ମନ୍ତ୍ରୀଙ୍କୁ ଜଣାଇବା ସହ ପୁଅକୁ ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ। ଏହାପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ ମନ୍ତ୍ରୀ ଶ୍ରୀ ସ୍ୱାଇଁ।

## ବାଘ ସୁରକ୍ଷା ପାଇଁ ନବୀନଙ୍କ ଆହ୍ୱାନ

ଭୁବନେଶ୍ୱର,୩୧।୭(ମହାଭାରତ):ବାଘ ସୁରକ୍ଷା ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆହ୍ୱାନ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ବାଘ ପୃଥିବୀର ସବୁଠାରୁ ଆକର୍ଷଣୀୟ ଓ ପ୍ରତୀକାତ୍ମକ ବନ୍ୟପ୍ରାଣୀମାନଙ୍କ ମଧ୍ୟରୁ ଅନ୍ୟତମ। ଏହା ଭାରତର ସାଂସ୍କୃତିକ ଐତିହ୍ୟର ମଧ୍ୟ ଏକ ଗର୍ବର ପ୍ରତୀକ। ଓଡ଼ିଶା ହେଉଛି ବିଶ୍ୱର ଏକମାତ୍ର ସ୍ଥାନ, ଯେଉଁଠାରେ ବନ୍ୟ ପରିବେଶରେ ମେଲାନିଷ୍ଟିକ୍ (କଳା) ବାଘ ଦେଖିବାକୁ ମିଳେ।

ଆନ୍ତର୍ଜାତୀୟ ବାଘ ଦିବସ ଅବସରରେ ଆସନ୍ତୁ, ଏହି ମହାନ ବୃହତ୍ ବିଲେଇ ପ୍ରଜାତିର ପ୍ରାଣୀ ଓ ସେମାନଙ୍କର ବାସସ୍ଥାନର ସୁରକ୍ଷା ପାଇଁ ଆମେ ସମସ୍ତେ ହାତ ମିଳାଇବା, ଯାହାଫଳରେ ସେମାନେ ପ୍ରକୃତିରେ ସୁରକ୍ଷିତ ଭାବେ ବଞ୍ଚି ରହିବା ସହ ନିରନ୍ତର ବଂଶବୃଦ୍ଧି କରିପାରିବେ।

## ବାଘ ସୁରକ୍ଷା ପାଇଁ ସଂକଳ୍ପକୁ ଦୋହରାଇଲେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।୭(ମହାଭାରତ): ଅନ୍ତର୍ଜାତୀୟ ବାଘ ଦିବସରେ ବାଘ ସୁରକ୍ଷା ପାଇଁ ସଂକଳ୍ପକୁ ଦୋହରାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅନ୍ତର୍ଜାତୀୟ ବାଘ ଦିବସ ଅବସରରେ ଆସନ୍ତୁ, ପ୍ରକୃତିର ଅନ୍ୟତମ ଅତ୍ୟନ୍ତ ଗୌରବମୟ ପ୍ରାଣୀ ବାଘର ସୁରକ୍ଷା ପାଇଁ ଆମର ସଂକଳ୍ପକୁ ପୁନର୍ବାର ଦୃଢ଼ କରିବା ।ଓଡ଼ିଶାର ସମୃଦ୍ଧ ଜଙ୍ଗଲ ଏବଂ ବାଘମାନଙ୍କର ସୁରକ୍ଷିତ ବାସସ୍ଥାନ ଆମର ସାମୂହିକ ଦାୟିତ୍ୱର ପ୍ରତୀକ। ବନ୍ୟଜନ୍ତୁ ସଂରକ୍ଷଣ, ପରିବେଶ ବ୍ୟବସ୍ଥାର ପୁନରୁଦ୍ଧାର ଏବଂ ଆଗାମୀ ପିଢ଼ି ପାଇଁ ଜୈବ ବିବିଧତାର ସୁରକ୍ଷା ନିମନ୍ତେ ଆସନ୍ତୁ, ଆମେ ସମସ୍ତେ ମିଳିତ ଭାବେ ଅଙ୍ଗୀକାରବଦ୍ଧ ହେବା ।ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି ଯେ, ଆନ୍ତର୍ଜାତୀୟ ବାଘ ଦିବସ ଅବସରରେ ଆସନ୍ତୁ, ଆମର ମହାନ ବାଘ ଏବଂ ସେମାନଙ୍କର ବାସସ୍ଥାନର ସୁରକ୍ଷା ପାଇଁ ଆମର ସଂକଳ୍ପକୁ ଆହୁରି ଦୃଢ଼ କରିବା ।ଆସନ୍ତୁ, ସମସ୍ତେ ମିଳିମିଶି ଆମର ଜଙ୍ଗଲ, ସମୃଦ୍ଧ ଜୈବ ବିବିଧତା ଏବଂ ପ୍ରାକୃତିକ ଐତିହ୍ୟର ସୁରକ୍ଷା କରିବା।

## ପବିତ୍ର ଗୁରୁ ପୂର୍ଣ୍ଣିମାର ଶୁଭେଚ୍ଛା

ଭୁବନେଶ୍ୱର୩୧।୭(ମହାଭାରତ):ପବିତ୍ର ଗୁରୁ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପବିତ୍ର ଗୁରୁ ପୂର୍ଣ୍ଣିମା ତଥା ବ୍ୟାସ ପୂର୍ଣ୍ଣିମା ଅବସରରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ସନାତନ ସଂସ୍କୃତି ଓ ସମୃଦ୍ଧ ଋଷି ପରମ୍ପରାରେ ଗୁରୁ କେବଳ ମାର୍ଗଦର୍ଶକ ନୁହନ୍ତି, ବରଂ ତ୍ୟାଗ, ସଂସ୍କାର ଏବଂ ରାଷ୍ଟ୍ର-ନିର୍ମାଣର ପରମ ପ୍ରତୀକ। ଏହି ପବିତ୍ର ତିଥିରେ ଜ୍ଞାନ, ଧର୍ମ, କର୍ତ୍ତବ୍ୟବୋଧ ଏବଂ ମାତୃଭୂମି ସେବାର ଶାଶ୍ୱତ ଚେତନା ଜାଗ୍ରତ କରୁଥିବା ଆମର ବୈଚାରିକ ଆଦର୍ଶ ପରମ ପୂଜନୀୟ ଭଗବା ଧ୍ୱଜ ତଥା ଜୀବନର ବିଭିନ୍ନ କ୍ଷେତ୍ରରେ ପଥପ୍ରଦର୍ଶନ କରିଥିବା ମୋର ସମସ୍ତ ଶିକ୍ଷାଗୁରୁ, ଦୀକ୍ଷାଗୁରୁ ଏବଂ କର୍ମଗୁରୁଙ୍କ ଚରଣରେ ଶତ ଶତ ପ୍ରଣାମ ଜଣାଉଛି ।

## ନନ୍ଦନକାନନରେ ଅନ୍ତର୍ଜାତୀୟ ବାଘ ଦିବସ ପାଳିତ

ଭୁବନେଶ୍ୱର୩୧।୭(ମହାଭାରତ): ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ଆଜି ଅନ୍ତର୍ଜାତୀୟ ବାଘ ଦିବସ-୨୦୨୬ ଅବସରରେ ବିଭିନ୍ନ ସଚେତନତା, ଶିକ୍ଷାମୂଳକ ଓ ସଂରକ୍ଷଣଧର୍ମୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବାଘ ସଂରକ୍ଷଣ ସମ୍ପର୍କରେ ଜନସଚେତନତା ବୃଦ୍ଧି ଏବଂ ବନ୍ୟଜନ୍ତୁ ସୁରକ୍ଷାରେ ସାଧାରଣ ଲୋକଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଂଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ଏହି ଅବସରରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଥିଲେ ଯେ, ଅନ୍ତର୍ଜାତୀୟ ବାଘ ଦିବସ ବାଘ ଓ ଏହାର ବାସସ୍ଥଳୀର ସଂରକ୍ଷଣ ସମ୍ପର୍କରେ ଜନସଚେତନତା ସୃଷ୍ଟି ଏବଂ ସାମୂହିକ ପ୍ରୟାସକୁ ସୁଦୃଢ଼ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ମଂଚ। ଶିକ୍ଷା, ସମ୍ପ୍ରଦାୟର ସହଭାଗିତା ଏବଂ ସଂରକ୍ଷଣମୂଳକ ପଦକ୍ଷେପ ମାଧ୍ୟମରେ ନନ୍ଦନକାନନ ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନର ବାର୍ତ୍ତାକୁ ସଫଳତାର ସହ ପ୍ରସାର କରିଆସୁଛି।

କାର୍ଯ୍ୟକ୍ରମର ଅଂଶସ୍ୱରୂପ ସ୍ୱାକ୍ଷର ଅଭିଯାନ ଏବଂ ବାଘ ସଂରକ୍ଷଣ ଶପଥ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହା ମାଧ୍ୟମରେ ପରିଦର୍ଶକମାନଙ୍କୁ ଭାରତର ଜାତୀୟ ପଶୁ ବାଘ ଓ ଏହାର ବାସସ୍ଥଳୀର ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃଦୃଢ଼ କରିବାକୁ ଆହ୍ୱାନ କରାଯାଇଥିଲା। ସେହିପରି' ୧ ପ୍ରଶ୍ନ- ୧ ଉତର-୧ ପୁରସ୍କାର' ମୋବାଇଲ ସଚେତନତା ଅଭିଯାନର ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ଏହି ଅଭିନବ ପଦକ୍ଷେପ ମାଧ୍ୟମରେ ବାଘ ସଂରକ୍ଷଣ ସମ୍ପର୍କିତ ପ୍ରଶ୍ନୋତର ଓ ପୁରସ୍କାର ବ୍ୟବସ୍ଥା ଜରିଆରେ ସାଧାରଣ ଲୋକଙ୍କୁ ସଚେତନ କରାଯାଉଛି।

ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ସେମାନଙ୍କର ଉତ୍ସର୍ଗୀକୃତ ସେବାକୁ ସମ୍ମାନ ଜଣାଇ ନନ୍ଦନକାନନର ବାଘ ପରିଚର୍ଯ୍ୟାକାରୀ (ଟାଇଗର କିପର୍ସ)ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅନ୍ତର୍ଜାତୀୟ ବାଘ ଦିବସ ଅବସରରେ ଆୟୋଜିତ ସିଟ୍ ଆଣ୍ଡ ଡ୍ର' ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

ଦିବସବ୍ୟାପୀ କାର୍ଯ୍ୟକ୍ରମରେ ବାଘର ପରିଚର୍ଯ୍ୟା ଓ ସଂରକ୍ଷଣ ଉପରେ କିପର୍ସ ଟକ୍, ଶିଶୁମାନଙ୍କ ପାଇଁ କାହାଣୀ କହିବା କାର୍ଯ୍ୟକ୍ରମ, ମିନି ଜୁ କିପର୍ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବାଘର ଜୀବବିଜ୍ଞାନ, ଆଚରଣ ଓ ସଂରକ୍ଷଣ ସମ୍ପର୍କରେ ବ୍ୟବହାରିକ ଶିକ୍ଷା ପ୍ରଦାନ କରାଯାଇଥିଲା। ଏଥିସହ ବାଘ ସଂରକ୍ଷଣ ଉପରେ ବିଶେଷଜ୍ଞଙ୍କ ବକ୍ତବ୍ୟ ଏବଂ ଜୁ' ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପରିବେଷିତ ନୁକ୍କଡ଼ ନାଟକ ପରିଦର୍ଶକମାନଙ୍କ ମଧ୍ୟରେ ବାଘ ସଂରକ୍ଷଣର ବାର୍ତ୍ତା ପହଂଚାଇଥିଲା।

ଏହି କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା, ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକ ସନତ କୁମାର, ଉପ-ନିର୍ଦ୍ଦେଶକ ପ୍ରଦୀପ ମିରାସେଙ୍କ ସମେତ ଛାତ୍ରଛାତ୍ରୀ, ବନ୍ୟଜନ୍ତୁପ୍ରେମୀ, ପରିଦର୍ଶକ ଏବଂ ସଂରକ୍ଷଣ କ୍ଷେତ୍ରର ବିଶେଷଜ୍ଞମାନେ ଉପସ୍ଥିତ ଥିଲେ।

## ଆପିକଲ୍ ଦ୍ୱାରା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ବୈଠକ

ଭୁବନେଶ୍ୱର୩୧।୭(ମହାଭାରତ):: ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ନିଗମ ସଂସ୍ଥା ଦ୍ୱାରା ଭୁବନେଶ୍ୱରର ଲୋକସେବା ଭବନ କନଭେନ୍ସନ ସେଂଟର ଠାରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ବୈଠକ-୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।



ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ଓ୍ୱାମନ୍, ଏପିକଲ୍ ର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ଏସଏଲବିସି ସଂଯୋଜକ, ନାବାର୍ଡ ଓ ଆରବି.ଆଇର ଜେନେରାଲ ମ୍ୟାନେଜର, ସମସ୍ତ ଜିଲ୍ଲାର ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ଏବଂ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଯୋଗଦେଇଥିଲେ ।ସଭାକୁ ସମ୍ବୋଧିତ କରି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ କୃଷି କ୍ଷେତ୍ରକୁ ଏକ ଲାଭଦାୟକ ବ୍ୟବସାୟରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ନୂଆ କୃଷି-ଉଦ୍ୟୋଗୀମାନଙ୍କୁ ସମୟସୀମା ମଧ୍ୟରେ ଆବଶ୍ୟକ ଋଣ ଯୋଗାଇ ଦେବାରେ ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିରେ ରାଜ୍ୟର ସମସ୍ତ ବ୍ୟାଙ୍କ ସହଯୋଗ କରନ୍ତୁ।

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଯୁବକ, ମହିଳା ଉଦ୍ୟୋଗୀ ଓ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେସନ ମାନଙ୍କୁ ସହାୟତା କରିଥିବାରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏପିକଲ୍ ର ପ୍ରଶଂସା କରିଥିଲେ। ରାଜ୍ୟରେ କୃଷି-ବ୍ୟବସାୟକୁ ଆଗକୁ ନେବା ପାଇଁ ସରକାର ଆଗାମୀ ୫ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଏପିକଲ୍ କୁ ୨,୪୯୬.୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି କହିଥିଲେ।

ଏହି ବୈଠକରେ କୃଷି-ଉଦ୍ୟୋଗୀଙ୍କୁ ସହଜରେ ଋଣ ଦେବା, ବ୍ୟାଙ୍କ ଓ ସରକାରୀ ସଂସ୍ଥା ମଧ୍ୟରେ ଉତମ ସମନ୍ୱୟ ରଖିବା ଏବଂ ଗାଁର ଯୁବକ ଓ ମହିଳାମାନଙ୍କୁ କୃଷି-ବ୍ୟବସାୟରେ ଅଧିକରୁ ଅଧିକ ସାମିଲ କରିବା ନେଇ ଆଲୋଚନା ହୋଇଥିଲା। ବିଭିନ୍ନ ବ୍ୟାଙ୍କ ଓ ବ୍ୟାଙ୍କ ଅଧିକାରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ବନ୍ୟା ପରିସ୍ଥିତି ମୁକାବିଲାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ଭୁବନେଶ୍ୱର,୩୧।୭(ମହାଭାରତ): ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ, ବନ୍ୟା ଜଳରେ ଭାସିଯାଇ ୪ ଜଣଙ୍କ ମୃତ୍ୟୁ ହୋଇଥିବା ରାଜ୍ୟ ସରକାର ସ୍ୱୀକାର କରିଛନ୍ତି । ବନ୍ୟା ପରିଚାଳନାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟକ ବ୍ୟୋମକେଶ ରାୟ, ଗୌତମବୁଦ୍ଧ ଦାସ ଓ ସଞ୍ଜୀବ ମଲ୍ଲିକ ବନ୍ୟା ପରିଚାଳନା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଚରମ ବିଫଳତାକୁ ବଖାଣିଥିଲେ ।

ଶ୍ରୀ ବ୍ୟୋମକେଶ ରାୟ କହିଥିଲେ ଯେ, ବର୍ଷା ଜନିତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଲୋକଙ୍କ ଅବସ୍ଥା ବେହାଲ ହୋଇଥିବା ବେଳେ ରାଜ୍ୟ ସରକାର ପ୍ରଭାବିତ ଲୋକଙ୍କୁ ସାମାନ୍ୟ ସୁବିଧା ପହଞ୍ଚାଇବାରେ ବିଫଳ ହୋଇଛନ୍ତି । ପାଣିପାଗ ବିଭାଗର ପୂର୍ବ ସୂଚନା ଥିଲେ ମଧ୍ୟ, ସରକାରଙ୍କ କୌଣସି ପ୍ରସ୍ତୁତି ନଥିଲା, ଯେଉଁଥି ପାଇଁ ୪ଟି ମୂଲ୍ୟବାନ ଜୀବନ ଯାଇଛି । ବନ୍ୟା ମୁକାବିଲା କରିବାରେ ବିଫଳ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ବ୍ୟୋମକେଶ ରାୟ କହିଥିଲେ । ନବୀନ ସରକାରଙ୍କ ସମୟରେ ବିପର୍ଯ୍ୟୟ ପରିଚାଳନା ପାଇଁ ଓଡିଶା ସାରା ବିଶ୍ୱରେ ପ୍ରଶଂସିତ ହୋଇଥିଲା । ନବୀନଙ୍କ ସମୟରେ ପ୍ରତ୍ୟେକ ଜୀବନ ମୂଲ୍ୟବାନ ନୀତି ନିଷ୍ଠାର ସହ କାର୍ଯ୍ୟକାରୀ କରାଯାଉଥିବା ବେଳେ, ଏବେ ପ୍ରତ୍ୟେକ ଘଟଣାରେ ଜୀବନହାନୀ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । କଟକ ବଡ଼ ମେଡ଼ିକାଲରେ ସରକାରଙ୍କ ଅବହେଳା ଯୋଗୁଁ ଅଗ୍ନିକାଣ୍ଡ ଘଟି ୧୩ଟି ମୂଲ୍ୟବାନ ଜୀବନ ଯାଇଥିଲା । ସେହିପରି ରଥଯାତ୍ରାରେ ସରକାରଙ୍କ ଅବହେଳା ପାଇଁ ଚଳିତ ବର୍ଷ ୪ ଜଣଙ୍କ ମୃତ୍ୟୁ ହୋଇଛି । ବିଜେପି ସରକାର କ୍ଷମତାସୀନ ହେବା ପରଠାରୁ ପ୍ରତିବର୍ଷ ରଥଯାତ୍ରାରେ ମୂଲ୍ୟବାନ ଜୀବନ ଯାଉଛି ।

ଶ୍ରୀ ଗୌତମବୁଦ୍ଧ ଦାସ କହିଥିଲେ ଯେ, ବିପର୍ଯ୍ୟୟ ପରିଚାଳନା କଥା ଉଠିଲେ, ସମଗ୍ର ଦେଶ ଓ ବିଶ୍ୱ ଓଡିଶା ଆଡ଼କୁ ଅନାଏ । ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଜିରୋ କାଜୁଆଲିଟି ନୀତି ସାରା ବିଶ୍ୱ ପାଇଁ ଉଦାହରଣ ହୋଇପାରିଥିଲା । ଜିରୋ କାଜୁଆଲିଟି ନୀତି ପରେ ବର୍ତ୍ତମାନର ସରକାର କାଜୁଆଲ ହୋଇଯାଇଛନ୍ତି, ଯାହା ଫଳରେ ସାଧାରଣ ଲୋକଙ୍କ ମୃତ୍ୟୁ ଏକ ସାଧାରଣ ଘଟଣା ହୋଇଯାଇଛି । ବନ୍ୟା ନିୟନ୍ତ୍ରଣ କରିବା ଦୂରରେ ଥାଉ, ବର୍ଷା ଜଳକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି । ସରକାରଙ୍କ ଅପାରଗତା ଜଳ ଜଳ ହୋଇ ଦିଶୁଛି । ଶ୍ରୀ ସଞ୍ଜୀବ ମଲ୍ଲିକ କହିଥିଲେ ଯେ, ବନ୍ୟା ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ସର୍ବନିମ୍ନ ନିତ୍ୟ ଆବଶ୍ୟକୀୟ ଜିନିଷ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି । ଭଦ୍ରକ ନିର୍ବାଚନ ମଣ୍ଡଳୀର ଅଧିକାଂଶ ପଞ୍ଚାୟତ ଅଞ୍ଚଳ ଜଳମଗ୍ନ ହୋଇସାରିଥିବା ବେଳେ, ପ୍ରଭାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି । ବର୍ଷା ଲାଗି ରହିଥିବାରୁ ରାଜ୍ୟର ଅନ୍ୟ ଜିଲ୍ଲା ଗୁଡିକ ମଧ୍ୟ ବନ୍ୟା ଆଶଙ୍କାର ସମ୍ମୁଖୀନ ହୋଇଛନ୍ତି । ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କୁ ସତର୍କ କରି କହିଛି ଯେ, ପରିସ୍ଥିତିରେ ସୁଧାର ନଆସିଲେ, ଲୋକଙ୍କ ସ୍ୱାର୍ଥ ହାସଲ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ।

## ସେଂଚୁରିୟନ ବିଶ୍ୱବିଦ୍ୟାଳୟ ପରିଦର୍ଶନ କଲେ ରାଜ୍ୟପାଳ

ଭୁବନେଶ୍ୱର,୩୧।୭(ମହାଭାରତ): ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ବୁଧବାର ଦିନ ସେଂଚୁରିୟନ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଏଠାରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଶୈକ୍ଷିକ, ନବସୃଜନ, ଦକ୍ଷତା ବିକାଶ ଓ ଗବେଷଣା କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଦେଖିଥିଲେ । ରାଜ୍ୟପାଳଙ୍କ ଏହି ଗସ୍ତ ସମୟରେ ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ଉପସ୍ଥିତ ଥିଲେ ।

ପରିଦର୍ଶନ ସମୟରେ ରାଜ୍ୟପାଳ ପାରମ୍ପରିକ ଓ ପ୍ରଯୁକ୍ତିବିଦ୍ୟା ଇଂଟରଫେସ୍ ଲର୍ଣ୍ଣିଙ୍ଗ ଲ୍ୟାବ ଉଦଘାଟନ କରିଥିଲେ। ଏହା ସହିତ ମହାଭାରତ ଓ ରାମାୟଣ ଉପରେ ଆଧାରିତ ଭିତିଚିତ୍ର ଲୋକାର୍ପଣ କରିବା ସହ ଶିଳ୍ପୀମାନଙ୍କ ସହ ଭାବ ବିନିମୟ କରିଥିଲେ।

ଏହା ପରେ ରାଜ୍ୟପାଳ ବାୟୋ-ଏଞ୍ଜାଇମ ଓ ବାୟୋ-ଚାର ୟୁନିଟ, ଓ୍ୱାଇଲ୍ଡ ଅର୍କିଡ ଲ୍ୟାବ, ଟିସ୍ୟୁ କଲଚର ସୁବିଧା ଏବଂ ଇଣ୍ଡଷ୍ଟ୍ରି ୫.୦ – ସେଂଟର ଫର କ୍ରିଏଟିଭିଟି, କ୍ୟୁରିଓସିଟି ଆଣ୍ଡ କମ୍ପିଟେନ୍ସି ଲ୍ୟାବ ସମେତ ବିଭିନ୍ନ ବିକାଶ କେନ୍ଦ୍ର ପରିଦର୍ଶନ କରିଥିଲେ। ପ୍ରତିରକ୍ଷା ଏବଂ ଅନ୍ୟାନ୍ୟ ପବ୍ଲିକ୍ ସେକ୍ଟର୍ ବ୍ୟବହାର ପାଇଁ ନିର୍ମିତ କଷ୍ଟମାଇଜ୍ଡ ବୈଦ୍ୟୁତିକ ଯାନ ମଧ୍ୟ ରାଜ୍ୟପାଳ ଦେଖିଥିଲେ।

ପରିଦର୍ଶନ ସମୟରେ ରାଜ୍ୟପାଳ ସ୍ୱଦେଶୀ ପ୍ରଜାତିର ପ୍ରଜାପତି ବିଶ୍ୱବିଦ୍ୟାଳୟର ପ୍ରଜାପତି ଉଦ୍ୟାନରେ ବିଚରଣ ପାଇଁ ଛାଡିଥିଲେ । ଏତଦବ୍ୟତୀତ ବିକଶିତ କୋଇ ମାଛ ଯାଆଁଳ ଛାଡିବା ସହିତ ଉଦ୍ଧାର କରାଯାଇଥିବା ପାରାମାନଙ୍କୁ ମୁକ୍ତ ବିହରଣ ନିମନ୍ତେ ଛାଡିଥିଲେ। ଏହା ପରେ ବବଲ ଅକ୍ସିଜେନେସନ ଏରେସନ ସଷ୍ଟେନେବଲ ଟେକ୍ନୋଲୋଜି (ବୋଷ୍ଟ) କାର୍ଯ୍ୟକ୍ରମ ଏବଂ ଉଚ୍ଚ ମୂଲ୍ୟର କୃଷି ପାଇଁ ଆଇଓଟି-ଆଧାରିତ "ଭ୍ୟାକ୍ସିସିଙ୍ଗ୍ ଭ୍ୟାନିଲା ଭାଇନ୍ସ" ଟ୍ରେଲିସ ସିଷ୍ଟମ ମଧ୍ୟ ଦେଖିଥିଲେ।

ଏହି ଅବସରରେ ସ୍ୱଦେଶୀ ସ୍ଥାନୀୟ କ୍ରୀଡା ସମ୍ପର୍କରେ ଡିଜିଟାଲ ପ୍ରେଜେଂଟେସନ ମାଧ୍ୟମରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା ଏବଂ ବିଶ୍ୱବିଦ୍ୟାଳୟ ଦ୍ୱାରା କମ ଖର୍ଚ୍ଚରେ ବିକଶିତ କ୍ଷୁଦ୍ର ଆକାରର ଟିସ୍ୟୁ କଲ୍ଚର ପ୍ରଯୁକ୍ତିର ଭରଚୁଆଲ ଅନୁଭୂତି ନେଇଥିଲେ ରାଜ୍ୟପାଳ। ଏହି ଅବସରରେ ରାଜ୍ୟପାଳ ଓ ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟର "ଶ୍ରାଇନ ଅଫ୍ ସୋଲ, ପିସ ଆଣ୍ଡ ସ୍ପିରିଚୁଆଲିଟି" ପରିସରରେ ସ୍ମାରକୀ ଭାବେ ଦୁଇଟି ଧଳା ଚନ୍ଦନ ଚାରା ରୋପଣ କରିଥିଲେ।

## ଡିଜିଟାଲ ଅର୍ଥନୀତିର ଯୁଗ

୯ ବର୍ଷ ତଳେ ପ୍ରଧାନମନ୍ତ୍ରୀ ମୋଦି କଳା ଟଙ୍କାର ବିଲୋପ ପାଇଁ ବିମୁଦ୍ରିକରଣ ଘୋଷଣା କରିଥିଲେ । ରାତାରାତି ହଜାରେ ଏବଂ ୫ ଶହ ଟଙ୍କିଆ ନୋଟ ଅଚଳ ହୋଇ ଯାଇଥିଲା । ଅବଶ୍ୟ ଯାହା ପାଖରେ ଏହିସବୁ ନୋଟ ରହିଥିଲା ତାହାକୁ ବ୍ୟାଙ୍କରେ ଜମା କରିବାକୁ ବା ବଦଳାଇବାକୁ ସୁଯୋଗ ମିଳିଥିଲା । ଏହା ପରିବର୍ତ୍ତେ ନୂଆ ଦୁଇ ହଜାର ଏବଂ ପାଞ୍ଚ ଶହ ଟଙ୍କିଆ ନୋଟ ପ୍ରଚଳନ କରାଯାଇଥିଲା । କିଛି ବର୍ଷ ପରେ ୨ହଜାର ଟଙ୍କିଆ ନୋଟକୁ ବି ପ୍ରତ୍ୟାହାର କରାଗଲା । ବିମୁଦ୍ରିକରଣରେ ଦ୍ଵାରା ଅନେକ ନକଲି ନୋଟ କାରବାର କମିଗଲା । ଏହା ଦ୍ଵାରା କେତେ କଳାଟଙ୍କା ପଦାକୁ ଆସିଲା, ବିମୁଦ୍ରିକରଣର ଉଦ୍ଦେଶ୍ୟ କେତେ ସଫଳ ହେଲା ତାହା ବିତର୍କର ବିଷୟ । କିନ୍ତୁ ଏହା ଦ୍ଵାରା ଭାରତରେ ଡିଜିଟାଲ ଅର୍ଥନୀତିର ଯୁଗ ଆରମ୍ଭ ହେଲା । ଏହା ସହିତ ଏକ ନୂଆ ଆତଙ୍କବାଦ ମଧ୍ୟ ଆରମ୍ଭ ହୋଇଛି । ତାହା ହେଲା ସାଇବର କ୍ରାଇମ । ଲୋକଙ୍କ ସଂଚିତ ଅର୍ଥକୁ ଲୁଟ କରିବା ପାଇଁ ସାଇବର ଅପରାଧୀମାନେ କଳବଳ କୌଶଳ ପ୍ରୟୋଗ କରୁଛନ୍ତି । ତେବେ ସେ ଯାହା ହେଉନା କାହିଁକି ଏବେ ଭାରତ ବିଶ୍ଵର ବୃହତ୍ତମ ଡିଜିଟାଲ ଅର୍ଥନୀତିର ମାନ୍ୟତା ପାଇଛି । ଅତି ସାଧାରଣ ବ୍ୟକ୍ତି ମଧ୍ୟ ନଗଦ କାରବାର ଅପେକ୍ଷା ଡିଜିଟାଲ କାରବାରକୁ ପସନ୍ଦ କରୁଛନ୍ତି । ବିମୁଦ୍ରିକରଣ ପରେ ଅଧିକ ବ୍ୟକ୍ତି ଆୟକର ପରିସୀମା ଭିତରକୁ ଆସିଲେ । ଡିଜିଟାଲ କାରବାର ଦ୍ଵାରା ଆୟ ଲୁଚାଇବା ମଧ୍ୟ ଆଉ ସମ୍ଭବ ହେଉନାହିଁ । ଦେଶରେ ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ଲାଗି ଦୁଇ ବର୍ଷ ତଳେ ଆରବିଆଇ ଇ-ରୁପି ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ । ଏହା ଦେଶରେ ନଗଦ କାରବାରକୁ କମାଇବା ସହ ଡିଜିଟାଲ କାରବାରକୁ ସମୃଦ୍ଧ କରିବ ବୋଲି ଆଶା । ୨୦୧୬ରେ ହୋଇଥିବା ବିମୁଦ୍ରିକରଣର ଏହା ହିଁ ଉଦ୍ଦେଶ୍ୟ ଥିଲା । ନଗଦ କାରବାର ଯେତେ କମିବ ଅର୍ଥ ବ୍ୟବସ୍ଥା ସେତେ ସୁଦୃଢ଼ ହେବ, ସ୍ଵଚ୍ଛତା ବଜାୟ ରହିବ ଏବଂ ଜାଲ ନୋଟ କାରବାର ବନ୍ଦ ହେବ । ୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ୫୦୦ ଏବଂ ୧୦୦୦ଟଙ୍କିଆ ନୋଟକୁ ଅଚଳ କରିଦେଇଥିଲେ । କଳାଧନ ଏବଂ ଜାଲି ନୋଟ କାରବାରକୁ ରୋକିବା ଥିଲା ଏହାର ଉଦ୍ଦେଶ୍ୟ । ଏହା ସହିତ ନଗଦ କାରବାର ପ୍ରତିବଦଳରେ ଡିଜିଟାଲ କାରବାରକୁ ସମ୍ପ୍ରସାରିତ କରିବା ଥିଲା ଏହାର ଏକ ପ୍ରମୁଖ ଉଦ୍ଦେଶ୍ୟ । ତେବେ ଏହା ଦ୍ଵାରା ଗରିବ ଲୋକେ ବିଶେଷ ଭାବେ ପ୍ରଭାବିତ ହେଲେ । ଅନେକ ଶିଳ୍ପ ଏବଂ ବ୍ୟବସାୟିକ ସଂସ୍ଥା ଠପ ହୋଇଗଲା । କିନ୍ତୁ ଅନ୍ୟ କେତେକଙ୍କ ମତରେ ଭାରତରେ ଡିଜିଟାଲ କାରବାର ବୃଦ୍ଧି ଲାଗି ଏହା ବାଟ ଫିଟାଇ ଦେଲା । ବିମୁଦ୍ରିକରଣ ପରେ ଅନେକ ପୁରୁଣା ଟଙ୍କାରେ ସେମାନଙ୍କର ବକେୟା ପ୍ରାପ୍ୟ ପ୍ରଦାନ କରିଦେଲେ । ବର୍ଷ ବର୍ଷ ଧରି ଅନେକ ଟିକସ ଦେଉନଥିଲେ । ତାହା ତତ୍କାଳ ପ୍ରଦାନ କରିଦେଲେ । ଏହା ସହିତ ବ୍ୟାଙ୍କରେ ବିପୁଳ ଅର୍ଥ ଜମା ହେଲା ଏବଂ ଅନେକ ଆୟକର ସୀମା ଭିତରକୁ ଆସିଲେ । ନିକଟରେ ଆରବିଆଇ ମନିଟାରୀ ପଲିସି କମିଟିର ଜଣେ ସଦସ୍ୟ କହିଛନ୍ତି ବିମୁଦ୍ରିକରଣ ପରେ ଦେଶରେ ଟିକସ ସଂଗ୍ରହ ବୃଦ୍ଧି ପାଇଛି । ଡିଜିଟାଲ କାରବାର ଯୋଗୁ ଏହା ସମ୍ଭବ ହୋଇଛି । ଲଗାତର ଜିଏସଟି ସଂଗ୍ରହ ୧ ଲକ୍ଷ ୫୦ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି । ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଆୟକର ଏବଂ କର୍ପୋରେଟ ଟ୍ୟାକ୍ସ ସଂଗ୍ରହ ପରିମାଣ ୨୬ ପ୍ରତିଶତ ବଢ଼ିଛି । ଏହା କିଛି କମ କଥା ନୁହେଁ । ରାଜସ୍ଵ ସଂଗ୍ରହ ବଢ଼ିବା ଦ୍ଵାରା ସରକାର ବିକାଶମୂଳକ କାର୍ଯ୍ୟରେ ଏହାର ବିନିଯୋଗ ବୃଦ୍ଧି କରିପାରିବେ । ୨୦୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ୭୫ଟି ଜିଲ୍ଲାରେ ୭୫ଟି ଡିଜିଟାଲ ବ୍ୟାଙ୍କିଙ୍ଗ ୟୁନିଟର ଲୋକାର୍ପଣ କରିଥିଲେ । ସ୍ଵାଧୀନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ଏହାକୁ ଲୋକାର୍ପିତ ହୋଇଥିଲା । ଅନେକ ମାନୁଆଲ କାରବାରକୁ ଏବେ ସୁଦ୍ଧା ଛାଡ଼ିପାରିନାହାଁନ୍ତି । ଏଟିଏମରୁ ଟଙ୍କା ଉଠାଇବା ମଧ୍ୟ ଅନେକଙ୍କ ପାଇଁ କାଠିକରପାଠ । ଅନଲାଇନ ପେମେଣ୍ଟତ ବହୁ ଦୂର କଥା । ସେମାନଙ୍କୁ ଏଥିରେ ଅଭ୍ୟସ୍ତ ହେବାକୁ ପଡ଼ିବ । ଅନଲାଇନ କାରବାର ସବୁଠାରୁ ସହଜ ଏବଂ ଦ୍ରୁତତର । ଇଣ୍ଟରନେଟ ଯୁଗରେ ଏହାକୁ ଆପଣାଇବା ନିହାତି ଜରୁରୀ । ସେ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀଙ୍କ ଦ୍ଵାରା ୭୫ଟି ଡିବିୟୁ ଉଦଘାଟିତ ହେବା ଏକ ମହତ୍ଵପୂର୍ଣ୍ଣ ଘଟଣା । ଡିଜିଟାଲ ଇଣ୍ଡିଆ ରିଭଲ୍ୟୁସନରେ ଏହା ଆଉ ଏକ ମହତ୍ଵପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇପାରେ । ବର୍ତ୍ତମାନର ଯୁଗ ହେଲା ଡିଜିଟାଲ ବା ଅନଲାଇନର ଯୁଗ । ସବୁ କିଛି ଘରେ ବସି ଅନଲାଇନ ମାଧ୍ୟମରେ କରାଯାଇପାରୁଛି । ଏବେ ପ୍ରତି ଲୋକଙ୍କ ନିକଟରେ ସ୍ମାର୍ଟ ଫୋନ ରହିଛି । ଏହି ଫୋନ ମାଧ୍ୟମରେ ସବୁ କିଛି ସମ୍ଭବ ହୋଇପାରୁଛି । ଆଗକୁ ଇଣ୍ଟରନେଟ ଆହୁରି ଦ୍ରୁତତର ହେବ ଏବଂ ଲୋକଙ୍କୁ ସବୁ ପ୍ରକାର ସେବା ଅତି ସହଜରେ ମିଳିଯିବ । କରୋନା ମହାମାରୀ ବେଳେ ଯେତେବେଳେ ସ୍କୁଲ-କଲେଜ ସବୁ ବନ୍ଦ ରହିଲା ସେତେବେଳେ ଅନେକ ଘରେ ବସି ଅନଲାଇନରେ ପାଠ ପଢ଼ିଲେ । ଅନଲାଇନରେ ପରୀକ୍ଷା ବି ଦେଲେ । ବିମୁଦ୍ରାକରଣ ପରେ ସରକାର ନଗଦ କାରବାରକୁ ଯଥାସମ୍ଭବ ହ୍ରାସ କରି ଡିଜିଟାଲ ପେମେଣ୍ଟ ମାଧ୍ୟମରେ କାରବାରକୁ ଅଧିକ ଗୁରୁତ୍ଵ ଦେଲେ । କେନ୍ଦ୍ର ସରକାର ଏଥିପାଇଁ ସମସ୍ତଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ରହିବା ନିହାତି ଜରୁରୀ ବୋଲି ମନେ କରି ଏଥିଲାଗି ସ୍ଵତନ୍ତ୍ର ଅଭିଯାନ ଆରମ୍ଭ କଲେ । ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଗଲା । ଏହା କୁହାଯାଉଛି ଡିବିଟି । ଏଥିରେ ଚଞ୍ଚକତା ଅନେକାଂଶରେ ହ୍ରାସ ପାଇଛି । ଧିରେ ଧିରେ ଲୋକେ ଡିଜିଟାଲ ପେମେଣ୍ଟ ସହିତ ଅଭ୍ୟସ୍ତ ହେଉଛନ୍ତି । ଅବଶ୍ୟ ଡିଜିଟାଲ କାରବାର ସହିତ ଅଭ୍ୟସ୍ତ ନଥିବା ଲୋକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ । କିନ୍ତୁ ସେହି ସମୟ ଆଉ ବେଶୀ ଦୂର ନାହିଁ, ଯେତେବେଳେ ଲୋକେ ଘରେ ବସି ସବୁ କାରବାର କରିବେ । ଏପରିକି ଘରେ ବସି ଅନଲାଇନ ମାଧ୍ୟମରେ ଖାଇବା ପିନ୍ଧିବାଠାରୁ ଆରମ୍ଭ କରି ସବୁ କିଛି ପାଇପାରିବେ । ଏବେ ବି ସେହି ସୁବିଧା ରହିଛି, କିନ୍ତୁ ସମସ୍ତେ ଏହାକୁ ଗ୍ରହଣ କରିପାରିନାହାଁନ୍ତି । ନିକଟରେ ଆରବିଆଇ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଦେଶରେ କ୍ରେଡିଟ କାର୍ଡ ମାଧ୍ୟମରେ କିଣାବିକା ବଢୁଛି । ସେହିପରି ୟୁପିଆଇରେ ପେମେଣ୍ଟ ବଢ଼ି ଚାଲିଛି । ପ୍ରତି ମାସରେ ଏହା ବୃଦ୍ଧି ପାଉଛି । ଏହା ନିଶ୍ଚିତଭାବେ ସ୍ଵାଗତଯୋଗ୍ୟ ଏବଂ ଦେଶର ଆର୍ଥିକ ବ୍ୟବସ୍ଥା ପ୍ରତି ଏକ ଶୁଭସଙ୍କେତ । ନଗଦ କାରବାର ଯେତେ ବଢ଼ିବ, କଳାଧନ ଏବଂ ନକଲି ନୋଟ କାରବାର ସେତେ କମିବ । ଆରବିଆଇ ଉପରେ ଟଙ୍କା ଛପାଇବାର ବୋଝ ହାଲୁକା ହୋଇଯିବ । ଆଉ ଲୋକେ ନିଜ ପାଖରେ ଥିବା କଳାଧନକୁ ଲୁଚାଇପାରିବେ ନାହିଁ । ଜଣେ ବ୍ୟକ୍ତିର ବ୍ୟାଙ୍କ ଆକାଉଣ୍ଟରେ କେତେ ଟଙ୍କା ରହିଛି , କେତେ ଆୟ କରୁଛନ୍ତି ତାହା ସ୍ପଷ୍ଟ ହୋଇଯିବ ।

## ୧୬୯୪ ବାତ୍ୟାରେ ଖସି ପଡ଼ିଥିଲା 'ନୀଳଚକ୍ର'

**କବୀର କୁମାର ଜେନା**

ଶ୍ରୀକ୍ଷେତ୍ରକୁ କାହିଁ ଅନତୀ ଦୂରରୁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥାଏ ନୀଳଚକ୍ର ନେତ । ନୀଳଚକ୍ର, ପତିତପାବନ ବାନା ଶ୍ରୀକ୍ଷେତ୍ରର ବଡ଼ ଦେଉଳର କେବଳ ଶୋଭା ମଣ୍ଡନ କରିନଥାଏ ବରଂ ଭକ୍ତମାନଙ୍କ ଭାବକୁ ତନ୍ମୟାଭିମୁଖୀ କରିଥାଏ । ଏକଦା ସନ୍ଥ କବୀର ନୀଳଚକ୍ରକୁ ଦେଖି ବିସ୍ମୟାଭିମୁତ ହୋଇପଡ଼ିଥିଲେ । ସବୁଠାରୁ ଆଶ୍ଚର୍ଯ୍ୟଜନକ ଓ ରହସ୍ୟମୟ କଥାଟି ହେଉଛି ଏହାର ଚକ୍ରରେ ସୂର୍ଯ୍ୟଦେବଙ୍କ ତୀବ୍ର କିରଣ ପଡ଼ି ନୀଳବର୍ଣ୍ଣର ରୂପକାନ୍ତିରେ ପରିପୂର୍ଣ୍ଣ ହୋଇଯାଉଥିବାରୁ ଏହାର ନାମ ନୀଳଚକ୍ର ହୋଇଛି ।

ସଂପ୍ରତି ପରିଦୃଶ୍ୟମାନ ନୀଳଚକ୍ର ମୂଳ ନୀଳଚକ୍ର ନୁହେଁ । ୧୫୯୪ ମସିହାରେ ପରିଚ୍ଛା ବଡ଼ଜେନା ମହାପାତ୍ରଙ୍କ ପୁଅ ଦାମୋଦର ଚମ୍ପତିରାୟଙ୍କ ସହାୟତାରେ ଏହାକୁ ସ୍ଥାପନ କରାଯାଇଛି । ଏହାର ଠିକ୍ ୧୦୦ବର୍ଷ ପରେ ୧୬୯୪ ମସିହା ଅକ୍ଟୋବର ୬ ତାରିଖରେ ବାତ୍ୟା ମାଡ଼ାରେ ନୀଳଚକ୍ର, କାଞ୍ଚି ଗଣେଶଙ୍କ ମନ୍ଦିର ସମ୍ମୁଖରେ ଖସି ପଡ଼ିଥିଲା । ପ୍ରାୟ ୨୦ବର୍ଷ ଯାଏଁ ଏ ଚୂଡ଼ାରେ ସ୍ଥାପନ ହୋଇନଥିଲା । ୧୭୧୫ଜାନୁଆରୀ ୨୬ ତାରିଖ ମାଘ ଶୁକ୍ଳ ଦ୍ଵିତୀୟା ଦିନ ନୀଳଚକ୍ର ପୁନଃ ସ୍ଥାପନ ହୋଇଥିଲା ।

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଭାସ୍କର ମିଶ୍ରଙ୍କ 'ଶ୍ରୀଜଗନ୍ନାଥ ଜ୍ଞାନକୋଷ' ମୁତାବକ ଶ୍ରୀମନ୍ଦିର କଳସ ଉପରେ ସ୍ଥାପିତ ନୀଳଚକ୍ରର ଉଚ୍ଚତା ପ୍ରାୟ ୧୨ଫୁଟ, ବ୍ୟାସ ୭ଫୁଟ ୬ ଇଞ୍ଚ । ବାହ୍ୟ ଚକ୍ର ଓ ଅନ୍ତଚକ୍ର, ଏହିଭଳି ଦୁଇଟି ଚକ୍ରକୁ ମିଶାଇ ନୀଳଚକ୍ର ନିର୍ମିତ । ପରିଧିର ଓସାର୯ ଇଞ୍ଚ । ଏଥିରେ ୮ଟି ଅର ରହିଛି । ଏହା ଅଧା ଲୁହା, ପାଏ ତମ୍ବା ଓ ସୁନା, ଦସ୍ତା, ସୀସା ଆଦି ମିଶାଇ ଏହାକୁ ପ୍ରସ୍ତୁତ କରାଯାଇଛି । ବିଶିଷ୍ଟ ଐତିହାସିକ କେଦାରନାଥ ମହାପାତ୍ର 'ଖୁରୁଧା ଇତିହାସ'ରେ ମଧ୍ୟ ଏ ସମ୍ପର୍କିତ ବିବରଣୀ ରହିଛି । ୨୧୪ ଫୁଟର ଶ୍ରୀମନ୍ଦିରରେ ନୀଳଚକ୍ର ଉପରେ ୧୫-୨୦ ଫୁଠ ବାଉଁଶରେ ପତିତପାବନ ବାନା ଉଡିଥାଏ ।

ଶ୍ରୀମନ୍ଦିରରେ ନୀଳଚକ୍ର ସମ୍ପର୍କରେ ଅନେକ କିମ୍ବଦନ୍ତୀର କଥା ମଧ୍ୟ ଉଠିଥାଏ । କେହି କେହି କୁହନ୍ତି ଏହି ନୀଳଚକ୍ରରେ କରଣୀ ଓଡ଼ିଆ ଭାଷାରେ ସେ ସମୟରେ ଏହି ବିସ୍ମୟକର ଚକ୍ରକୁ ସ୍ଥାପନ କରିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଖୋଦେଇ ହୋଇଥିବା ନାମ ରହିଛି । ସେଥି ମଧ୍ୟରେ ହରିଚନ୍ଦନ ମହାପାତ୍ରଙ୍କ ନାମ ପ୍ରମୁଖ । ନୀଳଚକ୍ର ସମ୍ପର୍କରେ ଅନ୍ୟ ଏକ ତଥ୍ୟ ରହିଛି ଯେ ସର୍ବପ୍ରଥମେ ୧୯୪୦ ବାତ୍ୟାରେ ଏହା ପବନର ତୀବ୍ରତାକୁ ସାମ୍ନା କରି ଏହି ନୀଳଚକ୍ର ଏକଦା ବଙ୍କା ହୋଇଯାଇଥିଲା । କେହି କେହି କୁହନ୍ତି ସମ୍ଭାବ୍ୟ ବାତ୍ୟା ପୂର୍ବରୁ ଶ୍ରୀମନ୍ଦିର ଭିତରେ ଏନେଇ କଳ୍ପବଟ ଓ ନୀଳଚକ୍ରରେ କିଛି ସୂଚନା ମିଳିଥାଏ । ୧୯୯୯ ମହାବାତ୍ୟା ଏପରିକି ୨୦୧୯ ମସିହାର ଫନି ବାତ୍ୟା ସମୟରେ ଏହି ରହସ୍ୟ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରାଯାଇଥିଲା । କିନ୍ତୁ ନୀଳାମୟଙ୍କ ନୀଳଚକ୍ରର ଲୀଳା କାଳ କାଳ ପାଇଁ ଅକ୍ଷୟ ଓ ଅନନ୍ତ ହୋଇ ରହିଛି ।


ଅଣିକଣା, ବରୀ, ଯାଜପୁର, ଦୂରଭାଷ : ୮୯୧୭୩୭୭୯୮୭

E-mail : kabirkjena@gmail.com


# ଅଭିଷେକ ସମୟରେ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ହଁ ଅଭିଷେକ ସମୟରେ ଯଦି ରାଜ ପୁରୁଷଙ୍କ ବାଟ ନଥାଏ ତେବେ ସେ ରାଜାଙ୍କ ରାଜ କରିବା ଭବିଷ୍ୟ ମଙ୍ଗଳମୟ ହୁଏନାହିଁ । ଏହା ଶକୁନ ଜ୍ୟୋତିଷ ଶାସ୍ତ୍ରର ପ୍ରମାଣ । ରାଜ ଉପଚାରରେ ତାହା ବିଘ୍ନ । ପରିଶେଷଣରେ ଅନେକ ବିଶେଷ୍ୟ ତତ୍କାଳ ଯୋଡ଼ି ହୋଇ ଅନେକ ସତେବେଳେ ଥାଟରେ ରହିବା ଶାସ୍ତ୍ର ବିଦିତ । ପାଟ-ଆୟୁଧ, ଶ୍ରୀରାମଙ୍କ ଶରାସନ ଧାରଣ ପରି, ରାଜା କାନୁନ ସିଂହସ୍ଥାନରୁ ଦେଶର ଦୂରାନ୍ତ ସର୍ବ କୋଣରୁ ସର୍ବ ଅନୁକୋଣ ଯାଏ ରାଜାକାନୁନ ପ୍ରତାପରହିବ ଏହା ଶରାସନ ଦର୍ଶାଉଛି । ପାଟଖଣ୍ଡା ଅନେକ ରାଜାଙ୍କ ଅଭିଷେକ ବେଳରେ ମନ୍ତ୍ରପୂତ କରି ହସ୍ତରେ ଧରେଇ ଦିଆଯାଏ । ଖଣ୍ଡା ଖଣ୍ଡ ଖଣ୍ଡ କରେ ଯାହାର ଅର୍ଥ ଛେଦକର ଭେଦ କର ଶାସନ କର । ଡିଭାଇଡ ଆଣ୍ଡ ରୁଲ । ମିଜାଇଲ ଯୁଗରେ ବି ସ୍ଵାଧୀନତା ଦିବସରେ ଗଣତନ୍ତ୍ର ପ୍ରଶାସନରେ ଆମ ଦେଶରେ ରାଜ ସେନା ପୋଲିସ ହାତରେ ପରେଡ଼ ଭୂମିରେ ଏପରି ଖଣ୍ଡା ହସ୍ତା ଅଧିକର୍ତ୍ତା ପତାକା ଉତ୍ତୋଳନକୁ ପ୍ରଧାନ ମନ୍ତ୍ରୀଙ୍କୁ ଆହ୍ଵାନ କରୁଛନ୍ତି । ଖଣ୍ଡା ଅଦରକାରୀ ହଟାଏ, ଦରକାରୀଙ୍କୁ ଅଭୟ ଦିଏ । ପାଟରାଣୀ ଅଭିଷେକରେ ଅବଶ୍ୟ ବାମାଙ୍ଗ । ଗଣତନ୍ତ୍ରରେ ସହଯୋଗୀ ସହକର୍ମୀ ଶାସନ ସହାୟକ ମାନେ ପାଟ, ଶପଥ ପାଠ ଉତ୍ସବ ଉପସ୍ଥିତ ରହିବା ଦେଖା ଯାଉଛି । ଶପଥ ପାଠ ଉତ୍ସବ ହିଁ ଅଭିଷେକ ପର୍ବ ଗଣତନ୍ତ୍ର ପାଇଁ ଧରାଯାଉଛି ।

ପୂର୍ବରୁ ପାଟ ହାତୀ ପାଟ ଅଶ୍ଵ ଅଭିଷେକ ଦିନ ସଜ୍ଜିତଦ ହୋଇ ସୁଦୃଶ୍ୟ ରହୁଥିଲେ । ଏବେ ସୁନ୍ଦର ମହଙ୍ଗା ମୂଲ୍ୟବାନ ଯାନ ଅଭିଷେକ ହଲରୁ ରାଜବାସ ଗୃହ ବା ଦପ୍ତରକୁ ବହନକୁ ଅପେକ୍ଷା ରତ । ଜୟ ଜୟକାର ଧ୍ଵନୀ, ନାରୀଙ୍କୁ ସୁନ୍ଦର ସେଚାରି ଅକ୍ଷର ରାଜା ବିଜେକାଳେ ଶୁଭଇ ହୁଳହୁଳି ପାଟମୁକୁଟ ରତ୍ନ ଖଚିତ ଶୁଦ୍ଧ ସ୍ଵର୍ଣ୍ଣବଂଶାନୁକ୍ରମ ବ୍ୟବହାର୍ଯ୍ୟ ବା ନୂତନ ପାଟଯୋଷୀରାଜ ପୁରୋହିତ ଗଣଙ୍କ ଅଭିଷେକ ବେଦ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ଶୁଭ ସ୍ଥିର ଲଗ୍ନରେ ନବ୍ୟ ଅଭିଷିକ୍ତ ରାଜମସ୍ତକ ମଣ୍ଡିତ କରାଯାଏ । ରାଜା ତିଳକ ପିନ୍ଧାଇ ଦିଆଯାଏ । ଜ୍ୟୋତିଷରେ ଏକ ମହାନ ପରମ୍ପରାର ଶାସ୍ତ୍ର ଯାମଳ ଗ୍ରନ୍ଥ, ଏଥିରୁ ଉଦ୍ଧାର ପ୍ରାମାଣିକ ଶାଖା ନରପତି ଜୟ ଚର୍ଯ୍ୟାରେ ଅଛି ଅନେକ ଚକ୍ର ଏ ମଧ୍ୟରେ ଅଛି ସିଂହାସନଚକ୍ର ଓ ରାଜ ପ୍ରବେଶ ତୋରଣ ଚକ୍ର, ଯହିଁରେ ୨୭ ନକ୍ଷତ୍ରକୁ ନେଇ ତିନି ରାଜଶକ୍ତି ଅଶ୍ଵପତି, ଗଜପତି, ନରପତି, ପରି ପ୍ରାଚୀନ ତିନି ପ୍ରତାପୀ ରାଜ ଘରାନାଙ୍କର ଅଭିଷେକ କାଳୀନ ଗ୍ରହସ୍ଥିତି ପାଇଁ ଚକ୍ର ଅଛି । ସିଂହାସନ ଚକ୍ରରେ ପାଞ୍ଚ ସୋପାନ ଏ ମଧ୍ୟରେ ପଟ୍ଟ ବୋଲି ଏକ ପର୍ଯ୍ୟାୟ ଅଛି । ଏଥିରେ ସ୍ଥିତ ୬ନକ୍ଷତ୍ରରେ ଯଦି ପାପ ରହିଯାଏ ତେବେ ଅଭିଷିକ୍ତ ରାଜାଙ୍କ ପ୍ରିୟ ବିଶ୍ଵସ୍ତ ପାଟଣ ବା ପଟ୍ଟର ମହା ନାୟକଙ୍କ ବିଛେଦ ହୁଏ । ବିଶେଷକରି ଶନିଙ୍କ ସ୍ଥିତିକୁ ଅତି ପ୍ରାଧାନ୍ୟ ଦିଆଯାଏ । ପାପଗ୍ରହମାନେ ଅଗ୍ନୀ ସ୍ଵରୂପ ଯେଉଁ ନକ୍ଷତ୍ରରେ ଥାନ୍ତି ତାକୁ ଜାଳୁଥାନ୍ତି । ଯାହାକୁ ଛାଡ଼ି ଆସିଥାନ୍ତି ତାକୁ ପାଉଁଶ କରିଥାନ୍ତି । ଯେଉଁଠିକି ଯିବେ, ତାକୁ ଧୁମମୟ କରୁଥାନ୍ତି । ଏପରି ୩ନକ୍ଷତ୍ର ସମ୍ପର୍କ । ଶନି ହାରାହାରି ଏକ ବର୍ଷରୁ କିଛି ମାସ ଏକ ନକ୍ଷତ୍ରରେ ରହନ୍ତି ଏହି ସମୟ ମଧ୍ୟରେ ଅଭିଷେକ କାହାରି ହେଲେ ଜ୍ୟୋତିଷମାନେ ଚକ୍ର ୫ଅଙ୍ଗରେ ଆସୁଥିବା ଶନିଙ୍କ ସ୍ଥିତି ଦେଖି ହାୟ ହାୟ ହୁଅନ୍ତି । ଏ ରାଜ ଉପଚାର କଥା ଦେବ ଉପଚାର ଆହୁରି ଅନେକ ସୂକ୍ଷ୍ମ ବିଚାର, ତେବେ ରାଜ ଉପଚାର ସମ୍ବନ୍ଧମୁକ୍ତ ନୁହେଁ । ଆମ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ନାଥ ଲାଗିଛିଯେ ଜଗତର ନାଥ, ବ୍ରହ୍ମାଣ୍ଡ ହିଁ ଜଗତ, ତାର ସେ ନାଥ, ସମ୍ରାଟ, ହେଲେ ତାଙ୍କ ସେବକ ପଣରେ ମାନବ ଗଣ ସଂଶ୍ଳିଷ୍ଟା । ତାଙ୍କର ସେବାସମୂହ ଅନୁଧ୍ୟାନ କଲେ କେହି ହେଲେ ବି ଆଶ୍ଚର୍ଯ୍ୟ ହେବେ । ତାଙ୍କର ରାଉତ ହେଉଛନ୍ତି ଖୋଦ ଗଜପତି ମହାରାଜା ସେ ଏକ ନମ୍ବର ସେବକ ।

ଗଣତନ୍ତ୍ର ରାଜୁତିରେ ଭାରତର ରାଷ୍ଟ୍ରପତି, ତାଙ୍କ ଜଗତି ଛାଡ଼ି ଏହାଙ୍କ ଦିବ୍ୟ ଜଗତି ରତ୍ନ ସିଂହାସନ ତଳେ ଯୋଡ଼ହସ୍ତରେ ନମନ ହୋଇ ମଣିମା ମଣିମା ହେବା ଦେଖାଯାଉଛି । ହିନ୍ଦୁ ସନାତନୀ ରାଜାରେ ନେପାଳର ରାଜଦମ୍ପତି ବିଗତ କାଳରେ କେତେ ଥର ଆସି ପୂଜା ପାଠ କରିବା ସହ ନମନ ହୋଇଛନ୍ତି । ଅନ୍ୟ ଧର୍ମ ସମ୍ପୃକ୍ତିମାନେ ଦେଉଳର ରୀତିନୀତି କାଇଦା କାନୁନ ନୀତି କାନ୍ତି ପାଇଁ ଦେଉଳ ପ୍ରବେଶ ମନା ଥିଲେ ବି ରଥଯାତ୍ରାରେ ସବୁଧର୍ମର ଭକ୍ତ ଜନତା ହୃଦୟ ଭରି ଦେଖି ପାରନ୍ତି ଶ୍ରୀଅଙ୍ଗ ଅଧିଷ୍ଠିତ ରଥାରୂଢ଼ ମହାପ୍ରଭୁଙ୍କ ରଥର ଦଉଡି ଛୁଇଁ ଟାଣି ପାରନ୍ତି । ଯାହା ଅନ୍ୟବେଳେ ଦୁର୍ଲ୍ଲଭ । ଏହା ସର୍ବ ଦର୍ଶନର ମହା ଅନୁଷ୍ଠାନ । ଏ ଯାତ୍ରାବି ଏକ ରଥ ଜଗତିର ଅଭିଷେକକୁ ପାରମ୍ପରିକ ବିଶେଷ ଯାତ୍ରା ଅନୁଷ୍ଠାନ । ଏହା ଆଷାଢ଼ ଶୁକ୍ଳପକ୍ଷ ଦ୍ଵିତୀୟା ତିଥିକୁ କର୍କଟ ଚନ୍ଦ୍ର ସହ ପୁଷ୍ୟା ନକ୍ଷତ୍ର ସମ୍ବନ୍ଧ ରହିବା ଆବଶ୍ୟକ । ତିନି ଦେବତାଙ୍କ ଭିନ୍ନ ଭିନ୍ନ ନକ୍ଷତ୍ର ବଳରାମଙ୍କ ୨୨ ଶ୍ରବଣା, ଜଗନ୍ନାଥଙ୍କ ୪ରୋହିଣୀ ମା ସୁଭଦ୍ରାଙ୍କ ୧୮ ଜ୍ୟେଷ୍ଠା ନକ୍ଷତ୍ର । ରାଶି ସମ୍ବନ୍ଧରେ ମକର, ବୃଷ, ବିଛା ଏହି ତିନିରାଶିର ଚନ୍ଦ୍ର ଶୁଦ୍ଧ କର୍କଟରେ ଏହି ମାସ ଶୁକ୍ଳପକ୍ଷରେ ହିଁ ହେଉଛି । ଏ ସମୟ ଏପରି ବଛା ଯାଇଥିଲା ଯାହା ପାଗ ନାତେଜ ଗରମ ନା ତିବ୍ରବର୍ଷା, ନା ହାଡ଼ ଭଙ୍ଗା ଶୀତ ଅନୁଭୂତ । କୃଷି ଭିତ୍ତିକ ବୃତ୍ତି ଜୀବିକା ରାଜ୍ୟରେ ପୂର୍ଣ୍ଣ ଯୋଷରେ ଚାଷ କାମ ଚାଲୁନଥାଏ । ପୂର୍ବେ ନଦୀମାନଙ୍କରେ ପୋଲି ସେତୁ ନଥିଲା ନଦୀପାର ଡଙ୍ଗାରେ ହେବାକୁ ପଡୁଥିଲା ହେଲେ ପ୍ରବଳ ବର୍ଷା ଦିନରେ ଡଙ୍ଗାର ଆବଶ୍ୟକ ଦରକାର ବେଳେ ଖରାଦିନରେ ସବୁନଦୀ ଶୃଙ୍ଖଳା ବା କ୍ଷୀଣ ଜଳଧାର ଯହିଁରେ ପଶି ପାର ହୋଇ ହେଉଥିଲା । ସେତେବେଳେ ବର୍ତ୍ତମାନ ପରି ହୋଟେଲର ଭୋଜନକୁ କେହି ପସନ୍ଦ କରୁନଥିଲେ । ଘରୁ ଚୁଡ଼ା, ଚାଉଳ, ଛତୁଆଚୁନା, ଗୁଡ଼, ମୁଢ଼ି, ଉଖୁଡ଼ା, ଏମିତି ନେଇ ଲୋକେ ବାଟ ଚାଲି ରହି ରହି ବାଟରେ ହାତରେ ରୋଷେଇ କରି ଆନନ୍ଦ ଶୁଦ୍ଧ ଭୋଜନ କରି ସାଥି ମେଳରେ ବାଟ ଚାଲି ଚାଲି କାହିଁ କେତେ ଦୂରରୁ ଭକ୍ତି ଶ୍ରଦ୍ଧାରେ ମହିମାମୟଙ୍କ ରଥଯାତ୍ରାକୁ ଆସୁଥିଲେ ।

ଆଜିକାଲି ଗମନାଗମନର ବହୁ ସୁବିଧା ହେଲାଣି ହେଲେ ଲୋକେ ପୂର୍ବପରି ନିଷ୍ଠା ଭକ୍ତି କାଷ୍ଠାରେ ରହିବା ନ ହୋଇ ଗମାତ ମୌଜ କାରବାକୁ ଆସି ହୋଟେଲରେ ରାତ୍ରୀ ବାସ କରୁଛନ୍ତି । ଏହା ହିଁ ପୁରୀରେ ଯାନବାହନ ନିୟନ୍ତ୍ରଣକୁ ଅନେକ ଲୋକଙ୍କ ପାଇଁ ଜଳ, ବିଦ୍ୟୁତ, ବାସ, ଭୋଜନ, ରାସ୍ତାଘାଟ, ଶୌଚ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ସ୍ଵାସ୍ଥ୍ୟ ସମସ୍ୟା, ଦେଖାଦେଉଛି । ଏହା ବର୍ଦ୍ଧିତ ହାରରେ ଚାଲିଛି । ଏହା ପ୍ରଶାସନରେ ଦେଶ ରାଜ୍ୟ ଜିଲ୍ଲା ଆଉ ସହରୀ ପ୍ରଶାସନର ଏକାବେଳେ ମୁଣ୍ଡ ବ୍ୟଥା କରାଉଛି । ଏକରୁ ଅନେକ ଅଧିକାରୀଙ୍କ ପ୍ରଶାସନରେ ଏ ସମୟରେ ବ୍ୟକ୍ତିଗଣ, ସ୍ଥାନ, ଏପରିକି ଲୋକଙ୍କ ବ୍ୟବହାର୍ଯ୍ୟ ନିତ୍ୟ ଦ୍ରବ୍ୟ ଉପରେ ଲାଗିରହିଛି । ବହୁ ଶାସନ ରଜୁର ବନ୍ଧନରେ ପ୍ରଜାମାନେ ପଡ଼ିବା ବୋଧ ହେଲାଣି । ପ୍ରତି ଘରକୁ ଇଲେକ୍ଟ୍ରିକ ସଂଯୋଗ, ରନ୍ଧନ ଗ୍ୟାସ ଟାଙ୍କି ବା ଗ୍ୟାସ ପାଇପ ସଂଯୋଗ, ପାଣି ପାଇପ ସଂଯୋଗ, ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ଜାଇକା ପରି ସଂସ୍ଥାର ନଳ ସଂଯୋଗ, ମୋବାଇଲ ଫୋନ ପାଇଁ ଟିଭି ପାଇଁ ଫୋନରେ କମ୍ପାନୀ ମାନଙ୍କ ମାସିକ ବା ଧାର୍ଯ୍ୟ ସମୟ ପାଇଁ ଟିକସ, ହୋଲଡିଂ ଟିକସ, ସ୍ଥାନଖଜଣା ଦ୍ରବ୍ୟ କ୍ରୟରେ ଜିଏସଟି ଆୟକର ଏସବୁ ରଜୁ । ଦେଶ ବିନା ଅର୍ଥରେ କେବେ ପ୍ରଗତି କରିବା ସମ୍ଭବ ନୁହେଁ । ଅନେକ ପ୍ରକାର କର ଆଦାୟ ଦଉଡି ରଜୁ ପରି ଲମ୍ବିଛି ନାଗରିକମାନେ ଦ୍ରବ୍ୟ ମୋହରେ ବା ଆବଶ୍ୟକ ପାଇଁ ଦେଶ ପ୍ରଗତିର କରସଂଗ୍ରହରେ କର ଲଗାଇବା ଜଣାପଡୁଛି । ଏହି କରରେ ସରକାର ରଥ ଚାଲୁଛି । ଅନେକ କମ୍ପାନୀଙ୍କ ରଥ ଚାଲୁଛି ।

ପୂର୍ବେ ଲୋକେ ଶ୍ରୀକ୍ଷେତ୍ରକୁ ପାଦରେ ଚାଲି ଚାଲି ଆସୁଥିଲେ ରାସ୍ତାଘାଟର ସୁବିଧା ନଥିଲା କାଳକ୍ରମେ ରାସ୍ତାର ସୁଧାର, ଯାନବାହାନ ସୁବିଧା ଯୋଗୁଁ ବହୁ ଲୋକଙ୍କୁ ରଥ ଟଣା ଦିଅଁ ଦର୍ଶନକୁ ଆକୃଷ୍ଟ କଲାପରି, ଶିକ୍ଷା, ସ୍ଵାସ୍ଥ୍ୟ, ନିରାପତ୍ତା, ଧନଜୀବନ ରକ୍ଷା ଗମନା ଗମନ, ଯୋଗାଯୋଗ, କୃଷି, ବାଣିଜ୍ୟ ପରି ଅନେକ ସୁବିଧା ଯୋଗାଇ ଦିଆଯିବାରୁ କର ରଜୁ ଲୋକଙ୍କୁ ଟାଣି ଦେଶ ଦଶଙ୍କ ଉଦ୍ଦେଶ୍ୟରେ କର ରଜୁ ଲୋକେ ଧରି ଦେଶର ଅର୍ଥନୀତି ବିକାଶ ପାଇଁ ନିଜ ଆଡ଼କୁ ଭିଡ଼ିବା ବୋଧ ହେଉଛି । ମହାପ୍ରଭୁଙ୍କର ରଥ ଯାତ୍ରା ସରକାର ଓ ଜନତାଙ୍କୁ ସହଯୋଗରେ ବଡ଼ ବଡ଼ କାର୍ଯ୍ୟ ନିର୍ବାହ କରିବା ପାଇଁ ଏକ ସଙ୍କେତ ଦେଉଛନ୍ତି । ଦେଶ ପ୍ରଜା ଗଣଙ୍କୁ ଭବିଷ୍ୟତ ପାଇଁ ମୁତୟନ ସର୍ବ ବିଭାଗୀୟ ଅଧିକାରୀ ଉତ୍ତମ ସମୟରେ ପାଦରେ ଅଭିଷିକ୍ତ ହେଲେ ବିଶ୍ଵାସ ଭକ୍ତିର ପାତ୍ର ରହିପାରନ୍ତି ।


ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩


# ବିଶ୍ଵ ବିକଳ୍ପ ସନ୍ଧାନରେ ଭାରତ

**ସୌମେନ୍ଦ୍ର ଜେନା**

ପ୍ରତି ମୁହୂର୍ତ୍ତରେ, ପ୍ରତିଦିନ, ବିଶ୍ଵର ପରିସ୍ଥିତି ବଦଳିବାରେ ଲାଗିଛି । କିଏ, କେତେବେଳେ,କେଉଁଠି, କାହା ସହ ରହିବ, ସେ ବିଷୟରେ ଆକଳନ କରିବା ସମ୍ଭବପର ହେଉନାହିଁ । ଆଜି ବିଶ୍ଵନୀତି କହିଲେ କିଛି ଦର୍ଶନ, କିଛି ସିଦ୍ଧାନ୍ତ ନାହିଁ । ସବୁ ଦେଶ ନିଜ ସ୍ଵାର୍ଥ ନିଜ ସୁବିଧାକୁ ବିଶ୍ଵନୀତି ମନେକରିବାରେ ଲାଗିଛନ୍ତି । ଶୀତଳ ଯୁଦ୍ଧ ପରବର୍ତ୍ତୀ କାଳ ପୃଥିବୀରେ ଶାନ୍ତିର ସମୟ ହେବ ବୋଲି ଯେପରି ଆଶା କରାଯାଉଥିଲା ତାହାର ଚିତ୍ର ଓ ଚରିତ୍ର ଏବେ ବଦଳିଯାଇଛି । ଶକ୍ତି ସନ୍ତୁଳନ ବିଗିଡିଯିବା ହେତୁ ଆମେରିକା, ୟୁରୋପ ଏବଂ ନାଟୋ ସଦସ୍ୟ ଥିବା ରାଷ୍ଟ୍ରଗୁଡିକର ଆଧିପତ୍ୟ ଅଧିକ ବଢିବାରେ ଲାଗିଲା । ଅବଶ୍ୟ ନାଟୋ ବାହାରେ ଥିବା ଚୀନ, ଭାରତ, ଇରାନ, ଇସ୍ରାଏଲ, ଉତ୍ତର କୋରିଆ ପରି ରାଷ୍ଟ୍ରଗୁଡିକ ନିଜସ୍ଵ ଶକ୍ତି, କୂଟନୀତି ଓ ପରିଶ୍ରମ ବଳରେ ବିଶ୍ଵରେ ସ୍ଵତନ୍ତ୍ର ସ୍ଥାନ ନେଇଛନ୍ତି । ଦ୍ଵିତୀୟ ବିଶ୍ଵଯୁଦ୍ଧ ପରବର୍ତ୍ତୀ କାଳରେ ପ୍ରାୟ ୮୦ବର୍ଷ ପର୍ଯ୍ୟନ୍ତ ଯୁଦ୍ଧ, ଶକ୍ତି ପ୍ରଦର୍ଶନରୁ ଦୂରରେ ରହି ନିଜର ଆର୍ଥିକ ଶକ୍ତିକୁ ବୃଦ୍ଧି କରିବାକୁ ମନୋନିବେଶ କରିଥିବା ଜାପାନ ଏବେ ପରିବର୍ତ୍ତିତ ବିଶ୍ଵସ୍ଥିତିକୁ ଦେଖି ନିଜର ପୁରୁଣା ଶକ୍ତି କେନ୍ଦ୍ରକୁ ଫେରିବାକୁ ପ୍ରୟାସ ଆରମ୍ଭ କରିଦେଇଛି । ଗୋଟିଏ ପଟେ ଆମେରିକାର ଏକାଧିପତ୍ୟକୁ ପ୍ରାଧାନ୍ୟ, ଅନ୍ୟପଟେ ରୁଷିଆ ନିଜର ପୁରୁଣା ସମ୍ମାନ ପାଇଁ ସଂଘର୍ଷରତ ଥିଲାବେଳେ ଚୀନ ଉଭୟ ଆମେରିକା ଓ ରୁଷିଆର ସହଯୋଗୀ ଭାବେ ଏବଂ ଦ୍ଵିତୀୟ ଆର୍ଥିକ ମହାଶକ୍ତି ହୋଇ ଛିଡା ହେବାକୁ ସକ୍ଷମ ହୋଇଛି । ଫଳତଃ ଆଗାମୀ ଦିନରେ ଆମେରିକାକୁ ଅତିକ୍ରମ କରି ଅନେକ କ୍ଷେତ୍ରରେ ଚୀନ ପ୍ରାଧାନ୍ୟ ବିସ୍ତାର କରିବ ଯାହା ଏବେଠୁ ସ୍ପଷ୍ଟ ହେଲାଣି । ଏସବୁ ଶକ୍ତିର ଅସନ୍ତୁଳନ ମଧ୍ୟରେ ଭାରତ ନିଜର ଶକ୍ତି, ସାମର୍ଥ୍ୟ, ସୁରକ୍ଷା, ଅର୍ଥନୀତି ଆଦି ସବୁକ୍ଷେତ୍ରରେ ଆତ୍ମନିର୍ଭର ହେବାପାଇଁ ପ୍ରୟାସ କରୁଛି । ଗୋଟିଏ ପଟେ ଟ୍ରମ୍ପ ପ୍ରଶାସନର ଅହଙ୍କାରବାଦୀ ନୀତି ଏବଂ ଆରପଟେ ବନ୍ଧୁରାଷ୍ଟ୍ର ରୁଷିଆର ସଂଘର୍ଷ ମଧ୍ୟରେ ଭାରତ ନିଜକୁ ଦୁଇ ମହାଶକ୍ତିଙ୍କ ମଝିରେ ସଂପର୍କକୁ ସନ୍ତୁଳିତ ସ୍ଥିତିରେ ରଖିବାକୁ ଚେଷ୍ଟା କରୁଛି । ସେଥିପାଇଁ ସାରା ପୃଥିବୀରେ ନୂଆ ନୂଆ ବିକଳ୍ପର ସନ୍ଧାନରେ ରହିଛି । ଶକ୍ତି, ମୂଲ୍ୟବାନ ଖଣିଜ ବସ୍ତୁ, ପ୍ରତିରକ୍ଷା ସାମଗ୍ରୀ, ମହାକାଶ ଗବେଷଣା, ଢାଞ୍ଚାଗତ ନିର୍ମାଣ ଆଦି ବହୁବିଧ କ୍ଷେତ୍ରରେ ଆପଣାର ନିଜସ୍ଵ ଶକ୍ତି ବୃଦ୍ଧି କରିବାରେ ଲାଗିଛି । ସେଥିପାଇଁ ଛୋଟ ବଡ ବହୁ ରାଷ୍ଟ୍ରଙ୍କ ସହ ସଂପର୍କ ସ୍ଥାପନ କରି ନିଜସ୍ଵ କୂଟନୀତି, ବାଣିଜ୍ୟ, ଶିକ୍ଷା, ସୁରକ୍ଷା, ଅର୍ଥନୀତି ପରି ଅନେକ ବିଷୟରେ ଆପଣାର ପ୍ରତିଷ୍ଠା ପଛରେ ଲାଗିରହିଛି ।

କେନ୍ଦ୍ର ସରକାର ଗୋଟିଏ ପଟେ ଆମେରିକା ପରି ବାହାରକୁ ବନ୍ଧୁ, ଭିତରେ ଶତ୍ରୁ ପରି ଚିନ୍ତା ରଖୁଥିବା ରାଷ୍ଟ୍ରକୁ ସାମ୍ନା କଲାବେଳେ ଅପରପକ୍ଷେ ରୁଷିଆ ପରି ପୁରୁଣା ବନ୍ଧୁରାଷ୍ଟ୍ର ସହ ଛିଡା ହୋଇଛନ୍ତି ଯୁଦ୍ଧ ସମୟରେ । ରୁଷିଆର ଅର୍ଥନୀତିକୁ ସାହାଯ୍ୟ କରିବାକୁ ତୈଳକ୍ରୟ, ଅସ୍ତ୍ରକ୍ରୟ, ଇଞ୍ଜିନିୟରିଂ ଯନ୍ତ୍ରାଂଶ ଯୋଗାଣ, ଦକ୍ଷ ଶ୍ରମଶକ୍ତି ଯୋଗାଣ ପରି କାର୍ଯ୍ୟକୁ ଭାରତ ସରକାର ଜାରି ରଖିଛନ୍ତି । କାରଣ ଆଜି ବିଶ୍ଵ ବହୁପକ୍ଷୀୟ ହୋଇଛି ଗୋଟିଏ ରାଷ୍ଟ୍ର ଅନ୍ୟ ଉପରେ ନିର୍ଭରଶୀଳ ହେବାପରେ ଅଯଥା କଟକଣା, ତାରିଫ ଯୁଦ୍ଧକୁ ସମ୍ମୁଖୀନ ହେବାକୁ ପଡୁଛି । ବର୍ତ୍ତମାନର ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଇରାନ ଓ ଆମେରିକା ହର୍ମୁଜ ପ୍ରଣାଳୀକୁ ଅସ୍ଥିର କରି ରଖିଥିବା ସମୟରେ ଯୋଗାଣଜନିତ ହ୍ରାସ ଯୋଗୁ ବିଶ୍ଵସାରା ଦରବୃଦ୍ଧି ହେବାରେ ଲାଗିଛି । ଏସବୁକୁ ଦୃଷ୍ଟିରେ ରଖି ଭାରତ ୟୁରୋପର ରାଷ୍ଟ୍ରଗୁଡିକ ସହ ମୁକ୍ତବାଣିଜ୍ୟ ବୁଝାମଣା, ଅନେକ ରାଷ୍ଟ୍ର ସହ ରଣନୀତିକ ସଂପର୍କ ସ୍ଥାପନ କରିବାରେ ଲାଗିପଡିଛି । ଯେଉଁ ଦେଶଗୁଡିକୁ ଭାରତର ରାଷ୍ଟ୍ରମୁଖ୍ୟମାନେ ଅତୀତରେ ଗସ୍ତ କରିନଥିଲେ, ସେ ସବୁକୁ ଖୋଜି ମୋଦି ଗସ୍ତ କରିବାରେ ଲାଗିଛନ୍ତି । ଏହାର କାରଣ ହେଲା ସଂଖ୍ୟାଧିକ ବାଣିଜ୍ୟ ସହଯୋଗୀଙ୍କୁ ବିକଳ୍ପ ଭାବେ ଛିଡାକରିବା । ବଡ ବଡ ରାଷ୍ଟ୍ରଗୁଡିକର ଆଭ୍ୟନ୍ତରୀଣ ଅସ୍ଥିରତା କିମ୍ବା ରାଜନୈତିକ କଟକଣା ସରକାରକୁ କେନ୍ଦ୍ରକରି ବଦଳୁଥିବା ଯୋଗୁ କେଉଁ ମୁହୂର୍ତ୍ତରେ କେଉଁ ଦେଶ କାହା ସହିତ ରହୁଛି ତାହା ଜାଣିବା କଷ୍ଟକର । ତେଣୁ ବ୍ୟବସାୟ-ବାଣିଜ୍ୟ, ଲୋକଙ୍କ ରୋଜଗାର, ଶିଳ୍ପପାଇଁ ଆବଶ୍ୟକ ଖଣିଜ ସଂପଦ ଯୋଗାଣ ଏବଂ ବିଶ୍ଵବଜାରରେ ସେସବୁର ବିକ୍ରି ପାଇଁ ସକ୍ରୀୟ ବିଦେଶନୀତି ଦରକାର ।

କୋରୋନା ପରବର୍ତ୍ତୀ ସମୟରେ ଚୀନର ଖଣିଜ ଦ୍ରବ୍ୟ ଯୋଗାଣକୁ କଟକଣାଯୁକ୍ତ କରାଯିବା, ଆମେରିକା ଦ୍ଵାରା ବାଣିଜ୍ୟ ଶୁଳ୍କ ଲଗାଯିବା. ୟୁରୋପର ରାଷ୍ଟ୍ରଗୁଡିକ ରୁଷିଆର ତୈଳ ବିକ୍ରିକୁ ଭିନ୍ନ ଦୃଷ୍ଟିରେ ଦେଖିବା, ନାଟୋ ମେଣ୍ଟର ରାଷ୍ଟ୍ରଗୁଡିକ ରୁଷିଆର ବାଣିଜ୍ୟକୁ ୟୁକ୍ରେନ ଯୁଦ୍ଧ ସହ ଯୋଡିବା ଯୋଗୁ ବିଶ୍ଵରେ ଆର୍ଥିକ ଅସ୍ଥିରତା ଦେଖାଦେଇଛି । କୋରୋନା ପରେ ଅର୍ଥନୀତିକୁ ସଜାଡିବା ପାଇଁ ପ୍ରୟାସର ଦେଶଗୁଡିକ ଦୀର୍ଘ ସମୟ ଧରି ୟୁକ୍ରେନ-ରୁଷିଆ ଏବଂ ଇରାନ-ଇସ୍ରାଏଲ-ଆମେରିକାର ଯୁଦ୍ଧ, ଇସ୍ରାଏଲ-ପାଲେଷ୍ଟାଇନ-ଲେବାନନ ଯୁଦ୍ଧ, ୟେମେନ-ସାଉଦି ଆରବ ଯୁଦ୍ଧ, ସିରିଆରେ ବହୁରାଷ୍ଟ୍ରର ଯୁଦ୍ଧ ଯୋଗୁ ବିଶେଷ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ତେଣୁ ଅନେକ ବିକାଶଶୀଳ ଏବେ ସ୍ଵାଭିମାନୀ ରାଷ୍ଟ୍ର ନିଜସ୍ଵ ଉତ୍ପାଦନକୁ ବୃଦ୍ଧିକରି ଆମଦାନୀକୁ ହ୍ରାସ କରିବା ଉପରେ ଏବେ ଜୋର ଦେବାକୁ ଲାଗିଲେଣି ଯେମିତିକି ଜାପାନ ଦୀର୍ଘ ଅଶୀ ବର୍ଷ ପରେ ନିଜର ଆତ୍ମରକ୍ଷା ନୀତିକୁ ଜୋରଦେଇ ଆମେରିକା ସହଯୋଗରେ ସୁରକ୍ଷା ବଳୟରୁ ହଟି ନିଜସ୍ଵ ସେନାସଂଖ୍ୟା ବୃଦ୍ଧି ସହ ଅସ୍ତ୍ରଶସ୍ତ୍ର ଉତ୍ପାଦନ ଉପରେ ଜୋରଦେବାପାଇଁ ବିଦେଶନୀତିରେ ପରିବର୍ତ୍ତନ ଆଣିଛି । ଏହାର ସୁଯୋଗ ନେବାପାଇଁ ଭାରତ ଜାପାନକୁ ନିମନ୍ତ୍ରଣ କରି ନିଜ ଦେଶରେ ଜାପାନୀ ଅସ୍ତ୍ର ନିର୍ମାଣର ସୁଯୋଗ ଦେବାକୁ କହିଛି । ଜାପାନର ଶ୍ରମିକ ସଂଖ୍ୟା ହ୍ରାସ ଯୋଗୁ ସେଠାକାର କମ୍ପାନୀ ଭାରତକୁ ଦ୍ଵିତୀୟ ନିର୍ମାଣ ସ୍ଥଳୀ ଭାବେ ବାଛିବାକୁ ରହୁଁଛନ୍ତି । ଏ ଦିଗରେ ହୋଣ୍ଡା, ସୁଜୁକୀ ଆଦି କମ୍ପାନୀ ସଫଳ ମଧ୍ୟ ହୋଇଛନ୍ତି । ଯେମିତି ଭାରତରେ ବୁଲେଟ ଟ୍ରେନ ନିର୍ମାଣ, ଉଭୟ ଜଳ ଓ ସ୍ଥଳରେ ଅବତରଣ କରିପାରୁଥିବା ଜାପାନୀ ବିମାନର ଭାରତରେ ନିର୍ମାଣ ଉପରେ ଭାରତ ଜୋର ଦେଉଛି, ଯାହା ଭାରତର ସ୍ଵାର୍ଥ ଦୃଷ୍ଟିରୁ ଆବଶ୍ୟକ । ସେହିପରି ଅଷ୍ଟ୍ରେଲିଆର ଖଣିଜ ସଂପଦ, ନିଉଜିଲାଣ୍ଡର କୃଷି ଓ ପଶୁପାଳନ, ସ୍ଵିଜରଲାଣ୍ଡର ଟେକ୍ନୋଲୋଜୀ, ୟୁରୋପୀୟ ରାଷ୍ଟ୍ରଗୁଡିକରେ ବିଦେଶୀ ପ୍ରକଳ୍ପରେ ନିବେଶ ପାଇଁ ରହିଥିବା ସ୍ଵାଧୀନ ପାଣ୍ଠି ଉପରେ ଭାରତ ସରକାର ଦୃଷ୍ଟି ରଖି କାର୍ଯ୍ୟ କରୁଛନ୍ତି ।

ଏହାଛଡା ଭାରତର ଶତ୍ରୁ ରାଷ୍ଟ୍ର ଗୋଷ୍ଠୀ ପାକ୍-ଚୀନ ଏବଂ ତୁର୍କୀ- ଆଜରବୈଜାନ ଏବଂ ପାକିସ୍ଥାନର ଭାରତ ବିରୋଧୀ ଷଡଯନ୍ତ୍ରକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ସେଠାକାର ଦୁର୍ବଳ ନାଡୀଗୁଡିକୁ ଭାରତ ସରକାର ଚିପିବାରେ ଲାଗିଛନ୍ତି । ତେଣୁ ଚୀନର ନାଲି ଆଖି ଯୋଗୁ ଦକ୍ଷିଣ ଚୀନ ସାଗର ନିକଟସ୍ଥ ରାଷ୍ଟ୍ର ଇଣ୍ଡୋନେସିଆ, ଭିଏତନାମ, ଫିଲିପାଇନ୍ସ ସମେତ ଜାପାନ ଏବଂ ତାଇୱାନ ଆଦି ରାଷ୍ଟ୍ର ସହ ବ୍ୟାପାରିକ ସଂପର୍କ ସୁଦୃଢ଼ କରିବାକୁ ଭାରତ ସରକାର ଉଦ୍ୟମ କରୁଛନ୍ତି । ଏହିକ୍ରମରେ ଫିଲିପାଇନ୍ସ, ଭିଏତନାମ ଏବଂ ଇଣ୍ଡୋନେସିଆକୁ ପ୍ରତିରକ୍ଷା ସାମଗ୍ରୀ ଯୋଗାଇ ଶକ୍ତିଶାଳୀ କରାଯାଉଥିବା ସମୟରେ ଆଫଗାନିସ୍ଥାନ ପରି ରାଷ୍ଟ୍ରକୁ ଆବଶ୍ୟକ ଖାଦ୍ୟସାମଗ୍ରୀ, ଔଷଧ, କୃଷିବିଜ୍ଞାନ ସହ ଆନ୍ତର୍ଜାତିକ କ୍ଷେତ୍ରରେ କୂଟନୀତିକ ସହାୟତା ପ୍ରଦାନ କରାଯାଉଛି । ଠିକ୍ ସେହିପରି ତୁର୍କୀ-ଆଜରବୈଜାନ-ପାକିସ୍ଥାନୀ ମେଣ୍ଟ ଯୋଗୁ ଆର୍ମେନିଆ, ଗ୍ରୀସ,ସାଇପ୍ରସ ଓ ପର୍ତ୍ତୁଗାଲ ପରି ଦେଶ ସଙ୍କଟରେ ଥିଲାବେଳେ ଭାରତ ସେହି କ୍ଷେତ୍ରରେ ନିଜର ଶକ୍ତି ବୃଦ୍ଧି ପାଇଁ ଏହିସବୁ ରାଷ୍ଟ୍ରକୁ ଇସ୍ରାଏଲ ସହ ଯୋଡି ନୂତନ ମେଣ୍ଟ ଗଠନ ପାଇଁ ପ୍ରୟାସ ଚଳାଇଛି । ଆର୍ମେନିଆ ସମେତ ଅନ୍ୟ ରାଷ୍ଟ୍ରଗୁଡିକରେ ବନ୍ଦର ନିର୍ମାଣ, ଅସ୍ତ୍ରଶସ୍ତ୍ର ଯୋଗାଣ, ବାଣିଜ୍ୟରେ ସହଯୋଗ, ଶିକ୍ଷା, ବିଜ୍ଞାନ ଏବଂ ମହାକାଶ କ୍ଷେତ୍ରରେ ଗବେଷଣା ଏବଂ ସହଯୋଗ ବୃଦ୍ଧି, ଚିକିତ୍ସା ଏବଂ ଶ୍ରମଶକ୍ତି ଯୋଗାଣ କ୍ଷେତ୍ରରେ କାର୍ଯ୍ୟକରିବା ପାଇଁ ପ୍ରୟାସ ଜାରି ରଖିଛି । ଫଳସ୍ଵରୂପ ବାରମ୍ବାର ଯୁଦ୍ଧର ସମ୍ମୁଖୀନ ହେଉଥିବା ଇସ୍ରାଏଲ ଏବେ ନିଜର ଆବଶ୍ୟକତାକୁ ପୂରଣ କରିବାପାଇଁ ଭାରତରେ ନିଜର କ୍ଷେପଣାସ୍ତ୍ର ନିର୍ମାଣ କରି ଇସ୍ରାଏଲକୁ ନେବାପାଇଁ ପ୍ରୟାସ ଚଳାଇଛି । ସେହିପରି ଆମେରିକାର ଆର୍ଥିକ ଧମକକୁ ଆଗାମୀ ଦିନରେ ଦୁର୍ବଳ କରିବା ପାଇଁ ଏବେଠାରୁ ବହୁ ରାଷ୍ଟ୍ର ସହ ୟୁପିଆଇକୁ ଯୋଡିବା ଏବଂ ଦେଣନେଣ ପାଇଁ ଡିଜିଟାଲ ମୁଦ୍ରା ଉପରେ ଜୋର ଦେବାକୁ ବ୍ରିକ୍ସର ଉଦ୍ୟମରେ ଭାରତ ସାମିଲ ହୋଇଛି । ଦୀର୍ଘବର୍ଷ ଧରି ଭାରତର ବାହାରେ ପଡିରହିଥିବା ସୁନାକୁ ସରକାର ପର୍ଯ୍ୟାୟକ୍ରମେ ଭାରତକୁ ଫେରାଇ ଆଣିବାପାଇଁ ଲାଗିପଡିଛନ୍ତି । ଯେଉଁ ଦେଶଗୁଡିକରେ ଭାରତର ଶତ୍ରୁରାଷ୍ଟ୍ର ପାକ୍ -ବଙ୍ଗଳାଦେଶର ଅଧିକ ବାଣିଜ୍ୟ ରହିଛି, ସେହିସବୁ ଦେଶ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରି ସେଠାରେ ଶତ୍ରୁ ରାଷ୍ଟ୍ରମାନଙ୍କର ବଜାରରେ ପ୍ରବେଶକୁ ସଂକୁଚିତ କରିବା ପାଇଁ ଭାରତ ପକ୍ଷରୁ ଚେଷ୍ଟା ଜାରିରହିଛି ।

ଗୋଟିଏ ପଟେ ଦେଶରେ ଆର୍ଥିକ, ରାଜନୈତିକ, ସାମରିକ, ଶିକ୍ଷଗତ ସ୍ଥିତିକୁ ସୁଦୃଢ କରିବାକୁ ସରକାର ଜୋର ଦେବାବେଳେ ଅପରପକ୍ଷେ ବିଦେଶରେ ସହଯୋଗୀ ରାଷ୍ଟ୍ରଗୁଡିକର ଆବଶ୍ୟକତା ପୂରଣ ପାଇଁ ଗୁରୁତ୍ଵ ଦେଉଛନ୍ତି । ବିଶ୍ଵମଞ୍ଚରେ ଭାରତର ସ୍ଥିତିକୁ ସୁଦୃଢ କରିବା ପାଇଁ ବିଦେଶନୀତିକୁ ଆବଶ୍ୟକ ମୁତାବକ ପରିବର୍ତ୍ତନ କରାଯାଉଛି । କୂଟନୀତିକ କ୍ଷେତ୍ରରେ ଦେଶର ସ୍ଥିତିକୁ ମଜଭୁତ କରିବାକୁ ଆମେରିକା ଏବଂ ପାଶ୍ଚାତ୍ୟ ଜଗତକୁ ରୋକଠୋକ୍ ଶବ୍ଦରେ ଉତ୍ତର ପ୍ରଦାନ କରାଯାଉଛି । ସେମାନଙ୍କ ସ୍ଵାର୍ଥପର ନୀତିକୁ ସମାଲୋଚନା କରାଯାଉଛି । ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଦେଶ ସହ ଭଲ ସଂପର୍କ ରକ୍ଷାକରି ସେମାନଙ୍କ ସମର୍ଥନ ବିଶ୍ଵମଞ୍ଚରେ ସଂଗ୍ରହ କରାଯାଉଛି । ସେମାନଙ୍କ ବିକାଶପାଇଁ ମଧ୍ୟ ଭାରତ ଆର୍ଥିକ, ସାମରିକ, ବୈଷୟିକ ସହାୟତା ଯୋଗାଇ ଦେଉଛି । ତେଣୁ ଭାରତ ଆଜି ଗୋଟିଏ ଦୁଇଟି ଅଥବା ଅଳ୍ପ କିଛି ଦେଶ ମଧ୍ୟରେ ନିଜକୁ ସୀମିତ ନକରି ଛୋଟ-ବଡ ଅନେକ ରାଷ୍ଟ୍ରସହ ନିଜକୁ ଯୋଡି ବିକଳ୍ପ ବ୍ୟବସ୍ଥା ନିର୍ମାଣ ପାଇଁ ଅନେକ ସମୟରେ ଯୁକ୍ତି ବାଢୁଛି, ଯାହାକୁ ଅନେକ ପସନ୍ଦ ମଧ୍ୟ କରୁଛନ୍ତି । ଏକବିଂଶ ଶତାବ୍ଦୀରେ ଆମେରିକା ଏବଂ ରୁଷିଆ କ୍ରମଶଃ ରାଜନୈତିକ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହେବାକୁ ଲାଗିଥିବା ସ୍ଥଳେ ଚୀନ ଏବଂ ଭାରତ ପାଇଁ ବିକଳ୍ପ ଶକ୍ତି ଭାବେ ବିଶ୍ଵରେ ମୁଣ୍ଡଟେକିବା ପାଇଁ ସୁଯୋଗ ସୃଷ୍ଟି ହୋଇଛି । ଚୀନ ଏହାର ସୁଯୋଗକୁ ତ୍ଵରିତ କରି ଅଧିକ ସଫଳ ହେବାକୁ ସକ୍ଷମ ହୋଇଛି । ଭାରତ ଏହି ସୁଯୋଗକୁ ଉପଯୋଗ କରିବାରେ ଯଥେଷ୍ଟ ସମୟ ନେବା ଯୋଗୁ ବିକାଶର ଦୌଡରେ ଚୀନର ପଛରେ ରହିଛି । ବାଣିଜ୍ୟିକ ପରିବହନ ଜାହାଜ, ସାମରିକ ପରିବହନ ବିମାନ, ଗଭୀର ବନ୍ଦର ନିର୍ମାଣ, ସେମିକଣ୍ଡକ୍ଟର ନିର୍ମାଣ ଯାହା ଚିକିତ୍ସା ଯନ୍ତ୍ରପାତି ଏବଂ ଉପକରଣ ନିର୍ମାଣ ପରି ଅନେକ କ୍ଷେତ୍ର ରହିଛି ଯେଉଁଠି ପୂର୍ବରୁ ଶୂନ୍ୟ ଉତ୍ପାଦନ ରହିଥିଲା ଯାହା ଏବେ ଆରମ୍ଭ ହୋଇଛି । ସବୁକ୍ଷେତ୍ରରେ ନିଜକୁ ବିକଳ୍ପ କରି ଗଢିତୋଳିବା ସହ ଆବଶ୍ୟକ ବିକଳ୍ପର ସୁଯୋଗଗୁଡିକୁ ଠିକଣା ଭାବେ ଉପଯୋଗ କରିବାକୁ ଭାରତ ଅଧିକ ଜୋରଦେବା ଦରକାର ।


ଭାରତୀୟ ସମ୍ବାଦ ସେବା (ଭାସ୍)

ଭୁବନେଶ୍ଵର-୭୫୧୦୦୩

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ବାଲିଚନ୍ଦ୍ରପୁର, (ମହାଭାରତ) : ବାଲିଚନ୍ଦ୍ରପୁର ଥାନା ନଳିପୁର ପଞ୍ଚାୟତ ଅନ୍ତର୍ଗତ ବାଉଜଙ୍ଗ ଗ୍ରାମର ସ୍ୱର୍ଗତ ଚୈତନ୍ୟ ମହାରଣାଙ୍କ ପୁଅ ମଧୁସୂଦନ ମହାରଣା (୩୦) ଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ ସେ ତାଙ୍କର ଏକ ବନ୍ଧୁଙ୍କର ବିବାହ ଭୋଜିରେ ଯୋଗଦେବାପାଇଁ ନିଜର ସ୍କୁଟି ଗାଡ଼ିରେ ଯାଉଥିବା ସମୟରେ ଚଣ୍ଡିଖୋଲ ନିକଟରେ ଏକ ଦ୍ରୁତଗାମୀ ଟ୍ରକ ତାଙ୍କୁ ପଛରୁ ଜୋର ଧକ୍କା ଦେଇଥିଲା, ଯାହାଫଳରେ ତାଙ୍କ ଦେହରେ ବିଭିନ୍ନ ସ୍ଥାନରେ ଖଣ୍ଡିଆ ହେବା ସହ ଛାତି ଓ ମେରୁଦଣ୍ଡରେ ଗଭୀର ଆଘାତ ହୋଇଥିଲା। ସ୍ଥାନୀୟ ଲୋକେ ଓ ପୋଲିସ ତାଙ୍କୁ ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା. ସେଠାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ତାଙ୍କ ଗ୍ରାମ ବାଉଜଙ୍ଗରେ ପହଞ୍ଚିବାପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ଜଣେ ସ୍ନେହୀ, ବନ୍ଧୁବତ୍ସଳ, ମିଷ୍ଟଭାଷୀ, ପରୋପକାରୀ ଯୁବକ ଥିଲେ. ତାଙ୍କ ମରାଶରୀର ଗାଁରେ ପହଞ୍ଚିବା ପରେ ନଳିପୁର ସରପଞ୍ଚ ସେକ ଅବଦୁଲ ଗନି, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ମନ୍ମଥ କେଶରୀ ସାହେବରାୟ, ମନୋରଞ୍ଜନ ମଳିକ, ରଶ୍ମିରଞ୍ଜନ ବଳ, ଦୀପକ କୁମାର ବଳ, ବଳରାମ ବେହେରା, ଅଜୟ କୁମାର ବଳ, ରବୀନ୍ଦ୍ର କୁମାର ମହାରଣା, ଯଚିନ୍ଦ୍ର ମହାରଣା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ. ତାଙ୍କ ମରଶରୀରକୁ କୀର୍ତ୍ତନମଣ୍ଡଳୀ ସହ ଗ୍ରାମ ପରିକ୍ରମା କରାଇ ନିଜସ୍ୱ ସ୍ମଶାନରେ ଶେଷକୃତ୍ୟ ସମ୍ପନ କରାଯାଇଥିଲା।

## ପାରାଦୀପ ଆଠର ବାଙ୍କିରେ ନକଲି ମଦ ତିଆରି କାରଖାନା ଠାବ



ପାରାଦୀପ, (ମହାଭାରତ) : ଆଠର ବାଙ୍କୀ ଠାରେ ନକଲି ମଦ କାରଖାନା ଠାବ କରି,,୩ ଜଣଙ୍କୁ ଗିରଫ କରିଥିବା ପାରାଦୀପ ଅବକାରୀ ବିଭାଗ ଆଜି ପୁଣି ନେଇଛି ବଡ଼ ପଦକ୍ଷେପ। ତଦନ୍ତ ବେଳେ ମିଳିଥିବା ସୂଚନା ଆଧାରରେ ପାରାଦୀପ ଅଠରବାଙ୍କି ମାର୍କେଟର ଏକ ମଦ ଦୋକାନରେ ଚଢ଼ାଉ କରି ଦୋକାନକୁ ସିଲ୍ କରିଛି ଅବକାରୀ ବିଭାଗ। ଗିରଫ ହୋଇଥିବା ଜଣେ ଅଭିଯୁକ୍ତ ଏହି ଦୋକାନର ପୂର୍ବତନ କର୍ମଚାରୀ ଥିବାରୁ ଏହି ଦୋକାନକୁ ନକଲି ମଦ ଯୋଗାଣ ହେଉଥିବା ସନ୍ଦେହରେ ତଦନ୍ତ ଜୋରଦାର କରାଯାଇଛି। ପାରାଦୀପରେ ନକଲି ମଦ କାରବାର ବିରୋଧରେ ଆକ୍ସନ ମୁଡ୍‌ରେ ରହିଛି ଅବକାରୀ ବିଭାଗ। ଗତକାଲି ଆମ୍ବିକାପଡ଼ାରେ ଚଢ଼ାଉ କରି ଏକ ନକଲି ମଦ କାରଖାନା ଠାବ କରିବା ସହ ୧୯ ଲିଟରରୁ ଅଧିକ ନକଲି ମଦ, ବିଦେଶୀ ମଦ, ଖାଲି ବୋତଲ, ଲେବଲ, ଠିପି ଏବଂ ନକଲି ମଦ ପ୍ରସ୍ତୁତିର ବିଭିନ୍ନ ସରଞ୍ଜାମ ଜବତ କରାଯାଇଥିଲା। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ପୂର୍ବରୁ ଅଠରବାଙ୍କି ମଦ ଦୋକାନରେ କାମ କରୁଥିବା ଜଣାପଡ଼ିବା ପରେ ଅବକାରୀ ବିଭାଗ ସେହି ଦୋକାନ ଉପରେ ନଜର ରଖିଥିଲା। ତଦନ୍ତ ବେଳେ ମିଳିଥିବା ତଥ୍ୟ ଆଧାରରେ ଆଜି ଅଠରବାଙ୍କି ମାର୍କେଟରେ ଥିବା ମଦ ଦୋକାନରେ ଚଢ଼ାଉ କରାଯାଇଥିଲା। ନକଲି ମଦ ବିକ୍ରି ଅଭିଯୋଗରେ ଦୋକାନକୁ ସିଲ୍ କରିଛି ଅବକାରୀ ବିଭାଗ। ନକଲି ମଦ କେଉଁ କେଉଁ ସ୍ଥାନକୁ ଯୋଗାଣ ହେଉଥିଲା ଏବଂ ଏହି ରାକେଟ୍‌ରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ତଦନ୍ତ ଜାରି ରହିଛି। ଆଗାମୀ ଦିନରେ ଆହୁରି କିଛି ସ୍ଥାନରେ ଚଢ଼ାଉ ହୋଇପାରେ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। 'ପାରାଦୀପରେ ନକଲି ମଦ କାରବାର ଉପରେ ଅବକାରୀ ବିଭାଗର ଏହି କାର୍ଯ୍ୟାନୁଷ୍ଠାନ ପରେ ବେଆଇନ ମଦ ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି। ତଦନ୍ତ ଶେଷ ପରେ ଏହି ରାକେଟ୍‌ରେ ଜଡ଼ିତ ଅନ୍ୟମାନଙ୍କ ବିରୋଧରେ ମଧ୍ୟ କଠୋର ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି।

## ଅଭାବ ଭିତରେ ବଞ୍ଚୁଛନ୍ତି ଶାନ୍ତି



ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ନାକଟିସିମୋଡା ପଞ୍ଚାୟତ ରେ ଜଣେ ଅସହାୟ ମହିଳା ଶାନ୍ତିଙ୍କ ଜୀବନରେ ନାମ ଅନୁଯାୟୀ ଶାନ୍ତି ନାହିଁ। ଶାନ୍ତି ଗଣ୍ଡ ପାଞ୍ଚ ପିଲା ଚାରି ଝିଅ ଓ ଜଣେ ପୁଅ ବଡ ଝିଅ ସରୁଲା,ଆସୁଲା,କୌସୁଲା, ଅନିତା, ପୁଅ ସରାଦୁ ନିଜର ଛୋଟ ଛୋଟ ପିଲାଙ୍କ ସହ ଜୀବନ ବିତାଉଛନ୍ତି ଶାନ୍ତି ।ଗତ ପ୍ରାୟ ଛଅ ବର୍ଷ ଧରି ସେ ଅଭାବ, ଦୁଃଖ ଓ ଅନିଶ୍ଚିତତା ମଧ୍ୟରେ ଜୀବନ ବିତାଉଛନ୍ତି। ସ୍ୱାମୀଙ୍କ ସହଯୋଗରୁ ବଞ୍ଚିତ ହେବା ପରେ ୫ ଜଣ ସନ୍ତାନ ଭରଣପୋଷଣର ସମସ୍ତ ଦାୟିତ୍ୱ ଏକାକୀ ତାଙ୍କ କାନ୍ଧ ଉପରେ ପଡ଼ିଛି ।ବର୍ତ୍ତମାନ ସେ ଭଗା ଦଦ୍ରା ଘରେ ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ବାସ କରୁଛନ୍ତି। ପ୍ରତିଦିନ ପରିବାରର ଦୁଇ ଓଳି ଖାଦ୍ୟ ଯୋଗାଡ଼ କରିବା ମଧ୍ୟ ତାଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି। ଦିନ ମଜୁରି କିମ୍ବା ଅନ୍ୟ କୌଣସି ଛୋଟମୋଟ କାମ କରି ଯାହା ରୋଜଗାର ହୁଏ, ସେଥିରେ କଷ୍ଟେମଷ୍ଟେ ପରିବାର ଚଳୁଛି। ଅନେକ ସମୟରେ ଅର୍ଥାଭାବ ଯୋଗୁଁ ପିଲାମାନଙ୍କ ପାଇଁ ଆବଶ୍ୟକ ଖାଦ୍ୟ, ପୋଷାକ ଓ ଶିକ୍ଷାର ବ୍ୟବସ୍ଥା କରିବା ମଧ୍ୟ ସମ୍ଭବ ହେଉନାହିଁ।ମା' ଭାବରେ ଶାନ୍ତିଙ୍କ ଏକମାତ୍ର ଇଚ୍ଛା ହେଉଛି ତାଙ୍କ ୫ ସନ୍ତାନ ଭଲରେ ପଢ଼ିଲେଖି ଭବିଷ୍ୟତରେ ଏକ ସୁନ୍ଦର ଜୀବନ ଗଢ଼ନ୍ତୁ। କିନ୍ତୁ ଦାରିଦ୍ର୍ୟ ଓ ଅଭାବ ତାଙ୍କ ସ୍ୱପ୍ନକୁ ବାରମ୍ବାର ଅଟକାଇ ଦେଉଛି। ଏପରି କଷ୍ଟଦାୟକ ପରିସ୍ଥିତିରେ ମଧ୍ୟ ସେ ହାର ନମାନି ନିଜ ସନ୍ତାନମାନଙ୍କ ପାଇଁ ନିରନ୍ତର ସଂଘର୍ଷ ଜାରି ରଖିଛନ୍ତି।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ପରିବାରକୁ ସରକାରୀ ଯୋଜନାର ସମସ୍ତ ସୁବିଧା ସମୟରେ ମିଳିବା ଆବଶ୍ୟକ। ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ବାସଗୃହ, ରାସନ, ଭତ୍ତା, ପିଲାମାନଙ୍କ ଶିକ୍ଷା ସହାୟତା ଓ ଅନ୍ୟାନ୍ୟ କଲ୍ୟାଣମୂଳକ ସୁବିଧା ଯୋଗାଇଦେଲେ ପରିବାରଟି ଏକ ନୂଆ ଜୀବନର ଆଶା ପାଇପାରିବେ।ଦେଖିବାକୁ ବାକି ରହିଲା, ଏହି ଅସହାୟ ମା' ଓ ତାଙ୍କ ୫ ସନ୍ତାନଙ୍କ ଦୁଃଖଭରା ଜୀବନ ପ୍ରତି ପ୍ରଶାସନ କେତେ ଶୀଘ୍ର ଦୃଷ୍ଟି ଦେଉଛି ଏବଂ ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇବା ପାଇଁ କେଉଁ ପଦକ୍ଷେପ ନିଆଯାଉଛି।

# ରାଜୁଆ ଓ ଦୟା ନଦୀରେ ବଢ଼ିଲା ଜଳସ୍ତର

- ତଳିଆ ଅଞ୍ଚଳ ଜଳମଗ୍ନ, ଚାଷଜମି ଉଜୁଡ଼ିବା ଆଶଙ୍କା
- ଡଙ୍ଗାରେ ବନ୍ୟାଞ୍ଚଳ ପରିଦର୍ଶନ କଲେ ରାଜେନ୍ଦ୍ର ସାହୁ ଓ ମନ୍ମଥ ରାଉତରାୟ
- ରିଲିଫ ଓ ଉଦ୍ଧାର ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ




ଖୋର୍ଦ୍ଧା,(ମହାଭାରତ) : ଚଳିତ ବର୍ଷର ପ୍ରଥମ ବନ୍ୟା ଖୋର୍ଦ୍ଧା ଜିଲ୍ଲାର ଜନଜୀବନକୁ ପ୍ରଭାବିତ କରିବା ଆରମ୍ଭ କରିଛି। ଲଗାତାର ବର୍ଷା ସହ ଉପରମୁଣ୍ଡରୁ ଆସୁଥିବା ବିପୁଳ ମାତ୍ରାର ବନ୍ୟାଜଳ ପ୍ରବାହ ଫଳରେ ମହାନଦୀର ଶାଖା ନଦୀ ରାଜୁଆ ଓ ଦୟାର ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଏହାର ପ୍ରଭାବରେ ଖୋର୍ଦ୍ଧା ବ୍ଲକର ନରଣଗଡ଼, ଓରବରସିଂହ, ବ୍ରଜମୋହନପୁର ସମେତ ପୁରୀ ଜିଲ୍ଲା କଣାସ ବ୍ଲକର ଅନେକ ପଞ୍ଚାୟତର ବିସ୍ତୀର୍ଣ୍ଣ ଅଞ୍ଚଳ ବନ୍ୟାଜଳରେ ବୁଡ଼ିଯାଇଛି । ଚାଷଜମିରେ ପାଣି ମାଡ଼ି ଆସିବା ସହ ଗ୍ରାମ୍ୟ ସଡ଼କ ଜଳମଗ୍ନ ହୋଇଥିବାରୁ ବହୁ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବାର ଆଶଙ୍କା ସୃଷ୍ଟି ହୋଇଛି । ହୀରାକୁଦ ଜଳଭଣ୍ଡାରର ଗେଟ ଖୋଲାଯିବା ପରେ ରାଜୁଆ ନଦୀରେ ଜଳପ୍ରବାହ ଆହୁରି ବଢ଼ିଛି । ଏହାର ପ୍ରଭାବରେ ଓରବରସିଂହ ପଞ୍ଚାୟତ ଅନ୍ତର୍ଗତ ହିରିମୂଳ ସଂଯୋଗ ସଡ଼କ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅନିଶ୍ଚିତତା ଓ ଆତଙ୍କ ବଢ଼ିଛି । ଅନେକ ପରିବାର ଆବଶ୍ୟକୀୟ ସାମଗ୍ରୀ ସଂଗ୍ରହ କରି ସମ୍ଭାବ୍ୟ ଦୀର୍ଘସ୍ଥାୟୀ ବନ୍ୟା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ବନ୍ୟାର ପ୍ରଥମ ଲହରୀରେ ଶହଶହ ଏକର ଚାଷଜମି ଜଳମଗ୍ନ ହୋଇଯାଇଛି । ଚାଷୀମାନଙ୍କ କହିବା ଅନୁଯାୟୀ, ଯଦି ଆଉ କିଛି ଦିନ ପାଣି ଜମି ରହେ, ତେବେ ଧାନ ଚାରା ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ଜୀବିକା ଗୁରୁତର ସଙ୍କଟରେ ପଡ଼ିବ। କୃଷି ଉପରେ ନିର୍ଭରଶୀଳ ଏହି ଅଞ୍ଚଳରେ ବନ୍ୟା ଅର୍ଥନୀତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇବ ବୋଲି ଆଶଙ୍କା କରାଯାଉଛି । ହିରିମୂଳ, ଡିହଖଳା, ରାୟପୁର, ଦୁର୍ଗାପୁର, ମଶାଣିଆ, କୃଷ୍ଣପୁର, ତେନ୍ତୁଳିମୂଳ, ବଳପୁର, ଶରଧାପୁର, ଓରମି, ମାନପୁର, ହାଡ଼ପଦା, ନରଣଗଡ଼ ଓ ଧବଳପୁର ସମେତ ବହୁ ଗ୍ରାମରେ ବନ୍ୟାର ପ୍ରଭାବ ଧୀରେ ଧୀରେ ବଢୁଛି । ପୂର୍ବ ବର୍ଷ ମାନଙ୍କରେ ଏହି ଅଞ୍ଚଳଗୁଡ଼ିକ ବନ୍ୟା ସମୟରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବାରୁ ଏଥର ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହେବା ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ରାଜେନ୍ଦ୍ର କୁମାର ସାହୁ ଏବଂ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ । ସେମାନେ ହିରିମୂଳ ଓ ଡିହଖଳା ଗ୍ରାମରେ ପହଞ୍ଚି ବନ୍ୟା ବିପନ୍ନଙ୍କ ସହ ଆଲୋଚନା କରିବା ସହିତ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଜଳମଗ୍ନ ଚାଷଜମି, କ୍ଷତିଗ୍ରସ୍ତ ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥାର ସ୍ଥିତିକୁ ମଧ୍ୟ ସେମାନେ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିଥିଲେ । ପରିଦର୍ଶନ ପରେ ବିଜେଡି ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରିଥିଲେ ଯେ ବନ୍ୟା ମୁକାବିଲା ପାଇଁ ନିୟୋଜିତ ଦୁଇଟି ଡଙ୍ଗା ମଧ୍ୟରୁ ଗୋଟିଏ ଅଚଳ ହୋଇପଡ଼ିଛି । ଏହା ଫଳରେ ଉଦ୍ଧାର କାର୍ଯ୍ୟ ଓ ଜରୁରୀ ସାମଗ୍ରୀ ପହଞ୍ଚାଇବାରେ ବାଧା ସୃଷ୍ଟି ହୋଇପାରେ ବୋଲି ସେମାନେ କହିଥିଲେ । ସେହିପରି ବନ୍ୟା ପ୍ରଭାବିତ ଅଞ୍ଚଳରେ ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ରିଲିଫ ସାମଗ୍ରୀ ପହଞ୍ଚି ନଥିବା ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲେ । ବନ୍ୟାପୀଡ଼ିତ ଲୋକମାନେ ପାନୀୟଜଳ, ଶୁଖିଲା ଖାଦ୍ୟ, ପଶୁଖାଦ୍ୟ ଓ ସ୍ୱାସ୍ଥ୍ୟସେବାର ଅଭାବ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇଥିଲେ । ଜଳସ୍ତର ଆହୁରି ବଢ଼ିଲେ ଗର୍ଭବତୀ ମହିଳା, ବୃଦ୍ଧ ଓ ଶିଶୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଗ୍ରାମବାସୀମାନେ କହିଛନ୍ତି । ପରିଦର୍ଶନ ପରେ ରାଜେନ୍ଦ୍ର ସାହୁ କହିଥିଲେ ଯେ ବନ୍ୟା ପରିସ୍ଥିତିକୁ ସରକାର ଅଧିକ ଗୁରୁତ୍ୱର ସହ ନେବା ଆବଶ୍ୟକ। ସେ ବନ୍ୟା ପରିଚାଳନା ନେଇ ସରକାରଙ୍କ କାର୍ଯ୍ୟଧାରାକୁ ସମାଲୋଚନା କରିବା ସହ ତୁରନ୍ତ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଦାବି କରିଥିଲେ। ମନ୍ମଥ ରାଉତରାୟ ମଧ୍ୟ ପ୍ରଭାବିତ ଚାଷୀଙ୍କୁ କ୍ଷତିପୂରଣ, ପର୍ଯ୍ୟାପ୍ତ ଡଙ୍ଗା ମୁତୟନ ଓ ବନ୍ୟା ବିପନ୍ନଙ୍କୁ ଶୀଘ୍ର ସହାୟତା ଯୋଗାଇବା ପାଇଁ ପ୍ରଶାସନକୁ ଆହ୍ୱାନ କରିଥିଲେ । ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ବନ୍ୟା ସମ୍ଭାବନାକୁ ଦୃଷ୍ଟିରେ ରଖି ପୂର୍ବରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଥିବା ଜଣା ପଡ଼ିଛି । ତଥାପି ନଦୀର ଜଳସ୍ତର ଯଦି ଆହୁରି ବଢ଼େ, ତେବେ ଅଧିକ ଗ୍ରାମ ଜଳମଗ୍ନ ହେବା ସହ ବନ୍ୟା ପରିସ୍ଥିତି ଆଗାମୀ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅଧିକ ଗମ୍ଭୀର ରୂପ ନେଇପାରେ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି

### ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟାପ୍ରଭାବିତ ଅଞ୍ଚଳରେ ମାଗଣା ରୋଷେଇ ଓ ଶୁଖିଲା ଖାଦ୍ୟ ବଣ୍ଟନ, ୧୪୩ ବିପନ୍ନଙ୍କୁ ମିଳିଲା ସହାୟତା

ଓରବରସିଂହ ଗ୍ରାମ ପଞ୍ଚାୟତର ହିରିମୂଳ ଗ୍ରାମରେ ବନ୍ୟା କାରଣରୁ ଅନେକ ପରିବାର ଏପର୍ଯ୍ୟନ୍ତ ଜଳବନ୍ଦୀ ଅବସ୍ଥାରେ ରହିଥିବା ବେଳେ ଖାଦ୍ୟ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ଚାହିଦା ଜାରି ରହିଛି । ତେବେ ବନ୍ୟାପ୍ରଭାବିତ ଅଞ୍ଚଳରେ ବନ୍ୟା ବିପନ୍ନଙ୍କ ସହାୟତା ପାଇଁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଓରବରସିଂହ ଗ୍ରାମ ପଞ୍ଚାୟତର ହିରିମୂଳ ଗ୍ରାମରେ ବନ୍ୟାରେ ପ୍ରଭାବିତ ୧୪୩ ଜଣଙ୍କୁ ମାଗଣା ରୋଷେଇ ଖାଦ୍ୟ ସନ୍ଧ୍ୟା ସମୟରେ ଯୋଗାଇ ଦିଆଯାଇଛି । ଏହା ସହିତ ସେମାନଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ମଧ୍ୟ ବଣ୍ଟନ କରାଯାଇଥିଲା। ତେବେ ବନ୍ୟା କାରଣରୁ ଅନେକ ପରିବାର ଏପର୍ଯ୍ୟନ୍ତ ଜଳବନ୍ଦୀ ଅବସ୍ଥାରେ ରହିଥିବା ବେଳେ ଖାଦ୍ୟ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ଚାହିଦା ଜାରି ରହିଛି। ପ୍ରଶାସନ ପକ୍ଷରୁ ବନ୍ୟା ପରିସ୍ଥିତି ଉପରେ ନଜର ରଖାଯାଇଥିବା ବେଳେ ଆବଶ୍ୟକ ସ୍ଥାନରେ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ପାରାଦୀପ ବନ୍ଦର ପକ୍ଷରୁ ଶ୍ରମ ଆଇନ୍ ସମ୍ପର୍କିତ କର୍ମଶାଳା



ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ନୂତନ ଭାବେ ପ୍ରଚଳିତ ଚାରି ଗୋଟି ଶ୍ରମ ଆଇନ୍ ସମ୍ପର୍କରେ ଏକ କର୍ମଶାଳା ପାରାଦୀପ ବନ୍ଦର ପ୍ରଶାସନିକ ଭବନ ନୂତନ ବୋର୍ଡ ରୁମ୍ ପରିସରରେ ଶୁକ୍ରବାର ଦିନ ଆୟୋଜିତ ହୋଇଥିଲା । ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଡେପୁଟି ଚିଫ୍ ଲେବର କମିଶନର, ଭୁବନେଶ୍ୱର ଚିରଂଜୀବ ସାଇକିଆ ଯୋଗ ଦେଇଥିବା ବେଳେ ଅଂଚଳିକ ଶ୍ରମ ଅଧିକାରୀ(କେନ୍ଦ୍ରୀୟ), ଭୁବେଶ୍ୱର ଜୟନ୍ତ ପ୍ରସାଦ ବେହେରା ଯୋଗ ଦେଇଥିଲେ । ଏହି କର୍ମଶାଳାରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନଦା ଯୋଗ ଦେଇ ଦାୟିତ୍ୱବୋଧ, ବିଶ୍ୱାସ, ଦଳଗତ କାର୍ଯ୍ୟ ସମେତ ଶ୍ରମିକମାନଙ୍କ କଲ୍ୟାଣକାରୀ କାର୍ଯ୍ୟ ଯାହାକି ସ୍ଥାୟୀ ଓ ଚୁକ୍ତିଭିତିକ କର୍ମଚାରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ସମ୍ପର୍କରେ ସାରଗର୍ଭକ ତଥ୍ୟ ଉପସ୍ଥାପନ କରିଥିଲେ। ଭାରତ ସରକାରଙ୍କ ନୂତନ ଚାରି ଗୋଟି ଶ୍ରମ ଆଇନ୍ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପାରାଦୀପ ବନ୍ଦର କର୍ମଚାରୀଙ୍କ ସମେତ ଚୁକ୍ତିଭିତିକ କର୍ମଚାରୀମାନଙ୍କ ନିମନ୍ତେ ନେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଶ୍ରୀ ହରନାଦ ବକ୍ତବ୍ୟରେ ସୂଚନା ଦେଇଥିଲେ । କର୍ମଶାଳାର ମୁଖ୍ୟଅତିଥି ପାରାଦୀପ ବନ୍ଦରରେ ଶ୍ରମ ଆଇନ୍ ତଥା ଶ୍ରମିକ, କର୍ମଚାରୀମାନଙ୍କ ନିମନ୍ତେ ନିଆଯାଉଥିବା ପଦକ୍ଷେପଗୁଡିକର ଉଚ୍ଚ ପ୍ରଶଂସା କରିଥିଲେ। ପାରାଦୀପ ବନ୍ଦର ସଚୀବ କ୍ରୀଷ୍ଟା ବାପି ରାଜୁ ଜି. ସଚେତନତା, ମିଳିତ ସହଯୋଗରେ ନୂତନ ଶ୍ରମ ଆଇନ୍ ପ୍ରଣୟନରେ ସଫଳତା ହାସଲ କରି ହେବ ବୋଲି କହିଥିଲେ। ଏହି କର୍ମଶାଳାରେ ବନ୍ଦର ଅଧିକାରୀ, କର୍ମଚାରୀ, ଠିକାଦାର, ଶ୍ରମିକ ସଙ୍ଗଠନର ପ୍ରତିନିଧିମାନେ ଯୋଗ ଦେଇ ଶ୍ରମ ପରିସରକୁ ବନ୍ଧୁତ୍ୱପୁର୍ଣ୍ଣ ଭାବେ କାର୍ଯ୍ୟ କରିବାକୁ କହିଥିଲେ।

## ସାର ପାଇଁ ରାଜରାସ୍ତା ଉପରେ ବସିଲେ ମହିଳା ଓ ପୁରୁଷ ଚାଷୀ, ପୋଲିସ ପ୍ରଶାସନଙ୍କ ବୁଝାସୁଝା ରାସ୍ତାରୁ ହୋଟିଲେ ଚାଷୀ



ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଚାଷୀ ସାରକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ଆବଶ୍ୟକ ପରିମାଣର ସାର ମିଳୁନଥିବାରୁ ଆଜି ବହୁ ସଂଖ୍ୟକ ମହିଳା ଓ ପୁରୁଷ ଚାଷୀ ରାଜରାସ୍ତା ଉପରେ ବସି ପ୍ରତିବାଦ କରିଥିଲେ। ଫଳରେ କିଛି ସମୟ ପାଇଁ ଯାତାୟାତ ବନ୍ଦ ହୋଇଥିଲା ଏବଂ ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।ସୂଚନା ଅନୁଯାୟୀ, ସକାଳୁଠାରୁ ବହୁ ଚାଷୀ ସାର ପାଇଁ ଲେମ୍ପସ୍ ସମ୍ମୁଖରେ ଧାଡ଼ିରେ ଅପେକ୍ଷା କରିଥିଲେ। କିନ୍ତୁ ସାର ଉପଲବ୍ଧ ନଥିବା ଏବଂ ବଣ୍ଟନରେ ବିଳମ୍ବ ହେବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରିସ୍ଥିତି ଅଧିକ ଉତ୍ତେଜିତ ହେବା ପରେ ମହିଳା ଓ ପୁରୁଷ ଚାଷୀମାନେ ରାଜରାସ୍ତା ଉପରେ ବସି ଶୀଘ୍ର ସାର ଯୋଗାଣ ଦାବି କରିଥିଲେ। ଏହାର ଖବର ପାଇ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଓ ଲେମ୍ପସ୍ ଏମ ଡି ମନୋରଞ୍ଜନ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ସମୟ ଧରି ବୁଝାସୁଝା ପରେ ଚାଷୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ପରେ ଲେମ୍ପସ୍ ସମ୍ମୁଖରେ ସାର ବଣ୍ଟନକୁ ସୁବ୍ୟବସ୍ଥିତ କରିବା ପାଇଁ ଟୋକେନ୍ ବ୍ୟବସ୍ଥା କରାଯାଇଥିଲା, ଯାହାଦ୍ୱାରା ପର୍ଯ୍ୟାୟକ୍ରମେ ଚାଷୀମାନଙ୍କୁ ସାର ପ୍ରଦାନ କରାଯିବ। ଚାଷୀମାନଙ୍କ କହିବା ଅନୁସାରେ, ଚାଷ ସମୟରେ ସାରର ଅଭାବ ହେଲେ ଫସଲ ଉତ୍ପାଦନ ଗୁରୁତର ଭାବେ ପ୍ରଭାବିତ ହେବ। ସେମାନେ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇବା ସହ ବଣ୍ଟନ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବାକୁ ଦାବି କରିଛନ୍ତି।ପ୍ରଶାସନ ପକ୍ଷରୁ ଚାଷୀମାନଙ୍କୁ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବାକୁ ଅନୁରୋଧ କରାଯିବା ସହ ସାର ବଣ୍ଟନକୁ ସୁଚାରୁ ଭାବେ ପରିଚାଳନା କରିବା ପାଇଁ ଲେମ୍ପସ୍ ଏମ ଡି ମନୋରଞ୍ଜନ ପଟ୍ଟନାୟକ ଟୋକେନ୍ ପ୍ରଣାଳୀ କାର୍ଯ୍ୟକାରୀ କରାଯାଇଥିବା ସୂଚନା ଦେଇ ଥିଲେ।

## ଡ଼ମାହାଣ୍ଡି ଛକରୁ ୨୧ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଦଶପଲ୍ଲା ୩୧/୦୭(ମହାଭାରତ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ପୋଲିସ ମାଦକଦ୍ରବ୍ୟ ବିରୋଧୀ ଅଭିଯାନରେ ସଫଳତା ପାଇଛି। ଡ଼ମାହାଣ୍ଡି ଛକ ନିକଟରେ ଯାନବାହନ ଯାଞ୍ଚ ସମୟରେ ୨୧ କିଲୋଗ୍ରାମ ଗଞ୍ଜେଇ ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଅନ୍ତର୍ଗତ ବେଲଦାପଡ଼ା ଗ୍ରାମର ନବ ଦିଗାଲଙ୍କ ପୁଅ ମୋତିଲାଲ ଦିଗାଲ। ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ପୁଲିସ ଡ଼ମାହାଣ୍ଡି ଛକରେ ଚଢ଼ାଉ ଓ ଯାଞ୍ଚ କରୁଥିବା ବେଳେ ଅଭିଯୁକ୍ତଙ୍କ ନିକଟରୁ ୨୧ କିଲୋଗ୍ରାମ ଗଞ୍ଜେଇ ସହ ଏକ କାର (ଓଆର ୦୫ଏମ ୭୪୭୩)ଜବତ କରାଯାଇଥିଲା। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ସମ୍ପୃକ୍ତ ଧାରାରେ ମାମଲା ରୁଜୁ କରିଛି। ଏହି ଗଞ୍ଜେଇ କେଉଁଠାରୁ ଆଣାଯାଉଥିଲା ଏବଂ କେଉଁଠାକୁ ଚାଲାଣ ହେବାକୁ ଥିଲା, ସେନେଇ ପୁଲିସ ଅଧିକ ତଦନ୍ତ ଚଳାଇଛି।

# ଭାପୁର ବ୍ଲକ୍‌ରେ ସୀମା ଲଙ୍ଘିଲା ଦୁର୍ନୀତି, ସବୁ କାମରେ ଅନିୟମିତତା
# ଜିଲ୍ଲାପାଳ, ସିଡିଓ, ବିଡିଓଙ୍କୁ ହାଇକୋର୍ଟ ନୋଟିସ୍




ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ରେ ମାତ୍ରାଧିକ ଭାବେ ଦୁର୍ନୀତି ହେଉଥିବା ବେଳେ ସବୁ କାମରେ ଅନିୟମିତତା କରାଯାଉଛି। ବ୍ଲକ୍ ଅଧକ୍ଷା ସାବିତ୍ରୀ ପ୍ରଧାନ ଓ ଉପାଧକ୍ଷ ବେଣୁଧର ପ୍ରଧାନଙ୍କୁ ଜନପ୍ରତିନିଧି ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଉନାହିଁ। ଜିଲ୍ଲା ପ୍ରଶାସନର ଦୋମୁହାଁ ନୀତି, ଭାପୁର ବ୍ଲକ୍ ର ବିଡିଓ ସାରଦା ପ୍ରସନ୍ନ ପଣ୍ଡାଙ୍କ ମନମୁଖୀ କାର୍ଯ୍ୟ ସବୁ ସୀମା ଲଙ୍ଘନ କରିଛି। ଯାହାକୁ ନେଇ ବ୍ଲକ୍ ଅଧକ୍ଷା ସାବିତ୍ରୀ ପ୍ରଧାନଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟ ରେ ଏକ ଅପିଲ୍ କରାଯାଇଥିଲା। ବ୍ଲକ୍ ପ୍ରଶାସନ ଦ୍ୱାରା ୨୦ଟି ଉନ୍ନ?ତୀ ମୂଳକ କାର୍ଯ୍ୟରେ ଅନିୟମିତତା, ମନଇଚ୍ଛା ଭତ୍ତା ହିତାଧିକାରୀ ଚୟନ, ମନଇଚ୍ଛା ଆବାସ ହିତାଧିକାରୀ ଚୟନ, ସରକାରୀ କର୍ମଚାରୀଙ୍କୁ ଦୁର୍ନୀତି କରାଇବାକୁ ବିଡିଓ ବାଧ କରିବା ଭଳି ଶତାଧିକ ପୃଷ୍ଠାର ପିଟିସନ୍ ଦାଖଲ କରାଯାଇଥିଲା। ଯାହାକୁ ଉଚ୍ଚ ନ୍ୟାୟାଳୟ ଗ୍ରହଣ କରିବା ସହ ସରକାର, ନୟାଗଡ଼ ଜିଲ୍ଲାପାଳ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ, ଭାପୁର ବିଡିଓ ଙ୍କୁ ଅଗଷ୍ଟ ୨୪ ତାରିଖରେ ହାଜିରା ପାଇଁ ନୋଟିସ୍ କରାଯାଇଛି। ସରକାରୀ ଓକିଲଙ୍କୁ ନୋଟିସ ଗ୍ରହଣ ପାଇଁ ଉକ୍ତ ଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଛି। ଭାପୁର ବ୍ଲକରେ ପୂର୍ବରୁ ୨୦୬ କୋଟି ଟଙ୍କାର ଅନିୟମିତତା ମାମଲା ଇଓଡବ୍ଲ୍ୟୁ ଦ୍ୱାରା ତଦନ୍ତ ଚାଲିଛି। ବିଗତ ଦିନରେ ଏହି ଅନିୟମିତତାରେ ସାମିଲ ଅନେକ କର୍ମଚାରୀ ନିଲମ୍ବିତ, ବହିଷ୍କାର, ଏପରିକି ରିକୋଭରୀ ଦେଇଛନ୍ତି। ସରକାର ବଦଳିବା ପରେ ଭାପୁର ବ୍ଲକ୍ ରେ ପୁଣିଥରେ ଅରାଜକତା ସୃଷ୍ଟି କରାଯାଉଛି। ଦୀର୍ଘ ୧୦ ମାସ ହେବ ପଞ୍ଚାୟତ ସମିତି ବୈଠକ ନକରି ବିଡିଓ ସାରଦା ପ୍ରସନ୍ନ ପଣ୍ଡା ଦୁର୍ନୀତି ଗ୍ରସ୍ତ ନେତାଙ୍କ ମୋହରା ସାଜି କାର୍ଯ୍ୟ କରୁଥିବା ଉପାଧକ୍ଷ ବେଣୁଧର ପ୍ରଧାନ ବାରମ୍ବାର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଭାପୁର ବ୍ଲକ୍ ରେ ଏବେ ଆବାସ ଯୋଜନା ପାଇଁ ଚାନ୍ଦା ଆଦାୟ କରାଯାଉଥିବା ଏବଂ ଲୋକଙ୍କୁ ସଚେତନ କରିବା ପାଇଁ ଏକ ରଥ ବୁଲାଇବାକୁ ଉପାଧକ୍ଷ ମାଗିଥିବା ଅନୁମତିକୁ ଜିଲ୍ଲା ପ୍ରଶାସନ ଅଣଦେଖା କରୁଥିବା ନେଇ ସୋମବାର ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଛି। ଭାପୁର ବ୍ଲକ୍ ମାମଲାରେ ଜିଲ୍ଲାପାଳ ବାରମ୍ବାର ବିଡିଓଙ୍କୁ ତାଗିଦ୍ କରିଥିଲେ ମଧ୍ୟ ବିଡିଓ ତାହାକୁ କାର୍ଯ୍ୟକାରୀ କରୁନଥିବା ଭଳି ପରିସ୍ଥିତି ଦେଖାଯାଇଛି। ଏବେ ଉଚ୍ଚ ନ୍ୟାୟାଳୟରେ ହୋଇଥିବା ମାମଲା ପୁଣିଥରେ ଏକ ଦୁର୍ନିତୀ ପେଡ଼ି ଖୋଲିବା ସମ୍ଭାବନା ସୃଷ୍ଟି କରିଛି। ଅନେକ ଅଧିକାରୀ ଓ ସରକାରୀ କର୍ମଚାରୀ ଆଗାମୀ ଦିନରେ ଦ୍ୱିତୀୟ ପର୍ଯ୍ୟାୟ ମଇଦାନରେ ଫସିବା ସମ୍ଭାବନା ଦେଖାଦେଇଛି। ଜିଲ୍ଲା ପ୍ରଶାସନ ଭାପୁର ବ୍ଲକ୍ ରେ ସ୍ୱଚ୍ଛତା ପାଇଁ ପଦକ୍ଷେପ ଗ୍ରହଣ କରିବା, ଜନପ୍ରତିନିଧିଙ୍କୁ ସେମାନଙ୍କ କାର୍ଯ୍ୟ କରିବାକୁ ସୁଯୋଗ ସୃଷ୍ଟି କରିବାକୁ ପଦକ୍ଷେପ ନେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



# ଅଞ୍ଚଳ କଥା


ଆପଣା ମାଟିର କଥା ଓ ବ୍ୟଥା





## ଷ୍ଟ୍ରିଟ୍ ଲାଇଟ୍ ଅଚଳ,ଅନ୍ଧାରରେ ସିନ୍ଧିବାହାଲୀ ଗାଁ

### ମରାମତି ଦାବି କଲେ ଗ୍ରାମବାସୀ



ଲାଞ୍ଜିଗଡ଼,(ମହାଭାରତ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେଢ଼ାଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିନ୍ଧିବାହାଲୀ ଗାଁରେ ଲାଗିଥିବା ଅଧିକାଂଶ ଷ୍ଟ୍ରିଟ୍ ଲାଇଟ୍ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଥିବାରୁ ସମଗ୍ର ଗାଁ ରାତିରେ ଅନ୍ଧାରରେ ବୁଡ଼ି ରହୁଛି ।ଏହା ଫଳରେ ସନ୍ଧ୍ୟା ପରେ ଗ୍ରାମବାସୀ,ବିଶେଷକରି ମହିଳା, ଶିଶୁ ଓ ବୃଦ୍ଧମାନେ ଯାତାୟାତ କରିବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।ଗ୍ରାମବାସୀଙ୍କ କହିବା ଅନୁସାରେ ଗ୍ରାମର ଧରଣୀପଡ଼ା ଠାରେ ଚାରିଟି ଓ ବଣ୍ଡେଲପଡ଼ା ଠାରେ ଛଅଟି ଷ୍ଟ୍ରିଟ ଲାଇଟ ଦିଆଯାଇଛି ହେଲେ ବଣ୍ଡେଲ ପଡ଼ାର ଏକମାତ୍ର ଷ୍ଟ୍ରିଟ ଲାଇଟ ବର୍ତ୍ତମାନ ପର୍ଯ୍ୟନ୍ତ ସଚଳ ରହିଥିବାବେଳେ ବାକି ସମସ୍ତ ଷ୍ଟ୍ରିଟ ଲାଇଟ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଚଳ ଅବସ୍ଥାରେ ପଡ଼ି ରହିଛି ।ଦୀର୍ଘ ମାସ ହେଲା ଆଜି ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ରାତିରେ ଅନ୍ଧାର ଯୋଗୁଁ ସାପ ଓ ବିଷଧର ଜନ୍ତୁଙ୍କ ଭୟ ସହ ଦୁର୍ଘଟଣାର ଆଶଙ୍କା ମଧ ବଢ଼ିଯାଉଛି । ଗ୍ରାମରେ ଆଲୋକ ବ୍ୟବସ୍ଥା ସଚଳ କରିବାକୁ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି ।ଗ୍ରାମବାସୀଙ୍କ ଦାବିକୁ ଗୁରୁତ୍ୱର ସହ ବିଚାର କରି ସମ୍ପୃକ୍ତ ପଞ୍ଚାୟତ ଓ ପ୍ରଶାସନ ତୁରନ୍ତ ଷ୍ଟ୍ରିଟ୍ ଲାଇଟ୍ ମରାମତି କରି ଗାଁରେ ଆଲୋକ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି । ରାତିରେ ରାସ୍ତା ଆଲୋକ ନଥିଲେ ସୁରକ୍ଷା ଓ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସାଧାରଣ ଚିନ୍ତାର ବିଷୟ ।ଏନେଇ ଆମେ ବେଢ଼ାଗାଁ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ସାନ ମାଝୀଙ୍କୁ ଫୋନ୍ ମାଧମରେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ କଲ୍ ଗ୍ରହଣ ନ'କରିବାରୁ ପୁଣି ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୁବନେଶ୍ୱର ସିଂଙ୍କୁ ଯୋଗାଯୋଗ କରିବାରୁ ସେ ମୁଁ ଏବେ ଜାଣିଲି ଏଥର ବିଡ଼ିଓଙ୍କୁ କହି ତାହା ମରାମତି କରେଇବୁ ବୋଲି କହିଥିଲେ।

## ବିପଦ ସଂକେତ ଟପିଲା ଅସ୍ତରଙ୍ଗ ଦେବୀ ନଦୀ ବନ୍ୟା



ଅସ୍ତରଙ୍ଗ(ମହାଭାରତ):ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଏବଂ ମହାନଦୀର ଉପର ମୁଣ୍ଡ ଛତିଶଗଡ଼ ର ଡ୍ୟାମ ଗୁଡିକ ରୁ ଲକ୍ଷ ଲକ୍ଷ ଘନଫୁଟ ପାଣି ଆସି ହୀରାକୁଦ ଜଳଭଣ୍ଡାର ରେ ପଶିବା ଯୋଗୁଁ ହୀରାକୁଦ ଡ୍ୟାମ ରୁ ପର୍ଯ୍ୟାୟ କ୍ରମେ ଗେଟ ଖୋଲା ଯାଇଥିଲା ସେହି କାରଣରୁ ରାଜ୍ୟରେ ଏକ ବଡ଼ ଧରଣର ବନ୍ୟା ପରିସ୍ଥିତି ଉପୁଜିଛି ।ହୀରାକୁଦ ରୁ ଆସିଥିବା ପାଣି ମୁଣ୍ଡୁଳି ରେ ପହଁଚିବା ପରେ ସେଥିରୁ ୬୦ରୁ୭୦ ଭାଗ ବନ୍ୟା ପାଣି ମହାନଦୀର ଶାଖା ନଦୀ ଦେବୀ ନଦୀ ଦେଇ ନିଷ୍କାସନ ହୋଇଥାଏ ।ଏତେ ପରିମାଣର ବନ୍ୟା ଜଳ ପ୍ରବାହିତ ହେବା ରୁ ଦେବୀ ନଦୀ ର ଅତ୍ୟନ୍ତ ସମ୍ବେଦନଶୀଳ ଜାଗା ରୂପେ ବିବେଚିତ ହୋଇଥିବା ବାଉରିଆ କଣ ଠାରେ ବିପଦ ସଂକେତ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଏକ ପ୍ରକାର ଆତଙ୍କିତ ଅବସ୍ଥାରେ ଅଛନ୍ତି ଅସ୍ତରଙ୍ଗ ଅଞ୍ଚଳ ବାସୀ । ଅତ୍ୟଧିକ ବନ୍ୟା ଜଳ ପ୍ରବାହିତ କାରଣରୁ ଦେବୀ ନଦୀ ଅବବାହିକା ର ଜନ ସାଧାରଣ ଭୟରେ ଦିନ କାଟୁଥିବା ବେଳେ ହୀରାକୁଦ ରୁ ଶୁକ୍ରବାର ଛଡା ଯାଇଥିବା ପାଣି ଆସିଲେ କଣ ପ୍ରଭାବ ପକାଇବ ତାହା ପରେ ଜଣାପଡିବ ଅନ୍ୟ ପଟେ ଜଳସେଚନ ବିଭାଗର ଅଧିକାରୀ ତପନ କୁମାର ନାୟକ ଙ୍କ କହିବା ଅନୁସାରେ ଦେବୀ ନଦୀ ର ବାଉରିଆ କଣ ଠାରେ ମୁଖ୍ୟ ବନ୍ଧ ସୁଦୃଢ ଅଛି ଆତଙ୍କିତ ହେବାର କୌଣସି କାରଣ ନାହିଁ ବିଭାଗ ପକ୍ଷରୁ ରୀତିମତ ପେଟ୍ରୋଲିଙ୍ଗ କରା ଯିବା ସହ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖା ଯାଇଛି । ଅସନ ପାଖରେ ଗୋଟେ ସ୍ଥାନରେ ପଥର ପ୍ୟାକିଂ ହୋଇଥିବା ବନ୍ଧ ଦବିଯିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରୁଥିବା ବେଳେ ବିଭାଗୀୟ ଅଧିକାରୀ ଏହାକୁ ଖଣ୍ଡନ କରିଛନ୍ତି । ଏଠାରେ ସୂଚନା ଥାଉକି ବାଉରିଆ କଣ ଠାରେ ବିପଦ ସଙ୍କେତ୪.୯୩ ମିଟର ଥିବାବେଳେ ଶୁକ୍ରବାର ସନ୍ଧ୍ୟା ସୁଧା ୫.୨୫ମିଟର ରେ ଜଳ ପ୍ରବାହିତ ହେଉଥିଲା ବେଳେ ଆହୁରି ଅଧିକ ଗେଟ ହୀରାକୁଦ ଜଳଭଣ୍ଡାର ରୁ ଖୋଲାଯିବ ବୋଲି ସୂଚନା ମିଳିଛି ଏହି ଗେଟ ଖୋଲିଲେ ଜଳ ସ୍ତର ଆହୁରି ଅଧିକ ହେବା ର ଆଶଙ୍କା କରାଯାଉଛି ।

## ବଡନଦୀ ଋଷିକୂଲ୍ୟ ଓଭରବ୍ରିଜ ରାସ୍ତା ଜରାଜୀର୍ଣ୍ଣ: ବିଭାଗ ନିଘୋଡ଼ ନିଦ୍ରାରେ



ଆସିକା(ମହାଭାରତ):ଆସିକା ସହରର ଋଷିକୂଲ୍ୟା ବଡନଦୀ ପୋଲ ରାସ୍ତା ସାଙ୍ଗକୁ ଓଭରବ୍ରିଜର ରାସ୍ତା ଖମାଖାଲ। ଦୁର୍ଘଟଣାରେ ଅନେକ ଆହତ ଓ ମୃତ୍ୟୁ ଜାତୀୟ ରାଜପଥ ୧୫୭ , ୫୯ ବ୍ରହ୍ମପୁର ଅଧିନରେ ଏହି ରାସ୍ତାର ପୋଲ ରହିଛି। ୧୯୯୬ ମସିହାରେ ଏହି ପୋଲ ନିର୍ମାଣ ହୋଇଥିଲା ।ଏହି ପୋଲ ନିର୍ମାଣ ୩୦ ବର୍ଷ ଅତିକ୍ରମ କରିଛି। ଏହି ପୋଲ ରାସ୍ତା ରାଜ୍ୟ ରାଜପଥ ୦୭ ଅଧିନରେ ରହିଥିଲା। ଏହି ପୋଲ ୨୦୦୯ ରେ ଜାତୀୟ ରାଜପଥ ବିଭାଗ ୧୫୭ ହସ୍ତାନ୍ତର ହୋଇ ପ୍ରକୃତ ରକ୍ଷଣାବେକ୍ଷଣ ହୋଇ ନାହିଁ ନାମକୁମାତ୍ର ହେଉଛି। ମରାମତି ନାମରେ ଲକ୍ଷାଧିକ ଟଙ୍କାର ବ୍ୟୟ ହୋଇ ନାମକୁମାତ୍ର କାର୍ଯ୍ୟ ହେଉଛି। ଦୀର୍ଘ ଦୁଇ ବର୍ଷ ହେବ ଋଷିକୂଲ୍ୟା, ବଡନଦୀ ସାଙ୍ଗକୁ ଏହି ଦୁଇ ପୋଲକୁ ସଂଯୋଗ କରୁଥିବା ଓଭରବ୍ରିଜ ସ୍ଲାପ ଉପରଭାଗ ସିଲକୋଟ ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ପୋଲର ପ୍ରତ୍ୟେକ ସ୍ଲାପର ସଂଯୋଗ କରୁଥିବା (ଏକ୍ସପଣ୍ଡର) ଲୁହା ସଂଲଗ୍ନ ରବର ଗୁଡିକ ନଷ୍ଟ ହୋଇଯାଇଛି। ଯାହାଫଳରେ ପଲରେ ବଡବଡ ଖମାଖାଲ ହୋଇରହୁଛି। ଭଞ୍ଜନଗର, ସୋରଡା, ବ୍ରହ୍ମପୁର, ନୟାଗଡ, ଖଲ୍ଲିକୋଟ ଅଞ୍ଚଳର ସହସହ ମାଲ, ବାଲିଗାଡି, ଯାତ୍ରୀବାହୀ ବସ ସହ ସହସହ ଯାନ ଜାତାୟତ କରୁଛି। ଏହି ସବୁ ଗାଡି ଗଲାବେଳେ ପ୍ରତ୍ୟେକ ଦିନ ଦୂର୍ଘଟଣା, ଆହତ, ମୃତ୍ୟୁ ସାଙ୍ଗକୁ ଯାନ ଗୁଡିକ ଓଲଟି ପଡୁଛି। ବର୍ତ୍ତମାନ ଓଭରବ୍ରିଜ ଉତ୍ତର ଦିଗ ଏଅ ବଡ ଗ୍ରତ ହୋଇଛି। ସେଠାରେ ଜତୀୟ ରାଜପଥ ବିଭାଗ ଦୀର୍ଘ ୨ମାସ ହେଲାଣି ମରାମତି ନକରି ରୋଡ଼ ବ୍ରେକର ଦୁଇଟି ଲଗାଇଛନ୍ତି. ଋଷିକୂଲ୍ୟା ପୋଲ ଲୁହା ଏକ୍ସପେଣ୍ଡର ବାହାରି ପଦାରେ ରହିଛି। ଜତୀୟ ରାଜପଥ ବିଭାଗ ତଦାରଖ ପାଇଁ ଆସିକାରେ ଚେରମାରିଆ ଓ ଭଞ୍ଜନଗର ଜତୀୟ ରାଜପଥ ଯନ୍ତ୍ରୀ କାର୍ଯ୍ୟାଳୟ କିଛି କାର୍ଯ୍ୟ କରୁନାହାନ୍ତି। ଜତୀୟ ରାଜପଥ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ ପରେ କିଛି ଫରକ ପଡୁନାହିଁ। ସତେ ଯେମିତି ନିଘୋଡ଼ ନିଦ୍ରାରେ ବିଭାଗ ରହିଛି।

## କେନ୍ଦୁଜିଆଣୀରେ ବିଦେଶୀ ମଦ ଦୋକାନକୁ ଜୋରଦାର ବିରୋଧ

କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କେନ୍ଦୁଜିଆଣୀ ଅଞ୍ଚଳରେ ଚାଲିଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୋକାନଟି ଜନବସତି ମଧରେ ଖୋଲାଯାଇଥିବାରୁ ଏହାକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।ଏନେଇ ଗ୍ରାମର ବହୁ ସଂଖ୍ୟକ ଲୋକ ଠାକୁରମୁଣ୍ଡା ଥାନାରେ ପହଞ୍ଚି ପ୍ରତିବାଦ ଜଣାଇବା ସହିତ ଜିଲ୍ଲାପାଳ, ଅବକାରୀ ବିଭାଗ ଓ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଯେଉଁ ସ୍ଥାନରେ ବିଦେଶୀ ମଦ ଦୋକାନ ଖୋଲାଯାଇଛି, ତାହାର ଚାରିପାଖରେ ଘନ ଜନବସତି ରହିଛି। ଏହା ସହିତ ନିକଟରେ ସ୍କୁଲ, ଲକ୍ଷ୍ମୀ ମଣ୍ଡପ, ଆଦିବାସୀ ସାଂସ୍କୃତିକ କେନ୍ଦ୍ର, ମନ୍ଦିର, ବ୍ୟାଙ୍କ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ମଧ ଅବସ୍ଥିତ ରହିଛି। ଏପରି ସମ୍ବେଦନଶୀଳ ସ୍ଥାନ ନିକଟରେ ମଦ ଦୋକାନ ରହିଲେ ସାମାଜିକ ପରିବେଶ ବିଗିଡ଼ିବା ସହିତ ଛାତ୍ରଛାତ୍ରୀ, ମହିଳା ଓ ସାଧାରଣ ଲୋକଙ୍କ ଉପରେ ଖରାପ ପ୍ରଭାବ ପଡ଼ିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି ।ଗ୍ରାମବାସୀଙ୍କ କହିବାନୁସାରେ, ମଦ ଦୋକାନଟି ଲକ୍ଷ୍ମୀ ମଣ୍ଡପ ଓ ଆଦିବାସୀ ସାଂସ୍କୃତିକ କେନ୍ଦ୍ରଠାରୁ ପ୍ରାୟ ୨୦ ମିଟର ଦୂରରେ ଥିବାବେଳେ ରାଜ୍ୟ ରାଜପଥ-୫୩ ଠାରୁ ମାତ୍ର ୩୦ରୁ ୪୦ ମିଟର ଦୂରରେ ରହିଛି। ସେହିପରି ସ୍କୁଲ, ମନ୍ଦିର, ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟ ମଧ ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ରହିଛିଯ ଏପରି ସ୍ଥିତିରେ ଅବକାରୀ ବିଭାଗର ନିୟମାବଳୀ ଉଲ୍ଲଂଘନ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଗ୍ରାମବାସୀଙ୍କ ଦାବି ହେଉଛି, ନିୟମ ଅନୁସାରେ ମଦ ଦୋକାନ ସ୍କୁଲ, ଧାର୍ମିକ ସ୍ଥାନ, ସରକାରୀ ଅନୁଷ୍ଠାନ ଓ ଜନବସତିଠାରୁ ନିର୍ଦ୍ଦିଷ୍ଟ ଦୂରତାରେ ସ୍ଥାପନ କରାଯିବା କଥାୟ କିନ୍ତୁ କେନ୍ଦୁଜିଆଣୀରେ ଏହି ନିୟମକୁ ଅଣଦେଖା କରାଯାଇଥିବା ସେମାନେ କହିଛନ୍ତି। ତେଣୁ ତୁରନ୍ତ ଦୋକାନଟିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି ।ଏହି ପ୍ରସଙ୍ଗରେ ସୋମବାର ଦିନ ଗ୍ରାମବାସୀ ଠାକୁରମୁଣ୍ଡା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ ଦାଖଲ କରିଥିବାବେଳେ ଜିଲ୍ଲାପାଳ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ମଧ ଏହା ସମ୍ପର୍କରେ ଅବଗତ କରାଯାଇଛି। ଯଦି ଜନବସତି ମଧରୁ ମଦ ଦୋକାନକୁ ସ୍ଥାନାନ୍ତର କରାନଯାଏ, ତେବେ ଆଗାମୀ ଦିନରେ ଗ୍ରାମବାସୀ ଅଧିକ ଜୋରଦାର ଆନ୍ଦୋଳନ କରିବେ ବୋଲି ସେମାନେ ସତର୍କ କରିଛନ୍ତି।

## ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ଡାକ୍ତରଖାନାକୁ ସ୍ଥାନାନ୍ତର କଲା ମେଡିକାଲ ଟିମ୍

**ବାଲିପାଟଣା,:**

ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ଏସ୍ଆରସିଙ୍କ ନିରନ୍ତର ସମନ୍ୱୟରେ ବାଲିପାଟଣା ଅଞ୍ଚଳରେ ସତର୍କତାମୂଳକ ପଦକ୍ଷେପ ଜାରି ରହିଛି। ଏହାରି ଅଂଶ ସ୍ୱରୂପ, ବାଲିପାଟଣା ମେଡିକାଲ୍ ଟିମ୍ ଜଣେ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି, ଯାହାଦ୍ୱାରା ତାଙ୍କୁ ଆବଶ୍ୟକ ଚିକିତ୍ସା ସେବା ଠିକ୍ ସମୟରେ ଉପଲବ୍ଧ କରାଯାଇପାରିବ ।ଗର୍ଭବତୀ ମହିଳା, ବୃଦ୍ଧ ଓ ଶିଶୁଙ୍କ ସମେତ ସମ୍ବେଦନଶୀଳ ବର୍ଗର ଲୋକଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ସତର୍କତାମୂଳକ ପଦକ୍ଷେପ ଜାରି ରହିଛ। ପ୍ରତିକୂଳ ପରିସ୍ଥିତିରେ ମଧ ପ୍ରତ୍ୟେକ ଆବଶ୍ୟକ ସେବା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରଶାସନିକ ଓ ମେଡିକାଲ୍ ଟିମ୍ ସଜାଗ ଓ ପ୍ରସ୍ତୁତ ରହିଛନ୍ତି।

## ଲାଇସେନ୍ସ ପ୍ରାପ୍ତ ଦୋକାନରୁ ୧ ଲକ୍ଷରୁ ଉର୍ଦ୍ଧ ଟଙ୍କାର ବେଆଇନ ବାଣ ଜବତ: ଦୁଇ ଗିରଫ

ଆସିକା (ମହାଭାରତ): ଲାଇସେନ୍ସ ପ୍ରାପ୍ତ ଦୋକାନରୁ ୧ ଲକ୍ଷରୁ ଉର୍ଦ୍ଧ ଟଙ୍କାର ବେଆଇନ ବାଣ ଜବତ ଦୁଇ ଗିରଫ। ଆଜି ସକାଳେ ଆସିକା ପୋଲିସ ପକ୍ଷରୁ ପେଟ୍ରୋଲିଙ୍ଗ ସମୟରେ ଆସିକା ଥାନା ଅନ୍ତର୍ଗତ ଚେରମାରିଆ ଠାରେ ଥିବା ବାଣ ଦୋକାନରେ ବେଆଇନ ମହଜୁଦ ଥିବାର ଖବର ପାଇ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ, ଆସିକା ଥାନାଧିକାରୀ ସୁଧୀର କୁମାର ସାହୁ ଆସିକା ପୋଲିସ ଏ ଏସ ଆଇ ବସନ୍ତ ବେହେରା ପ୍ରମୁଖ ଅତର୍କିତ ଚଢ଼ାଉ କରି ଦୁଇଟି ଦୋକାନରୁ ପ୍ରାୟ ୧ଲକ୍ଷରୁ ଉର୍ଦ୍ଧ ଟଙ୍କାର ବେଆଇନ ବାଣ ଜବତ କରିବା ସହ ଦୋକାନ ମାଲିକ ଚନ୍ଦନ କୁମାର ପ୍ରଧାନ (୩୨)ପିତା ସିମାଞ୍ଚଳ ପ୍ରଧାନ ଓ ସନାତନ ପ୍ରଧାନ (୩୦)ପିତା ରଞ୍ଜନ ପ୍ରଧାନ କୁ ଗିରଫ କରିଛି ।ଥାନା ପକ୍ଷରୁ ପୋଲିସ ଥାନା କେସ ନମ୍ବର ୪୦୭/୨୬, ୪୦୮/୨୬ରେ ମାମଲା ରୁଜୁ କରିଛି। ପ୍ରକାଶ ଥାଉକି ଦୀର୍ଘ ବର୍ଷ ଧରି ନଳବଣ୍ଟା ରେ ବାଣ ତିଆରି ହେଉଛି। ଏହି ବାଣ ବର୍ଷ ତମାମ ନିର୍ମାଣ ହୋଇ ଓଡ଼ିଶାର ସମସ୍ତ ଜିଲ୍ଲା ଓ ରାଜ୍ୟ ବାହାରକୁକୋଟି କୋଟି ଟଙ୍କାର ବାଣ ବିକ୍ରି ହେଉଛି ।ଏହି ବାଣ ବିବାହ ବ୍ରତ ବିଭିନ୍ନ ଉତ୍ସବର ପର୍ବୁଆର ରେ ବ୍ୟବହାର ହୋଇଥାଏ। ଏହି ବାଣ ଗ୍ରାମର ଅଧିକାଂଶ ଲୋକ ଘରେ ଘରେ ତିଆରି କରିଥାନ୍ତି। ବାଣ ନିର୍ମାଣ ପାଇଁ ଶୁଖିଲା ତାଳ ପତ୍ର,ବାଉଁଶ କାଠି,ସୁତୁଳିକାଗଜ ସାଙ୍ଗକୁ ଖାର,ଗନ୍ଧକ,ଗନପାଉଡର,ମଣିଶିଳା ଆଇରନ,ସିଲଭର ପ୍ରମୁଖ ବ୍ୟବହାର ହୋଇଥାଏ। ଏହିସବୁ ବାଣ ତିଆରି ବିସ୍ଫୋରକ



ସାମଗ୍ରୀ ପଡୋଶୀ ଆନ୍ଧ୍ରପ୍ରଦେଶ ରୁ ଚୋରାରେ ଆସି ନଳବଣ୍ଟା ରେ ପହଞ୍ଚି ଥାଏ ।ବର୍ଷ ତମାମ ଏହି ବାଣ ତିଆରିରେ ଗ୍ରାମର ଶତାଧିକ ଲୋକ କାମ କରିଥାନ୍ତି ।ଏହି ବାଣ ଗ୍ରାମର ସମସ୍ତ ସାହିରେ ନିର୍ମାଣ ହେବା ସାଙ୍ଗକୁ ଦୀପାବଳି ସମୟରେ ଅଧିକ ମାତ୍ରାରେ ବାଣ ନିମାଣ ପାଇଁ ନର୍ମଦେଶ୍ୱର ମନ୍ଦିର ନିକଟ ଋଷିକୂଲ୍ୟା ନଦୀପଠା ରାସ୍ତା, ଠାକୁରାଣୀ ଧୋବା ସାହି,ନଳବଣ୍ଟା ମୁଖ୍ୟ ସଡ଼କ, ପାଟଣା ସାହି ଆଦି ଅଞ୍ଚଳ ରେ ବ୍ୟାପକ ପରିମାଣରେ ବାଣ ତିଆରି ହୁଏ। ପ୍ରକାଶ ଥାଉକି ଗୋଟିଏ ପଟରେ ୧ଲକ୍ଷ ଟଙ୍କାର ବେନାମୀ ବାଣ ପୋଲିସ ଜବତ କରିବା ସହଦୁଇ ଜଣକୁ ଗିରଫ କରିଥିଲା ବେଳେ ନାଳବଣ୍ଟା ଗ୍ରାମରେ ବର୍ଷ ତମାମ ଘରେ ଘରେ ବାଣ ତିଆରି ଚାଲୁଚି ।.ଏହି ବେନାମୀ ବାଣ ନିର୍ମାଣ ବେଳେ ଗାଁ ରେ କୋଡିଏ ରୁ ଅଧିକ ବ୍ୟକ୍ତି ମୃତ୍ୟୁ ବରଣ କରିଛନ୍ତି। ବାଣ ନିର୍ମାଣ ସମୟରେ ବିସ୍ଫୋରଣ ଘଟି ସାହିର ବହୁ ଘର ଦ୍ୱାରା ଗାଈ ଗୋରୁ ନଷ୍ଟ ହୋଇଥିବା ଆସିକା ଥାନାରେ ମାମଲା ରୁଜୁ ହୋଇଛି।

## ଦ୍ୱିଦିବସୀୟ ଆବାସିକ ମନଶକ୍ତି କର୍ମଶାଳା



**ରାଉରକେଲା,**

ଗତ ୨୯ ଓ ୩୦ ଜୁଲାଇ ୨୦୨୬ ତାରିଖରେ ରାଉରକେଲାର ହରିୟଣା ଭବନ ଠାରେ ଆମେ ଜାଣିବା, ଆମେ ଜିଣିବା ଶୀର୍ଷକ ଦୁଇ ଦିନିଆ ଆବାସିକ ମନଶକ୍ତି କର୍ମଶାଳାର ସମୀକ୍ଷା ଗୁରୁ ଗଙ୍ଗାଧର ଭି. ପ୍ରଧାନଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି ।ଏହି କର୍ମଶାଳାରେ ଅଂଶଗ୍ରହଣକାରୀମାନେ ଅବଚେତନ ମନର ଶକ୍ତି, ସକାରାତ୍ମକ ଚିନ୍ତାଧାରା, ଆତ୍ମବିଶ୍ୱାସ, ଲକ୍ଷ୍ୟ ନିର୍ଦ୍ଧାରଣ, ସ୍ୱ-ରୂପାନ୍ତରଣ ଓ ଜୀବନକୁ ଅଧିକ ସାର୍ଥକ କରିବାର ବିଭିନ୍ନ ପ୍ରାୟୋଗିକ ପଦ୍ଧତି ସମ୍ପର୍କରେ ଅନୁଭବ ଓ ପ୍ରଶିକ୍ଷଣ ଲାଭ କରିଥିଲେ । ସୀମାବଦ୍ଧ ବିଶ୍ୱାସକୁ ଚିହ୍ନଟ କରି ନୂତନ ସମ୍ଭାବନାକୁ ଜାଗ୍ରତ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କର୍ମଶାଳାରେ ନିମ୍ନଲିଖିତ ବିଷୟଗୁଡ଼ିକ ଯଥା ଅବଚେତନ ମନକୁ ବୁଝିବା,ସୀମିତ ବିଶ୍ୱାସକୁ ଚିହ୍ନଟ କରିବା,ସକାରାତ୍ମକ ପୁନଃପ୍ରୋଗ୍ରାମିଂ କୌଶଳ,ନିର୍ଦ୍ଦେଶିତ ଧ୍ୟାନ ଏବଂ ଦୃଶ୍ୟକରଣ, ସ୍ୱ-ପରିବର୍ତ୍ତନ ଅଭ୍ୟାସ ଉପରେ ଆଲୋଚନା ସହ ପ୍ରଶିକ୍ଷଣ ଦିଆଯାଇଥିଲା।

## ବନ୍ୟା ପାଣି ଘେରରେ ଆଳି ବ୍ଲକର ୧୮ ପଞ୍ଚାୟତ

### ପିଇବା ପାଣି ପାଇଁ ହନ୍ତସନ୍ତ ଅଞ୍ଚଳବାସୀ



**ଆଳି,(ମହାଭାରତ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ପ୍ରବଳ ବନ୍ୟା ଆସିବା ଯୋଗୁଁ ଆଳି ବ୍ଲକ ଧୋୟାଞ୍ଚଳର ଦଶ ଟି ପଞ୍ଚାୟତ ସମେତ ୧୮ ଟି ପଞ୍ଚାୟତର ଲୋକମାନେ ଏବେ ବନ୍ୟା ପାଣି ଘେରରେ । ନଦୀରେ ବନ୍ୟା ଜଳ ପରିମାଣ ବଢ଼ି ଚାଲିଥିବାରୁ ଘରେ ଘରେ ପାଣି ପଶିବା ସହିତ ବନ୍ୟା ରୁ ସୁରକ୍ଷା ଦେବା ନିମନ୍ତେ ଥିବା ନଦୀବନ୍ଧର ଅନେକ ସ୍ଥାନରେ ଘଳିଆ ହେବାର ଆଶଙ୍କା ଦେଖାଦେଇଛି । ଆଳି ଧୋୟାଞ୍ଚଳର ମୁଖ୍ୟ ଗମନାଗମନ ରାସ୍ତା ମାନପୁର-ଗୋବିନ୍ଦପୁର ରାସ୍ତାର ମାନପୁର ଠାରୁ ଡ଼ିମିରିପାଳ ନାରାୟଣପୁର ମଠ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିଲୋମିଟର ରାସ୍ତା ଉପରେ ୬ ଫୁଟର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ସାଧାରଣ ଲୋକଙ୍କ ଯାତାୟତର ମାଧ୍ୟମ ସାଜିଛି ଡ଼ଙ୍ଗା ।ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କ ଯାତାୟତ ନିମନ୍ତେ ଡ଼ଙ୍ଗା ବ୍ୟବସ୍ଥା ନଥିବାରୁ ବେସରକାରୀ ଡଙ୍ଗାରେ ଦୁଇ ଶହ ଟଙ୍କା ଦେଇ ବାଇକ ସହିତ ଜଣେ ବ୍ୟକ୍ତି ଡ଼ଙ୍ଗା ପାର ହେବାକୁ ପଡୁଛି । ଏହି ରାସ୍ତା ବନ୍ୟାରେ ବୁଡ଼ି ରହିଥିବାରୁ ଡ଼ିମିରିପାଳ, ଅରଗଳ, ଜୁଆଣିଆ, ଗୋବିନ୍ଦପୁର,ଦେସାହି, କେଡୁଆପାଳ, ପାଳିମି, ଏରଡଙ୍ଗ, ପେତପଡା ଓ୍ ସଂସିଧା ପଞ୍ଚାୟତ ଜଳବନ୍ଦୀ ଥିବା ବେଳେ ପେତପଡା ପଞ୍ଚାୟତ ଅନେକ ପ୍ରଭାବିତ ହୋଇଛି । ଏହି ପଞ୍ଚାୟତଟି ସମ୍ପୂର୍ଣ୍ଣ ବନ୍ୟା ଘେରରେ ଥିବାରୁ ଲୋକମାନେ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ନଳକୂଅ ବୁଡି ରହିଥିବାରୁ ଲୋକମାନେ ପାଣି ପିଇବାରେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ଗୃହ ପାଳିତ ପଶୁ ମଧ ଚରିବାକୁ ଯାଇ ନପାରି ଗୁହାଳରେ ବନ୍ଧା ହୋଇ ରହିଛନ୍ତି । ସେମାନେ ବନ୍ୟା ଘେରରେ ଥିବା ବେଳେ ପ୍ରଶାସନ ସେମାନଙ୍କ ନିକଟରେ ପହଞ୍ଚି ପାରିନାହିଁ । ସେହିପରି ପଦ୍ମପାଳ,ଦର୍ଶପୁର, କୋଳିଡ଼ିହ,ମାଣିକପାଟଣା, ନରେନ୍ଦ୍ରପୁର, ପତ୍ରପୁର,ବଡାମ୍ବିଳା ପଞ୍ଚାୟତର ଅନେକ ଗାଁ ବନ୍ୟାରେ ବୁଡି ରହିଛି ।

## ବନ୍ୟାରେ ଭୁଶୁଡ଼ିଲା ରାସ୍ତା, କାଦୁଅରେ ନୟାନ୍ତ ଗ୍ରାମବାସୀ

**ହାଟଡିହି,(ମହାଭାରତ)**

ଲଗାଣ ବର୍ଷା ଓ ବନ୍ୟା ପ୍ରଭାବରେ ହାଟଡିହି ବ୍ଲକ ଅନ୍ତର୍ଗତ ପଞ୍ଚୁଗୋଛିଆ ପଞ୍ଚାୟତର ଆଡ ହୁରିଆ ଗ୍ରାମ ର ଦାନଗଦି ସାହି କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ବ୍ୟାପକ ଭାବେ କାଦୁଅ ଚପ ଚପ୍ ହୋଇଛି। ରାସ୍ତାଟି ସମ୍ପୂର୍ଣ୍ଣ କାଦୁଅ ମୟ ହୋଇପଡ଼ିଥିବା ରୁ ପ୍ରତିଦିନ ଗ୍ରାମର ପ୍ରାୟ ୭୦ ଜଣ ଲୋକଙ୍କ ଯାତାୟାତ ରେ ଘୋର ସମସ୍ୟା ସୃଷ୍ଟି ହେଉଛି। ସ୍କୁଲ ଛାତ୍ରଛାତ୍ରୀ, ଚାଷୀ ଏବଂ ରୋଗୀମାନେ ବିଶେଷ ଭାବେ ହଇରାଣ ହେଉଥିବାବେଳେ ବର୍ଷା ହେଲେ ରାସ୍ତାରେ ଚାଲିବା ମଧ ବିପଦପୂର୍ଣ୍ଣ ହୋଇ ପଡୁଛି। ଗ୍ରାମବାସୀ ଶୀଘ୍ର ରାସ୍ତାର ମରାମତି କରି ଯାତାୟାତ ସ୍ୱାଭାବିକ କରିବା ପାଇଁ ପ୍ରଶାସନଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

# ଦୁଇ ସପ୍ତାହ ମଧ୍ୟରେ ସରିବ ସଂସଦରେ ମୌସୁମୀ ଅଧିବେଶନ, ହେଲେ ସୀମା ପୁନଃ ନିର୍ଦ୍ଧାରଣ ବିଧେୟକ ଆଣିପାରିବେ ତ ସରକାର



ନୂଆଦିଲ୍ଲୀ : ସଂସଦର ମୌସୁମୀ ଅଧିବେଶନ ଶେଷ ହେବାକୁ ଆଉ ମାତ୍ର ଦୁଇ ସପ୍ତାହ ବାକି ରହିଛି। ଏହି ସମୟ ମଧ୍ୟରେ ଆଉ ୧୦ଟି ବୈଠକ ହେବାକୁ ଥିବାବେଳେ ବଡ଼ ପ୍ରଶ୍ନ ଉଠିଛି—ସରକାର ପରିସୀମନ ଏବଂ ମହିଳା ସଂରକ୍ଷଣ ସମ୍ପର୍କିତ ସମ୍ବିଧାନ ସଂଶୋଧନ ବିଲ୍ ଆଣିବେ କି ?

ସଂସଦର କରିଡରରେ ଏହି ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ନେଇ କୌଣସି ସ୍ପଷ୍ଟ ଚର୍ଚ୍ଚା ଦେଖିବାକୁ ମିଳୁନାହିଁ। ଶାସକ ଦଳ ଏହି ପ୍ରସଙ୍ଗରେ ଖୋଲାଖୋଲି କିଛି କହୁନଥିବା ବେଳେ ବିରୋଧୀ ଦଳ ସରକାରର ପରବର୍ତ୍ତୀ ପଦକ୍ଷେପକୁ ଅପେକ୍ଷା କରିଛନ୍ତି। ଅଧିବେଶନ ଆରମ୍ଭ ପୂର୍ବରୁ ବିରୋଧୀ ଶିବିରରେ ହୋଇଥିବା ଦଳବଦଳ ଓ ରାଜନୈତିକ ପରିବର୍ତ୍ତନ ପରେ ଏହି ବିଲ୍ ମୌସୁମୀ ଅଧିବେଶନରେ ଆସିପାରେ ବୋଲି ଚର୍ଚ୍ଚା ଜୋର ଧରିଥିଲା।

ତେବେ ସରକାର ସେହି ସମସ୍ତ ବିଲ୍‌କୁ ମଧ୍ୟ ସ୍ଥଗିତ ରଖିଛନ୍ତି, ଯାହାକୁ ନେଇ ସମ୍ଭାବ୍ୟ ସହଯୋଗୀ ଦଳମାନଙ୍କର ଆପତ୍ତି ଥିଲା। ଏଥିରେ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍', ଜେଲ୍‌କୁ ଯିବା ପରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀଙ୍କ ପଦ ହରାଇବା ସମ୍ବନ୍ଧୀୟ ସମ୍ବିଧାନ ସଂଶୋଧନ ବିଲ୍ ଏବଂ 'ଏକ ଦେଶ, ଏକ ନିର୍ବାଚନ' ବିଲ୍ ମଧ୍ୟ ରହିଛି।

ଏପଟେ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ ସରକାରଙ୍କ ରଣନୀତିକୁ ବଦଳାଇ ଦେଇଛି। ଏହି ଆନ୍ଦୋଳନ ଫଳରେ ଏମିତି କିଛି ଦଳ, ଯେଉଁମାନେ ପରିସୀମନ ବିଲ୍‌ରେ ସରକାରଙ୍କୁ ସମର୍ଥନ କରିପାରୁଥିଲେ, ସେମାନେ ମଧ୍ୟ ସରକାର ବିରୋଧରେ ଖୋଲାଖୋଲି ମତ ରଖିଛନ୍ତି। ଏହି ଦଳମାନଙ୍କ ମଧ୍ୟରେ ଡିଏମ୍‌କେ ଏବଂ ଏନ୍‌ସିପି (ଶରଦ ପାୱାର ଗୋଷ୍ଠୀ) ପ୍ରମୁଖ। ଏହି ଦୁଇ ଦଳର ପ୍ରାୟ ୩୦ ଜଣ ସାଂସଦଙ୍କ ସମର୍ଥନ ମିଳିଥାନ୍ତା, ତେବେ ଲୋକସଭାରେ ସରକାର ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତାର ନିକଟତର ହୋଇପାରିଥାନ୍ତା। ଏପରି ସ୍ଥିତିରେ ପରିସୀମନ ଓ ମହିଳା ସଂରକ୍ଷଣ ବିଲ୍‌ର ଭବିଷ୍ୟତକୁ ନେଇ ରାଜନୈତିକ ମହଲରେ ସସ୍ପେନ୍ସ ବଢ଼ିଛି।

ମୌସୁମୀ ଅଧିବେଶନରେ ରାଜନୈତିକ ତାତି ଆହୁରି ବଢ଼ିଛି। କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡ଼ିକ ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ଛାତ୍ର ଆନ୍ଦୋଳନ ଏବଂ ଶ୍ରୀରାମ ମନ୍ଦିରରେ ଚଢ଼ାଉ ଚୋରି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିଛନ୍ତି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି ପରେ ବର୍ତ୍ତମାନ ବିରୋଧୀଙ୍କ ନିଶାନାରେ ରହିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିରୋଧୀ ଦଳ ତାଙ୍କ ଇସ୍ତଫା ଦାବି କରିଛି।

ଏପଟେ ସଂସଦରେ ବିରୋଧୀଙ୍କ ହଙ୍ଗାମା ସତ୍ତ୍ୱେ ସରକାର ଗୋଟିଏ ପରେ ଗୋଟିଏ ବିଲ୍ ପାରିତ କରିବାରେ ଲାଗିଛନ୍ତି। 'ବନ୍ଦେ ମାତରମ୍'କୁ ଆଇନଗତ ସୁରକ୍ଷା ଦେବା ବିଲ୍ ଉପରେ ବିରୋଧୀ ଦଳ ୱାକ୍‌ଆଉଟ୍ କରିଥିବା ବେଳେ, ଡିଏମ୍‌କେ ଆଲୋଚନାରେ ଭାଗ ନେଇ ବିରୋଧ ଜଣାଇଥିଲା। ସେହିପରି ଜନ୍ମ-ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍ ହଙ୍ଗାମା ମଧ୍ୟରେ ଆଲୋଚନା ବିନା ପାରିତ ହୋଇଯାଇଛି। ଆସନ୍ତା ସପ୍ତାହରେ ସରକାର ଏଫ୍‌ସିଆରଏ ସଂଶୋଧନ ବିଲ୍ ଆଣିବାକୁ ଯାଉଛନ୍ତି, ଯାହାକୁ ବିରୋଧୀ ଦଳ କଡ଼ା ବିରୋଧ କରୁଛି। କଂଗ୍ରେସ ଓ ସମାଜବାଦୀ ପାର୍ଟି ସଂସଦରେ ନିଜର ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖିବାକୁ ଯୋଜନା କରୁଛନ୍ତି। କଂଗ୍ରେସର ଆଶଙ୍କା, ସରକାର ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତାର ନିକଟରେ ପହଞ୍ଚିଥିବାରୁ ପରିସୀମନ ଏବଂ ମହିଳା ସଂରକ୍ଷଣ ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବାକୁ ଚେଷ୍ଟା କରିପାରେ। ଏହି କାରଣରୁ ବିରୋଧୀ ଦଳ ହଙ୍ଗାମା ଜାରି ରଖି ଏହି ବିଲ୍ ଉପରେ ଆଲୋଚନାର ସୁଯୋଗ ନ ଦେବାକୁ ଚାହୁଁଛନ୍ତି।

ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବା ପାଇଁ ସ୍ୱତନ୍ତ୍ର ସଂଖ୍ୟାଗରିଷ୍ଠତା ଆବଶ୍ୟକ। ଏଥିପାଇଁ ସଦନର ଅତି କମରେ ଅଧା ସଦସ୍ୟଙ୍କ ଉପସ୍ଥିତି ସହ ଉପସ୍ଥିତ ସଦସ୍ୟଙ୍କ ଦୁଇ-ତୃତୀୟାଂଶ ସମର୍ଥନ ଦରକାର। ଭୋଟିଂ ସମୟରେ ସଦନରେ ଶାନ୍ତିପୂର୍ଣ୍ଣ ପରିବେଶ ମଧ୍ୟ ଆବଶ୍ୟକ।

ସରକାରୀ ସୂତ୍ରରୁ ମିଳୁଥିବା ସୂଚନା ଅନୁଯାୟୀ, ଦୁଇ-ତୃତୀୟାଂଶ ସମର୍ଥନ ନିଶ୍ଚିତ ହେବା ପରେ ହିଁ ସରକାର ଏହି ବିଲ୍ ଆଗକୁ ବଢ଼ାଇବେ। ଏପ୍ରିଲରେ ସ୍ୱତନ୍ତ୍ର ଅଧିବେଶନରେ ସରକାର ଗୋଟିଏ ବିଲ୍ ପାରିତ କରିବାରେ ବିଫଳ ହୋଇଥିଲେ, ଯାହା ଗତ ୧୨ ବର୍ଷରେ ପ୍ରଥମ ଘଟଣା ଥିଲା।

ଏପଟେ କଂଗ୍ରେସର ଅଭିଯୋଗ, ପରିସୀମନ ବିଲ୍ ମାଧ୍ୟମରେ ବିଜେପି ୨୦୨୯ ଲୋକସଭା ନିର୍ବାଚନ ପାଇଁ ନିଜର ରାଜନୈତିକ ସ୍ଥିତିକୁ ଆହୁରି ମଜବୁତ କରିବାକୁ ଚାହୁଁଛି। କଂଗ୍ରେସର ଦାବି, ଜମ୍ମୁ-କାଶ୍ମୀର ଓ ଆସାମରେ ଯେପରି ନିର୍ବାଚନୀ କ୍ଷେତ୍ର ପୁନଃ ନିର୍ଦ୍ଧାରଣ କରାଯାଇଥିଲା, ସେହିପରି ପଦକ୍ଷେପ ସାରା ଦେଶରେ ମହିଳା ସଂରକ୍ଷଣ ଆଳରେ କରାଯାଇପାରେ।

ଶୁକ୍ରବାର କ୍ୟାବିନେଟ୍ ବୈଠକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ମଧ୍ୟରେ ପ୍ରାୟ ୧୫ ମିନିଟ୍ ଧରି ଆଲୋଚନା ହୋଇଥିଲା। ସରକାରୀ ସୂତ୍ର କହିଛନ୍ତି, ପରିସୀମନ ବିଲ୍‌କୁ ନେଇ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ଆଗାମୀ କିଛି ଦିନ ସଂସଦର ପରିସ୍ଥିତିକୁ ଦେଖି ସରକାର ପରବର୍ତ୍ତୀ ପଦକ୍ଷେପ ନେବେ। ଅର୍ଥାତ୍, ବର୍ତ୍ତମାନ ସରକାର 'ୱେଟ୍ ଆଣ୍ଡ ୱାଚ୍' ନୀତି ଅପନାଇଛନ୍ତି।

ବିଶେଷଜ୍ଞଙ୍କ ମତରେ, ଯଦି ୨୦୨୯ ଲୋକସଭା ନିର୍ବାଚନରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ସରକାରଙ୍କ ଲକ୍ଷ୍ୟ ଥାଏ, ତେବେ ପରିସୀମନ ସମ୍ବନ୍ଧୀୟ ଆଇନଗତ ପ୍ରକ୍ରିୟା ଶୀଘ୍ର ଶେଷ କରିବା ଆବଶ୍ୟକ।

## ଗ୍ରୀଷ୍ମପ୍ରବାହରେ ନିଯୁକ୍ତି ପ୍ରଭାବିତ ହେବ: ବିଶ୍ୱବ୍ୟାଙ୍କ

ନୂଆଦିଲ୍ଲୀ: ଭାରତୀୟ ସହରଗୁଡ଼ିକରେ ତାପମାତ୍ରାରେ ହୋଇଥିବା ବୃଦ୍ଧି ଶ୍ରମକୁ ଗୁରୁତର ପ୍ରଭାବିତ କରିବ। ବିଶ୍ୱବ୍ୟାଙ୍କ ଏହାକୁ ନେଇ ସତର୍କ କରାଯାଇଛି। ଏହି ସମସ୍ୟା ଆଗାମୀ ଦିନରେ ଆହୁରି ଗମ୍ଭୀର ହେବ ବୋଲି ଜଣାଇଛି। ବିଶ୍ୱବ୍ୟାଙ୍କ ଆକଳନ ଅନୁସାରେ ୨୦୩୦ ସୁଦ୍ଧା ନୂଆଦିଲ୍ଲୀ ୨,୬୬,୦୦୦ ପୂର୍ଣ୍ଣକାଳୀନ ନିଯୁକ୍ତି ହରାଇବ। ୨୦୫୦ ସୁଦ୍ଧା ସେହି ସଂଖ୍ୟା ୪,୮୦,୦୦୦ରେ ପହଞ୍ଚିବ। କୋଲକାତା ୨୦୩୦ ସୁଦ୍ଧା ୩,୬୦,୦୦୦ ଓ ୨୦୫୦ ସୁଦ୍ଧା ୩,୯୧,୦୦୦ ନିଯୁକ୍ତି ହରାଇବ। ମୁମ୍ବାଇ ୨୦୩୦ ସୁଦ୍ଧା ୨,୦୪,୦୦୦ ଓ ୨୦୫୦ ସୁଦ୍ଧା ୨,୫୫,୦୦୦ ନିଯୁକ୍ତି ହରାଇବ। ସେହି ସମୟରେ ଚେନ୍ନାଇ ୨୦୩୦ ସୁଦ୍ଧା ୧,୪୧,୦୦୦ ଓ ୨୦୫୦ ସୁଦ୍ଧା ୧,୪୫,୦୦୦ ନିଯୁକ୍ତି ହରାଇବ।ଗ୍ରୀଷ୍ମପ୍ରବାହ ପ୍ରଭାବରେ ସମଗ୍ର ଦକ୍ଷିଣ ଏସିଆରେ ୩.୧ କୋଟି ନିଯୁକ୍ତି ପ୍ରତିବର୍ଷ ପ୍ରଭାବିତ ହେଉଛି। ତାହାର ପ୍ରଭାବରେ ଏହି ଅଞ୍ଚଳଗୁଡ଼ିକର ଅର୍ଥନୀତିରେ ପ୍ରାୟ ୭ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଘଟିବ। ୨୦୫୦ ସୁଦ୍ଧା ଦକ୍ଷିଣ ଏସିଆରେ ୨୮ କୋଟି ଚାକିରି ପ୍ରଭାବିତ ହେବ। ବିଶ୍ୱବ୍ୟାଙ୍କର ଉପସଭାପତି (ଦକ୍ଷିଣ ଏସିଆ) ଜୋହାନେସ ଜୁଟ୍ କହିଛନ୍ତି ଯେ ଏହି ଅଞ୍ଚଳଗୁଡ଼ିକ ଦକ୍ଷିଣ ଏସିଆର ବିକାଶ ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। କିନ୍ତୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ନିଯୁକ୍ତି, ଉତ୍ପାଦକତା ଓ ଦୀର୍ଘକାଳୀନ ଅର୍ଥନୈତିକ ଅଭିବୃଦ୍ଧି ପ୍ରତି ବିପଦ ସୃଷ୍ଟି କରିବ। ବିଶ୍ୱବ୍ୟାଙ୍କ କହିଛି ଯେ ୨୦୩୦ ସୁଦ୍ଧା ଦିଲ୍ଲୀ ବିମାନବନ୍ଦରରେ ତାପମାତ୍ରା ୫୦ ଡିଗ୍ରି ଅତିକ୍ରମ କରିଯିବ। ଫଳରେ ଏୟାରଲାଇନ୍‌ଗୁଡ଼ିକ ଯାତ୍ରୀ ଓ ମାଲ ପରିବହନ କମ୍ କରିବାକୁ ବାଧ୍ୟ ହେବେ। ଦିଲ୍ଲୀ ମେଟ୍ରୋରେ ଯାତ୍ରା କରୁଥିବା ୩୮ ପ୍ରତିଶତ ଲୋକ ଚାଲି ଚାଲି ଯାଆନ୍ତି। ସେମାନଙ୍କ ଉପରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହର ପ୍ରଭାବ ରହିବ। ଭାରତୀୟ ସହରଗୁଡ଼ିକ ମଧ୍ୟରେ ପାଟନାରେ ଗ୍ରୀଷ୍ମପ୍ରବାହ ସମ୍ପର୍କିତ ଶ୍ରମ କ୍ଷତି ସର୍ବାଧିକ ରହିବ। ଗ୍ରୀଷ୍ମପ୍ରବାହ ଜନିତ ମୃତ୍ୟୁକୁ ନେଇ ସରକାରୀ ସ୍ତରରେ କୌଣସି ସ୍ପଷ୍ଟ ତଥ୍ୟ ନାହିଁ। କିନ୍ତୁ ଏକ ଆକଳନରୁ ଜଣାପଡ଼ିଛି ଯେ ତାପମାତ୍ରା ଲଗାତାର ଭାବେ ୫ ଦିନ ବୃଦ୍ଧି ପାଇଲେ ମୃତ୍ୟୁ ସଂଖ୍ୟା ୩୦ ହଜାର ବଢ଼ିଯାଉଛି।

## ପିଏମ୍-କିଷାନ ଅବଧି ୫ ବର୍ଷ ବଢ଼ିଲା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାକୁ ୨୦୩୦-୩୧ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି। ଏଥିପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ଅଟକଳ ଧାର୍ଯ୍ୟ କରାଯାଇଛି। ୨୦୧୯ ଫେବ୍ରୁଆରିରେ ଏହି ଯୋଜନା ଆରମ୍ଭ ହୋଇଥିଲା ଯେଉଁଥିରେ ଯୋଗ୍ୟ ଚାଷୀମାନଙ୍କୁ ପ୍ରତି ବର୍ଷ ୬୦୦୦ ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଉଛି। ଇତି ମଧ୍ୟରେ ୨୩ଟି କିସ୍ତିରେ ୪.୪୭ ଲକ୍ଷ କୋଟି ଟଙ୍କା ଚାଷୀଙ୍କ ଖାତାରେ ଜମା କରାଯାଇଛି। କ୍ୟାବିନେଟ୍ ବେଠକ ସମ୍ପର୍କରେ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ୪୮,୦୪୮ କୋଟି ଟଙ୍କା ଅଟକଳ ବିଶିଷ୍ଟ ସମୁଦ୍ର ମନ୍ଥନ ଯୋଜନାକୁ ଅନୁମୋଦନ କରାଯାଇଛି। ୨୦୩୦-୩୧ ପର୍ଯ୍ୟନ୍ତ ଲାଗୁ ହେବାକୁ ଥିବା ଏହି ଯୋଜନାରେ ସରକାର ଅଧିକରୁ ଅଧିକ ତେଲ ଓ ଗ୍ୟାସ୍ କ୍ଷେତ୍ର ସନ୍ଧାନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସମୁଦ୍ର ମନ୍ଥନ ଯୋଜନା ପ୍ରଭାବରେ ୬୦୦ ନିୟୁତ ଟନ୍ ତୈଳ ଭଣ୍ଡାର ସନ୍ଧାନ ହୋଇପାରିବ ବୋଲି ଆଶା କରାଯାଉଛି। ସେହିପରି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ସରୋବର ଯୋଜନାକୁ ମଧ୍ୟ ମଞ୍ଜୁର କରାଯାଇଛି। ଏହି ଯୋଜନାରେ ପାଞ୍ଚ ବର୍ଷରେ ୫୦୦୦ ମେଗାୱାଟ୍ ଭାସମାନ ସୋର ଶକ୍ତି କ୍ଷମତା ଯୋଡ଼ିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ଦେଶରେ ଏହି କ୍ଷମତା ୭୦୦ ମେଗାୱାଟ୍ ରହିଛି ଯାହା ଆଗାମୀ ୫ ବର୍ଷରେ ପ୍ରାୟ ୭ ଗୁଣା ବଢ଼ିବାକୁ ଯାଉଛି। ଏହି ଯୋଜନାରେ ପ୍ରତି ମେଗାୱାଟ୍ ପାଇଁ ସରକାର ୧ କୋଟି ଟଙ୍କାର ସହାୟତା ଭାବେ ମୋଟ୍ ୫୦୭୦ କୋଟି ଟଙ୍କାର ସହାୟତା ଦେବେ। ଏହି ଯୋଜନା ପ୍ରଭାବରେ ୧୭ ହଜାର ପାଖାପାଖି ନୂତନ ନିଯୁକ୍ତି ସୃଷ୍ଟି ହେବା ଆଶା କରାଯାଉଛି। ଏଥି ସହିତ ବେଠକରେ ସଂଶୋଧିତ ଖେଲୋ ଇଣ୍ଡିଆ ଯୋଜନା ମଧ୍ୟ ମଞ୍ଜୁର ହୋଇଛି। ୨୦୩୦-୩୧ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାର ଅଟକଳ ୩୬,୪୧୧ କୋଟି ଟଙ୍କା ରହିଛି।

## ସିଜେପି- ସୋନମ ୱାଙ୍ଗଚୁକଙ୍କ ମଧ୍ୟରେ ଫାଟ ପ୍ରସଙ୍ଗ: ତାଙ୍କ ବଳିଦାନକୁ ଭୁଲିପାରିବି ନାହିଁ



ନୂଆଦିଲ୍ଲୀ : କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ତାଙ୍କ ସଂଗଠନ ଓ ସୋନମ୍ ୱାଙ୍ଗଚୁକ୍ ମଧ୍ୟରେ ଫାଟ ଥିବା ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି ।ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି ଓ ଆନ୍ଦୋଳନରେ ୱାଙ୍ଗଚୁକ୍‌ଙ୍କ ଅବଦାନକୁ ଭୁଲିହେବ ନାହିଁ ବୋଲି ଦୀପ୍‌କେ କହିଛନ୍ତି । ପ୍ରତିବାଦ ଶେଷ ହେବା ପରେ ସେ ୱାଙ୍ଗଚୁକଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ଓ ଆନ୍ଦୋଳନ ଶେଷରେ ଲୋକମାନଙ୍କୁ ଧନ୍ୟବାଦ ଦେବା ସମୟରେ ସେ କାହିଁକି ତାଙ୍କ ନାମ ଉଲ୍ଲେଖ କରି ନଥିଲେ ତାହା ସ୍ପଷ୍ଟ କରିଛନ୍ତି । ଦୀପ୍‌କେ କହିଛନ୍ତି, ମୁଁ ଛାତ୍ରମାନଙ୍କୁ ଧନ୍ୟବାଦ ଦେଇଥିଲି କାରଣ ୨୦ ଜୁଲାଇ ପରେ ଏହି ଆନ୍ଦୋଳନ ଦେଶର ଛାତ୍ର ଓ ଯୁବକମାନଙ୍କର ଆନ୍ଦୋଳନରେ ପରିଣତ ହୋଇଥିଲା। ସେମାନେ ନିର୍ମମ ଲାଠିଚାର୍ଜର ସମ୍ମୁଖୀନ ହୋଇଥିଲେ। ଅନ୍ୟପକ୍ଷରେ ଦୀପ୍‌କେ ଆନ୍ଦୋଳନ ପାଇଁ ଜନସମର୍ଥନ ସଂଗ୍ରହ କରିବା ପାଇଁ ୱାଙ୍ଗଚୁକଙ୍କ ଅନଶନକୁ ଶ୍ରେୟ ଦେଇଛନ୍ତି ।ଦୀପ୍‌କେ କହିଛନ୍ତି, ସୋନମ ୱାଙ୍ଗଚୁକ୍ ସାର୍ ଯେଉଁ ବଳିଦାନ ଦେଇଛନ୍ତି ତାହା ଆମେ ଭୁଲିପାରିବୁ ନାହିଁ। ସେ ନିଜ ଜୀବନକୁ ବାଜି ଲଗାଇ ୨୬ ଦିନ ଧରି ଅନଶନରେ ଥିଲେ। ନିଜ ଜୀବନକୁ ବାଜି ଲଗାଇ ସେ ଦେଶକୁ ଜାଗ୍ରତ କରିଛନ୍ତି। ନିଜ ଜୀବନକୁ ବାଜି ଲଗାଇ ସେ ଏହି ଦେଶକୁ ସରକାରଙ୍କୁ ପ୍ରଶ୍ନ କରିବା ପାଇଁ ରାସ୍ତାକୁ ଆଣିଛନ୍ତି। ତାଙ୍କ ଅନଶନ ବିନା ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସମ୍ଭବ ହୋଇନଥାନ୍ତା। ମୁଁ ନିଜେ ତାଙ୍କୁ ଅନଶନ ଶେଷ କରିବାକୁ ନିବେଦନ କରିଥିଲି ବୋଲି ଦୀପ୍‌କେ କହିଛନ୍ତି।

## ସାଧାରଣ ବୀମା ପରିଷଦର ନୂଆ ଗାଇଡଲାଇନ

ନୂଆଦିଲ୍ଲୀ : ହସ୍ପିଟାଲରେ ଭର୍ତ୍ତି ହେବାକୁ ନୂଆ ଇନ୍ସୁରାନ୍ସ ନିୟମ । ବିନା ଆବଶ୍ୟକତାରେ ଭର୍ତ୍ତି ହୋଇପାରିବେନି ରୋଗୀ । ସାଧାରଣ ବୀମା ପରିଷଦର ନୂଆ ଗାଇଡଲାଇନ୍ । ଅଯଥା ଡାକ୍ତରଖାନା ଭର୍ତ୍ତି ମାମଲାକୁ ରୋକିବା ହେଉଛି ଏହାର ଉଦ୍ଦେଶ୍ୟ । ହସ୍ପିଟାଲ ଏବଂ ନର୍ସିଂ ହୋମଗୁଡ଼ିକୁ ଏକ କ୍ଲିନିକାଲ୍ ପରାମର୍ଶ ଜାରି କରିଛି ସାଧାରଣ ବୀମା ପରିଷଦ । ଯେଉଁଥିରେ ଉଲ୍ଲେଖ ଅଛି, ସାଧାରଣ ଜ୍ୱର ଏବଂ ସଂକ୍ରାମକ ରୋଗରେ ପୀଡିତ ରୋଗୀଙ୍କୁ କେବେ ଭର୍ତ୍ତି କରାଯିବା । ଏହା ସହ ନଗଦହୀନ ବୀମା କଭରେଜ୍ ପାଇଁ କେତେବ ଯୋଗ୍ୟ ବିବେଚିତ କରାଯିବା ଉଚିତ ତାହା ଜଣାଇବା ପାଇଁ ମଧ୍ୟ ଗାଇଡଲାଇନ ଜାରି କରିଛି ସାଧାରଣ ବୀମା ପରିଷଦ । ହସ୍ପିଟାଲରେ ଏଣ୍ଟ୍ରି କେବଳ ଜ୍ୱର ନୁହେଁ ବରଂ ଚିକିତ୍ସା ଆବଶ୍ୟକତା ଉପରେ ଆଧାରିତ ହେବା ଉଚିତ। ଏହା ସୁପାରିଶ କରେ ଯେ ଜଟିଳ ଜ୍ୱର ଥିବା ରୋଗୀମାନଙ୍କୁ ବାହ୍ୟ ରୋଗୀ ଆଧାରରେ ପରିଚାଳନା କରାଯିବା

## ଗଲବାନରେ ଆକ୍ରମଣ ପରେ ଭାରତ ଆସୁଛନ୍ତି ଚୀନ ରାଷ୍ଟ୍ରପତି ନୂଆଦିଲ୍ଲୀ ଓ ବେଜିଙ୍ଗରେ ଜୋରଦାର ଚର୍ଚ୍ଚା



ନୂଆଦିଲ୍ଲୀ : ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗ ଆସନ୍ତା ସେପ୍ଟେମ୍ବରରେ ଭାରତ ଗସ୍ତରେ ଆସିପାରନ୍ତି। ନୂଆଦିଲ୍ଲୀରେ ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ସେ ଭାରତ ଆସିବାର ସମ୍ଭାବନା ରହିଛି। ୨୦୨୦ ମସିହାରେ ଗଲୱାନ ଉପତ୍ୟକାରେ ଭାରତ-ଚୀନ ସେନାଙ୍କ ମଧ୍ୟରେ ହୋଇଥିବା ରକ୍ତକ୍ଷୟୀ ସଂଘର୍ଷ ପରେ ଏହା ହେବ ସି ଜିନପିଙ୍ଗଙ୍କର ପ୍ରଥମ ଭାରତ ଗସ୍ତ। ଏହି ଘଟଣା ପରେ ଦୁଇ ଦେଶର ସମ୍ପର୍କ ଗତ କିଛି ଦଶନ୍ଧି ମଧ୍ୟରେ ସବୁଠାରୁ ନିମ୍ନ ସ୍ତରକୁ ଖସିଯାଇଥିଲା। ଲଦାଖ ସୀମାରେ ବର୍ଷ ବର୍ଷ ଧରି ଚାଲିଥିବା ସାମରିକ ଅଚଳାବସ୍ଥା ପରେ ଭାରତ ଓ ଚୀନ ମଧ୍ୟରେ ସମ୍ପର୍କ ଧୀରେ ଧୀରେ ସ୍ୱାଭାବିକ ହେବା ଦିଗରେ ଏହି ଗସ୍ତକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଦେଖାଯାଉଛି। ସି ଜିନପିଙ୍ଗ ୨୦୧୩ ମସିହାରୁ ଚୀନର ରାଷ୍ଟ୍ରପତି ଅଛନ୍ତି ଏବଂ ଏହା ପୂର୍ବରୁ ସେ ୩ ଥର ଭାରତ ଗସ୍ତ କରିଛନ୍ତି। ତାଙ୍କର ଶେଷ ଭାରତ ଗସ୍ତ ୨୦୧୯ ଅକ୍ଟୋବରରେ ହୋଇଥିଲା। ଏହାର କିଛି ମାସ ପରେ ଏଲଏସିରେ ସାମରିକ ସଂଘର୍ଷ ହୋଇ ଦୁଇ ଦେଶର ସମ୍ପର୍କରେ ବଡ଼ ଫାଟ ସୃଷ୍ଟି ହୋଇଥିଲା। ସୂତ୍ର ଅନୁସାରେ, ସି ଜିନପିଙ୍ଗଙ୍କ ପ୍ରସ୍ତାବିତ ଗସ୍ତ ପୂର୍ବରୁ ନୂଆଦିଲ୍ଲୀ ଓ ବେଜିଂ ମଧ୍ୟରେ କୂଟନୀତିକ ଆଲୋଚନା ବଢ଼ିବାର ସମ୍ଭାବନା ରହିଛି। ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଉଚ୍ଚସ୍ତରୀୟ ଆଲୋଚନା ପାଇଁ ଚୀନ ଗସ୍ତ କରିପାରନ୍ତି। ଯଦିଓ ଏହାର ତାରିଖ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଆସନ୍ତା କିଛି ସପ୍ତାହ ମଧ୍ୟରେ ଭାରତ-ଚୀନ ସୀମା ପ୍ରସଙ୍ଗରେ ୱାର୍କିଂ ମେକାନିଜମ୍ ଫର୍ କନ୍‌ସଲଟେସନ୍ ଆଣ୍ଡ କୋ-ଅର୍ଡିନେସନର ବୈଠକ ହେବାର ମଧ୍ୟ ଆଶା ରହିଛି। ଏହା ପରେ ସୀମା ବିବାଦ ନେଇ ଦୁଇ ଦେଶର ସ୍ୱତନ୍ତ୍ର ପ୍ରତିନିଧିମାନଙ୍କ ମଧ୍ୟରେ ଆଲୋଚନା ହେବ। ଦୀର୍ଘ ଦିନର ସୀମା ବିବାଦର ସମାଧାନ ଦିଗରେ ଏହି ବୈଠକ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି। ଯଦି ସି ଜିନପିଙ୍ଗଙ୍କ ଗସ୍ତ ଚୂଡ଼ାନ୍ତ ହୁଏ, ତେବେ ଏହା ପ୍ରାୟ ୬ ବର୍ଷ ପରେ ତାଙ୍କର ପ୍ରଥମ ଭାରତ ଗସ୍ତ ହେବ। ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସି ଜିନପିଙ୍ଗଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ହେବ କି ନାହିଁ, ସେଥିପ୍ରତି ସମସ୍ତଙ୍କ ନଜର ରହିବ। ଏହି ବୈଠକରେ ସୀମା ବିବାଦ, ଆଞ୍ଚଳିକ ସୁରକ୍ଷା, ଆର୍ଥିକ ସହଯୋଗ ଏବଂ ଏସିଆର ଦୁଇ ପ୍ରମୁଖ ଶକ୍ତିଶାଳୀ ଦେଶ ମଧ୍ୟରେ ଭବିଷ୍ୟତ ସମ୍ପର୍କର ଦିଗ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଏହି ସମ୍ଭାବ୍ୟ ବୈଠକକୁ ଆହୁରି ଗୁରୁତ୍ୱପୂର୍ଣ୍ଣ କରିଛି ବର୍ତ୍ତମାନର ବିଶ୍ୱ ପରିସ୍ଥିତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ (ଟାରିଫ୍) ନୀତି ଏବଂ ପଶ୍ଚିମ ଏସିଆରେ ବଢୁଥିବା ଅସ୍ଥିରତା ଭଳି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ମଧ୍ୟରେ ଭାରତ-ଚୀନ ଆଲୋଚନା ଉପରେ ଆନ୍ତର୍ଜାତିକ ମହଲର ମଧ୍ୟ ନଜର ରହିଛି।

## ବିଜେପିରୁ ଇସ୍ତଫା ଦେଲେ ଶହଜାଦ ପୁନାୱାଲା

ନୂଆଦିଲ୍ଲୀ: ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପ୍ରବକ୍ତା ଶହଜାଦ ପୁନାୱାଲା ଦଳରୁ ଇସ୍ତଫା ଦେଇଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଶହଜାଦ ବିଜେପିର ଶୀର୍ଷ ନେତୃତ୍ୱକୁ ତାଙ୍କ ଇସ୍ତଫା ପ୍ରଦାନ କରିଛନ୍ତି। ସେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନିଜ ବାୟୋ ବଦଳାଇଛନ୍ତି ଓ ସେଥିରୁ ବିଜେପି ହଟେଇ ଦେଇଛନ୍ତି। ପୁନାୱାଲା ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା କହିଛନ୍ତି। ତେବେ ଇନଷ୍ଟାଗ୍ରାମ ଆକାଉଣ୍ଟ ପ୍ରୋଫାଇଲରେ ଏବେବି ତାଙ୍କୁ ବିଜେପି ପ୍ରବକ୍ତା ଭାବେ ଦର୍ଶାଇଛନ୍ତି। ଗୁରୁବାର ପୁନାୱାଲା ତାଙ୍କର ଅପଡେଟ୍ ହୋଇଥିବା 'ଏକ୍ସ' ବାୟୋର ଏକ ସ୍କ୍ରିନସଟ୍ ସେୟାର କରିଛନ୍ତି ଯେଉଁଥିରେ ଲେଖାଯାଇଛି, ଧର୍ମ: ଇସଲାମ, ସଂସ୍କୃତି: ହିନ୍ଦୁ, ବିଚାରଧାରା: ଭାରତୀୟ। ଲେଖକ: ଜିଏସ୍‌ଟିକି କି ଯାତ୍ରା; ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀବନବ୍ୟାପୀ ଅନୁଗାମୀ। କ୍ୟାପସନରେ କେବଳ ମୋର ଅପଡେଟ୍ ହୋଇଥିବା ବାୟୋ ଲେଖାଯାଇଛି। ଶହଜାଦ ପୁନାୱାଲା ୨୦୧୭ ମସିହାରେ କଂଗ୍ରେସ ଦଳ ଛାଡି ବିଜେପିରେ ଯୋଗ ଦେଇଥିଲେ।

## ୧୯ ବର୍ଷ ପରେ କୋଲକାତା ଫେରିଲେ ଲେଖିକା ତସଲିମା, କହିଲେ, ମୁଁ ଅତିଥୀ ନୁହେଁ ବଙ୍ଗାଳୀ ବୋହୂ



ନୂଆଦିଲ୍ଲୀ : ବାଂଲାଦେଶର ପ୍ରସିଦ୍ଧ ଏବଂ ସ୍ପଷ୍ଟବାଦୀ ଲେଖିକା ତସଲିମା ନସ୍ରିନ ଦୀର୍ଘ ୧୯ ବର୍ଷ ପରେ ପୁଣିଥରେ କୋଲକାତା ଫେରିଛନ୍ତି। ୨୦୦୭ ମସିହାରେ ତାଙ୍କ ପୁସ୍ତକ 'ଦ୍ୱିଖଣ୍ଡିତ'କୁ ନେଇ ଭୟଙ୍କର ବିରୋଧ ପ୍ରଦର୍ଶନ ଓ ଫତୱା ଜାରି ହେବା ପରେ ତାଙ୍କୁ କୋଲକାତା ଛାଡ଼ିବାକୁ ପଡ଼ିଥିଲା। ବର୍ତ୍ତମାନ କୋଲକାତା ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କ ସମର୍ଥକମାନେ ଉଷ୍ମ ସ୍ୱାଗତ ଜଣାଇଥିଲେ।

କୋଲକାତାକୁ ଫେରି ତସଲିମା କହିଛନ୍ତି, "କୋଲକାତା ମୋ ପାଇଁ କେବଳ ଗୋଟିଏ ସହର ନୁହେଁ, ଏହା ମୋର ଘର।" ସହରର ପରିବେଶରେ ପୁଣିଥରେ ନିଶ୍ୱାସ ନେଇ ସେ ଭାବବିହ୍ୱଳ ହୋଇପଡ଼ିଥିଲେ। ତାଙ୍କ କହିବା ଅନୁସାରେ, ତାଙ୍କୁ ଏପରି ଲାଗୁଛି ଯେ ସେ ନିଜ ଦେଶକୁ ଫେରି ଆସିଛନ୍ତି। ବଙ୍ଗାଳ ତାଙ୍କ ହୃଦୟରେ କେବେ ବିଭକ୍ତ ହୋଇନଥିଲା। ସେ ଏଠାକୁ ଅତିଥି ଭାବେ ନୁହେଁ, ବରଂ ଏହି ମାଟି ଓ ବଙ୍ଗାଳର ଜଣେ ଅଂଶ ଭାବେ ଫେରିଛନ୍ତି। ତସଲିମା ଆହୁରି କହିଛନ୍ତି ଯେ, ୨୦୦୭ରେ ସେ ନିଜ ଇଚ୍ଛାରେ କୋଲକାତା ଛାଡ଼ିନଥିଲେ। ସେତେବେଳର ପଶ୍ଚିମବଙ୍ଗ ସରକାର ତାଙ୍କୁ ରାଜ୍ୟ ଛାଡ଼ିବାକୁ ବାଧ୍ୟ କରିଥିଲେ। ସରକାର ବଦଳିଲା, କିନ୍ତୁ ତାଙ୍କ ପାଇଁ କୋଲକାତାର ଦ୍ୱାର ଖୋଲିଲା ନାହିଁ। ତଥାପି ସେ ଦିନେ ନା ଦିନେ କୋଲକାତାକୁ ଫେରିବେ ବୋଲି ଆଶା କେବେ ଛାଡ଼ିନଥିଲେ। ନିଜର ଏହି ପ୍ରତ୍ୟାବର୍ତ୍ତନକୁ ତସଲିମା କେବଳ ବ୍ୟକ୍ତିଗତ ଯାତ୍ରା ଭାବେ ନୁହେଁ, ବରଂ ଅଭିବ୍ୟକ୍ତିର ସ୍ୱାଧୀନତାର ବିଜୟ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, କଟ୍ଟରପନ୍ଥୀଙ୍କ ଧମକ କିମ୍ବା ଫତୱା ଜଣେ ଲେଖକଙ୍କୁ କିଛି ସମୟ ପାଇଁ ସହର କିମ୍ବା ଦେଶରୁ ଦୂରେଇ ରଖିପାରେ, କିନ୍ତୁ ତାଙ୍କ ଚିନ୍ତାଧାରାକୁ କେବେ ବି ଶେଷ କରିପାରିବ ନାହିଁ। ଜଣେ ଲେଖକଙ୍କ ସୁରକ୍ଷା ଓ ସ୍ୱାଧୀନତା କୌଣସି ସରକାର, ରାଜନୈତିକ ଦଳ କିମ୍ବା ଧାର୍ମିକ ସଂଗଠନର ଦୟା ଉପରେ ନୁହେଁ, ବରଂ ତାଙ୍କ ମୌଳିକ ଅଧିକାର ଉପରେ ନିର୍ଭର କରିବା ଉଚିତ। ସୂଚନାଯୋଗ୍ୟ ଯେ, ୧ ଅଗଷ୍ଟରେ କୋଲକାତାରେ ଆୟୋଜିତ ଏକ ବୃହତ ସାହିତ୍ୟିକ କାର୍ଯ୍ୟକ୍ରମରେ ତସଲିମା ନସ୍ରିନ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗର ବିରୋଧୀ ଦଳନେତା ସୁବେନ୍ଦୁ ଅଧିକାରୀ ଏବଂ ବିଶିଷ୍ଟ ସାହିତ୍ୟିକ ଶିର୍ଷେନ୍ଦୁ ମୁଖୋପାଧ୍ୟାୟ ମଧ୍ୟ ଉପସ୍ଥିତ ରହିପାରନ୍ତି। ସୁରକ୍ଷିତ ପରିବେଶ ପାଇଁ ସେ ବର୍ତ୍ତମାନର ପ୍ରଶାସନ ଓ ଆୟୋଜକଙ୍କୁ ଧନ୍ୟବାଦ ଜଣାଇବା ସହ ଆଶା ପ୍ରକାଶ କରିଛନ୍ତି ଯେ, ଆଗାମୀ ଦିନରେ ସେ ନିର୍ଭୟରେ ନିଜର ପ୍ରିୟ ସହର କୋଲକାତାକୁ ବାରମ୍ବାର ଆସିପାରିବେ।

# ଦିନିକିଆ ବିଶ୍ୱକପ୍ ସିଡ୍ୟୁଲ ଚୂଡ଼ାନ୍ତ

## ୩ ଦେଶର ୧୨ଟି ମୈଦାନରେ ହେବ ୫୭ ଫାଇଟ୍, ଲଢ଼ିବେ ୧୪ ଦଳ

ନୂଆଦିଲ୍ଲୀ,୩୧/୦୭; ଦିନିକିଆ ବିଶ୍ୱକପକୁ ଆଉ ୧୫ ମାସ ବାକି ରହିଛି । ଏ ନେଇ ଭେନ୍ୟୁ ଏବଂ ଲୋଗା ଜାରି ହୋଇଛି । ୨୦୨୭ ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମିବିଆର ୧୨ଟି ସ୍ଥାନରେ ଖେଳାଯିବ । ଏଥିରେ ୱାଣ୍ଡରର୍ସ ଷ୍ଟାଡିୟମ୍, ନ୍ୟୁଲାଣ୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡ୍, କିଙ୍ଗସମିଡ୍ କ୍ରିକେଟ୍ ଗ୍ରାଉଣ୍ଡ୍ ଏବଂ ବୋଲାଣ୍ଡ୍ ପାର୍କ ଭଳି ପ୍ରସିଦ୍ଧ ଷ୍ଟାଡିୟମ୍ ଅନ୍ତର୍ଭୁକ୍ତ । ଜୋହାନ୍ସବର୍ଗରେ ଏକ ସମାରୋହରେ ଏହି ପ୍ରମୁଖ ଇଭେଣ୍ଟର ସ୍ଥାନ ଘୋଷଣା କରାଯାଇଛି । ୫୦ ଓଭର ଟୁର୍ଣ୍ଣାମେଣ୍ଟରେ ୧୪ ଦଳ ମୋଟ ୫୭ଟି ମ୍ୟାଚ୍ ଖେଳିବେ । ଏହି ଟୁର୍ଣ୍ଣାମେଣ୍ଟଟି ଏକ ନୂଆ ତିନି-ପର୍ଯ୍ୟାୟ ଫର୍ମାଟରେ ଖେଳାଯିବ, ଯାହା ଅଧିକ ରୋମାଞ୍ଚକର କ୍ରିକେଟ୍ ହେବ । ୨୦୨୩ ବିଜେତା ଅଷ୍ଟ୍ରେଲିଆ, ସେମାନଙ୍କର ଦିନିକିଆ ବିଶ୍ୱକପ୍ ଟାଇଟଲ୍ ରକ୍ଷା କରିବାକୁ ଚେଷ୍ଟା କରିବ, ଯାହା ୨୦୨୩ରେ ଭାରତରେ ଜିତିଥିଲା ଦଳ ।

ଏହି ୧୨ଟି ସ୍ଥାନରେ ଦକ୍ଷିଣ ଆଫ୍ରିକାର ୮ଟି ସହର, ଜିମ୍ବାୱେର ୩ଟି ଏବଂ ନାମିବିଆର ରାଜଧାନୀ ୱିଣ୍ଡହୋକ୍ ଅନ୍ତର୍ଭୁକ୍ତ । ଦକ୍ଷିଣ ଆଫ୍ରିକାରେ, ୱାଣ୍ଡରର୍ସ ଷ୍ଟାଡିୟମ (ଜୋହାନସବର୍ଗ), ସେଞ୍ଚୁରିଅନ୍ (ଟ୍ସ୍ୱାନ୍), ନ୍ୟୁଲାଣ୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡ (କେପ୍ ଟାଉନ୍), କିଙ୍ଗସମିଡ୍ କ୍ରିକେଟ୍ ଗ୍ରାଉଣ୍ଡ (ଡରବାନ), ସେଣ୍ଟ ଜର୍ଜସ୍ ପାର୍କ (ଗେବରହା), ମାଙ୍ଗାଉଙ୍ଗ୍ ଓଭାଲ୍ (ବ୍ଲୋଏମ୍ଫଣ୍ଟେନ୍), ବୋଲାଣ୍ଡ ପାର୍କ (ପାର୍ଲ), ଏବଂ ବଫାଲୋ ପାର୍କ (ଗେବରହା ସିଟି, ଯାହା ପୂର୍ବରୁ ପୂର୍ବ ଲଣ୍ଡନ ଭାବରେ ଜଣାଶୁଣା) ରେ ମ୍ୟାଚ୍ ଖେଳାଯିବ ।

ଜିମ୍ବାୱେ ହରାରେ ସ୍ପୋର୍ଟସ୍ କ୍ଲବ୍ (ହରାରେ), କୁଇନ୍ସ ସ୍ପୋର୍ଟସ୍ କ୍ଲବ୍ (ବୁଲାୱାୟୋ) ଏବଂ ଫାଲେ ମୋସି-ଓଆ-ଟୁନିଆ ଆନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ (ଭିକ୍ଟୋରିଆ ଫଲ୍ସ) ରେ ମ୍ୟାଚ୍ ଆୟୋଜନ କରିବ, ଯେତେବେଳେ ନାମିବିଆ ୱିଣ୍ଡହୋକ୍ ର ନାମିବିଆ କ୍ରିକେଟ୍ ଗ୍ରାଉଣ୍ଡରେ ଏହାର ମ୍ୟାଚ୍ ଆୟୋଜନ କରିବ। ୨୪ ବର୍ଷ ପରେ ଆଫ୍ରିକାକୁ ୫୦ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ଫେରୁଛି। ପୂର୍ବରୁ, ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ କେନିଆ ୨୦୦୩ରେ ଅଷ୍ଟମ ପୁରୁଷ କ୍ରିକେଟ ବିଶ୍ୱକପ୍ ଆୟୋଜନ କରିଥିଲେ।




୨୦୦୩ ପୁରୁଷ ଦିନିକିଆ ବିଶ୍ୱକପ୍ ସହ-ଆୟୋଜନ କରିବା ପରଠାରୁ, ଦକ୍ଷିଣ ଆଫ୍ରିକା ଅନେକ ପ୍ରମୁଖ ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଛି, ଯେଉଁଥିରେ ପ୍ରଥମ ଆଇସସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ (୨୦୦୭), ଆଇସିସି ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ (୨୦୨୩),ଆଇସିସି ଅଣ୍ଡର-୧୯ ପୁରୁଷ କ୍ରିକେଟ୍ ବିଶ୍ୱକପ୍ (୨୦୨୦ ଏବଂ ୨୦୨୪) ଏବଂ ଆଇସିସି ଅଣ୍ଡର-୧୯ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ (୨୦୨୩) ଅନ୍ତର୍ଭୁକ୍ତ । ଜିମ୍ବାୱେ ୨୦୦୩ ଟୁର୍ଣ୍ଣାମେଣ୍ଟକୁ ସହ-ଆୟୋଜକ କରିଥିବା ବେଳେ, ନାମ୍ବିବିଆ ପ୍ରଥମ ଥର ପାଇଁ ଏକ ସିନିୟର ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ। ଉଭୟ ଦେଶ ଚଳିତ ବର୍ଷ ଆରମ୍ଭରେ ଆଇସିସି ୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ ବିଶ୍ୱକପ୍ ଆୟୋଜନ କରିଥିଲେ।

ଆଇସିସି ଅଧ୍ୟକ୍ଷ ଜୟ ଶାହ କହିଛନ୍ତି, ‘ ଆଇସିସି ପୁରୁଷ କ୍ରିକେଟ୍ ବିଶ୍ୱକପ୍ ୨୦୨୭ ପାଇଁ ଏହା ଏକ ରୋମାଞ୍ଚକର ମାଇଲଖୁଣ୍ଟ। ଆୟୋଜକ ସହର ଏବଂ ଟୁର୍ଣ୍ଣାମେଣ୍ଟ ବ୍ରାଣ୍ଡର ଉନ୍ମୋଚନ ଏକ ଯାତ୍ରାର ଆରମ୍ଭ ଯାହା ସାରା ବିଶ୍ୱର ପ୍ରଶଂସକମାନଙ୍କୁ ଏକତ୍ର କରିବ ଏବଂ ଆମର କ୍ରୀଡାର ସବୁଠାରୁ ବଡ଼ ବିଶ୍ୱ ଇଭେଣ୍ଟ ମଧ୍ୟରୁ ଗୋଟିଏ ପାଇଁ ଉତ୍ସାହ ସୃଷ୍ଟି କରିବ । ’’

୨୦୨୭ ସଂସ୍କରଣ କ୍ୟାମ୍ପେନ୍ ଆଫ୍ରିକୀୟ ଦର୍ଶନ ‘ଉବୁଣ୍ଟୁ’-‘ମୁଁ ଅଛି, କାରଣ ଆମେ ଅଛୁ’ ଏବଂ ‘ମେକ୍ ଦ ସର୍କଲ ବିଗର’-‘ବୃତ୍ତକୁ ବଡ କରନ୍ତୁ’ ଥିମ୍‌ରେ କରାଯିବ। ଏହି ଥିମ୍ ସ୍ଥାନୀୟ ଅଞ୍ଚଳର ୨୯ଟି ସରକାରୀ ସ୍ୱୀକୃତିପ୍ରାପ୍ତ ଭାଷାକୁ ନେଇ କରାଯାଇଛି। ପ୍ରତିଯୋଗିତାର ଲୋଗୋ ପାରମ୍ପରିକ ଆଫ୍ରିକୀୟ ତାର ବାଉଲ ଅନୁଯାୟୀ କରାଯାଇଛି। ଏହାର ରଙ୍ଗ ପ୍ୟାଲେଟରେ ଜିମ୍ବାୱେ ଚିଲି, ଆଫ୍ରିକୀୟ ରୁଟ୍, ଫିନବୋସ୍ ପପ୍, ନାମିବ୍ୟା ଡୁନ୍, ହରାରେ ଡନ୍ ଏବଂ ଦୁଇ ସମୁଦ୍ରର ସେଡ୍‌ସ ରହିଛି। ଗୁରୁବାର ଏହି ଉତ୍ସବରେ ଆଇସିସି ଅଧ୍ୟକ୍ଷ ଜୟ ଶାହ, ମୁଖ୍ୟ କାର୍ଯ୍ୟନିର୍ବାହୀ ସଂଯୋଗ ଗୁପ୍ତାଙ୍କ ସହ କ୍ରିକେଟ୍ ତାରକା ଗ୍ରେମ୍ ସ୍ମିଥ୍, ମାଖୟା ଏନ୍‌ଟିନି, ହାସିମ ଆମ୍‌ଲା, ତେମ୍ବା ବଭୂମା, କାଗିସୋ ରବଡା, ହାମିଲଟନ୍ ମାସାକାଦ୍‌ଜା ଓ ରୁଡୋଲ୍‌ଫ ଜାନ୍‌ସେନ୍ ଭାନ୍ ଭୁରେନ ଉପସ୍ଥିତ ଥିଲେ।

# ଭାରୋତ୍ତୋଳନରେ ରୌପ୍ୟ ଜିତିଲେ ଲଭ୍‌ପ୍ରୀତ୍

## ଓଡ଼ିଶାର ଅନିମେଷ କୁଜୁର ବିଫଳ



ଗ୍ଲାସ୍‌ଗୋ: ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାରତ ପାଇଁ ଆଉ ଏକ ରୌପ୍ୟ ଆଣିଛନ୍ତି ଲଭ୍‌ପ୍ରୀତ ସିଂହ। ପୁରୁଷ ୧୧୦ କେଜି ଭାରୋତ୍ତୋଳନ ଫାଇନାଲ୍‌ରେ ସେ ମୋଟ ୩୮୮ କେଜି ଭାର ଉଠାଇ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ଜିତିଥିଲେ। ନ୍ୟୁଜିଲାଣ୍ଡର ଡେଭିଡ୍ ଲିଟି ମୋଟ ୩୮୯ କେଜି ଭାର ଉଠାଇ ନୂଆ ରାଜ୍ୟଗୋଷ୍ଠୀ କୀର୍ତ୍ତିମାନ ସହ ସ୍ୱର୍ଣ୍ଣ ଜିତିଥିବାବେଳେ ଇଂଲଣ୍ଡର ଆଣ୍ଡ୍ର୍ୟୁ ଗ୍ରିଫିଥ୍ କାଂସ୍ୟ ପଦକ ଜିତିଥିଲେ।

ପୁରୁଷ ୨୦୦ ମିଟରରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି ଭାରତୀୟ ଧାବକ ଅନିମେଷ କୁଜୁର। ଗୁରୁବାର ଅନୁଷ୍ଠିତ ୨୦୦ ମିଟର ଦ୍ୱିତୀୟ ସେମିଫାଇନାଲ୍‌ରେ ସେ ୨୦.୬୫ ସେକେଣ୍ଡରେ ରେସ୍ ଶେଷ କରି ଷଷ୍ଠ ସ୍ଥାନରେ ରହିଥିଲେ। ଏହା ଫଳରେ ସେ ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ୨୩ ବର୍ଷୀୟ କୁଜୁର ୨୦୦ ମିଟର ରାଉଣ୍ଡ-୧ରେ ଚମତ୍କାର ପ୍ରଦର୍ଶନ ଦେଇଥିଲେ। ସେ ତାଙ୍କର ଋତୁ ଶ୍ରେଷ୍ଠ ୨୦.୪୬ ସେକେଣ୍ଡରେ ରେସ୍ ଶେଷ କରି ହିଟ୍-୪ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହା ଫଳରେ ସେ ସେମିଫାଇନାଲ୍‌ରେ ପ୍ରବେଶ କରି ଭାରତ ପାଇଁ ପଦକ ଆଶା ସୃଷ୍ଟି କରିଥିଲେ। ବିଶେଷକରି ଭାରତର ଦ୍ରୁତତମ ଧାବକ ଗୁରିନ୍ଦରବୀର ସିଂହ ୧୦୦ ମିଟର ଦୌଡରେ ବିଫଳ ହେବା ପରେ ତାଙ୍କଠାରୁ ପଦକ ଆଶା ରହିଥିଲା। କିନ୍ତୁ ଆଜି ସେ ଲୟରେ ଥିବା ପରି ଲାଗୁ ନଥିଲେ ଓ ରାଉଣ୍ଡ-୧ର ପ୍ରଦର୍ଶନ ବି ଦୋହରାଇପାରି ନଥିଲେ। ଏହି ନୈରାଶ୍ୟଜନକ ପ୍ରଦର୍ଶନ ପରେ ପଦକ ଆଶା ନିରାଶାରେ ପରିଣତ ହୋଇଛି।

ପୁରୁଷ ସଟ୍‌ପୁଟ୍‌ରେ ଭାରତର ତଜିନ୍ଦରପାଲ୍ ସିଂହ ତୁର୍ ଓ ସମରଦୀପ ସିଂହ ଗିଲ୍ ପଦକ ଜିତିବାରେ ବିଫଳ ହୋଇଛନ୍ତି। ସେମାନେ ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନରେ ରହିଥିଲେ। ଏହି ଇଭେଣ୍ଟରେ ନାଇଜେରିଆର ଚୁକୁଏବୁକା ଏନେଜକ୍‌ୱେଚି ୨୧.୦୭ ମିଟର ଫିଙ୍ଗି ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ନ୍ୟୁଜିଲାଣ୍ଡର ଟମ୍ ୱାଲସ ରୌପ୍ୟ ଓ ଇଂଲଣ୍ଡର ସ୍କଟ୍ ଲିଙ୍କନ୍ କାଂସ୍ୟ ପଦକ ହାସଲ କରିଛନ୍ତି।

# ଦ ହଣ୍ଡ୍ରେଡ୍: ବ୍ରେଭ୍‌କୁ ଜିତାଇଲେ ଜେମିମା

ସାଉଥହାମ୍ପଟନ୍, ୩୧/୭: ଭାରତୀୟ ବ୍ୟାଟର୍ ଜେମିମା ରଡ୍ରିଗ୍ସ ଏଠାରେ ଚାଲିଥିବା ଦ ହଣ୍ଡ୍ରେଡ୍ କ୍ରିକେଟ୍ ପ୍ରତିଯୋଗିତାରେ ସଦର୍ନ ବ୍ରେଭ୍‌କୁ ଜିତାଇଛନ୍ତି। ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ତାଙ୍କ ୧୮ ବଲ୍‌ରୁ ୨୮ ଅପରାଜିତ ରନ୍ ପାଳି ବଳରେ ସଦର୍ନ ବ୍ରେଭ୍ ୨୪ ରନ୍‌ରେ ବର୍ମିଂହାମ୍ ଫୋଏନିକ୍ସ ପରାସ୍ତ କରିଛି। ରଡ୍ରିଗ୍ସଙ୍କ ୨୮ଅପରାଜିତ, ମାଇଆ ବାଉଚରଙ୍କ ୪୫, ଲିଜେଲି ଲିଙ୍କ ୪୩ ରନ୍ ବଳରେ ବ୍ରେଭ୍ ୧୦୦ ବଲ୍‌ରେ ୧୪୦/୩ କରିଥିଲା। ଜବାବରେ ଡାଭିନା ପେରିନ୍‌ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଫୋଏନିକ୍ସ ୧୧୬/୫ରେ ଅଟକି ଯାଇଥିଲା। ଫିଲ୍ଡିଂରେ ଜେମିମା ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ। ଡାମି ବିଉମଣ୍ଟ (୨୨)ଙ୍କ ଚମତ୍କାର କ୍ୟାଚ୍ କରି ଜେମିମା ୭୩ ରନ୍ କରିଥିବା ଓପନିଂ ଯୋଡି ଭାଙ୍ଗିଥିଲେ। ଫଳରେ ବ୍ରେଭ୍ ଦଳର ବିଜୟ ସହଜ ହୋଇଥିଲା। ଶୁକ୍ରବାର ସ୍ମୃତି ମନ୍ଧାନା ଓ ରିଚା ଘୋଷ ନିଜ ନିଜ ଦଳ ପକ୍ଷରୁ ପଡିଆକୁ ଓହ୍ଲାଇବେ।

## ବିଶ୍ୱ କନିଷ୍ଠ ସ୍କ୍ୱାସ୍

# ଭାରତକୁ ପୁଣି କାଂସ୍ୟ

ଓଣ୍ଟାରିଓ: ଭାରତୀୟ ବାଳକ ଦଳ ଲଗାତାର ଦ୍ୱିତୀୟ ଥର ଲାଗି ବିଶ୍ୱ ସ୍କ୍ୱାସ୍ କନିଷ୍ଠ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଛି। କାନାଡାର ଓଣ୍ଟାରିଓରେ ଆୟୋଜିତ ଏହି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଭାରତ ୦-୨ରେ ଆମେରିକାକୁ ହାରି ଏହି ପଦକରେ ସନ୍ତୁଷ୍ଟ ରହିଥିଲ। ପ୍ରଥମ ମ୍ୟାଚ୍‌ରେ ଗୁରବୀର ସିଂହ ୭-୧୧, ୧୨-୧୦, ୯-୧୧, ୭-୧୧ରେ ବ୍ରେଣ୍ଡନ ଟାଗ୍‌ଲିଆରିନିଙ୍କଠୁ ହାରିବା ପରେ ଆର୍ଯ୍ୟବୀର ଦେୱାନ୍ ମଧ୍ୟ ଦ୍ୱିତୀୟ ମ୍ୟାଚ୍‌କୁ ୫-୧୧, ୭-୧୧, ୫-୧୧ରେ ୟାସିନ ଶାଲାବାଏଙ୍କଠୁ ପରାସ୍ତ ହୋଇଥିଲେ। ସେମିଫାଇନାଲିଷ୍ଟ ପରାଜିତ ଦଳ କାଂସ୍ୟ ପାଇବା ନିଶ୍ଚିତ ଥିବାରୁ ଭାରତ ଗତ ସଂସ୍କରଣ ପରି ଏହି ମଧ୍ୟ ଏହି ପଦକରେ ସନ୍ତୁଷ୍ଟ ରହିଥିଲା। ପୂର୍ବରୁ ବାଳିକା ଦଳ ଆମେରିକାଠୁ କ୍ୱାର୍ଟରଫାଇନାଲ୍‌ରେ ହାରି ପଦକରୁ ବଞ୍ଚିତ ରହିଥିଲା।



# ସିଏସକେ ଛାଡ଼ି ଇଂଲଣ୍ଡ କୋଚ୍ ହେଲେ ଷ୍ଟିଫେନ୍ ଫ୍ଲେମିଂ

ନୂଆଦିଲ୍ଲୀ,୩୧/୦୭; ଚେନ୍ନାଇ ସୁପରକିଙ୍ଗ୍‌ସ ଆଇପିଏଲ୍ ଦଳର ପୂର୍ବତନ କୋଚ ତଥା ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ଷ୍ଟିଫେନ ଫ୍ଲେମିଂ ଇଂଲଣ୍ଡ ଟେଷ୍ଟ ଦଳର କୋଚ ନିଯୁକ୍ତ ହୋଇଛନ୍ତି । ସେହିପରି ଜୋ ରୁଟ୍ ପୁଣି ଥରେ ଟେଷ୍ଟ ଦଳର ନେତୃତ୍ୱ ଭାର ଗ୍ରହଣ କରିଛନ୍ତି । ଫ୍ଲେମିଂ ୨୦୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ କୋଚ ଭାବେ କାର୍ଯ୍ୟ କରିବେ । ଚେନ୍ନାଇ ସୁପରକିଙ୍ଗ୍‌ସ ସହ ଦୀର୍ଘ ୧୮ ବର୍ଷ ଧରି କାର୍ଯ୍ୟ କରିବା ପରେ ସେ ଗତ ମାସରେ ଅବସର ନେଇଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ଚେନ୍ନାଇ ୫ଥର ଆଇପିଏଲ୍ ଚାମ୍ପିଅନ୍ ହୋଇଥିଲା । ପରିବାର ସହ ବେଶ୍ କିଛି ମାସ କଟାଇବା ପରେ ଫ୍ଲେମିଂ ଆସନ୍ତା ଡିସେମ୍ବରରେ କାର୍ଯ୍ୟଭାର ଆରମ୍ଭ କରିବେ । ଇଂଲଣ୍ଡ କ୍ରିକେଟ୍ ଦଳ ଆସନ୍ତା ମାସରେ ପାକିସ୍ତାନ ବିପକ୍ଷରେ ୩ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ । ମାର୍କସ ଟ୍ରେସ୍କୋଥିକ ଏହି ସିରିଜରେ ଇଂଲଣ୍ଡ ଦଳର କୋଚ ଦାୟିତ୍ୱ ତୁଲାଇବେ ।

ଷ୍ଟିଫେନ୍ ଫ୍ଲେମିଙ୍ଗ୍ ପ୍ରଥମେ ୨୦୦୮ ମସିହାରେ ଓଟଖର ପ୍ରଥମ ସିଜିନରେ ଚେନ୍ନାଇ ସୁପର କିଙ୍ଗ୍ସ (ଉଝକ)ରେ ଖେଳାଳି ଭାବରେ ଯୋଗ ଦେଇଥିଲେ। ୨୦୦୯ ମସିହାରେ, ତାଙ୍କୁ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ କରାଯାଇଥିଲା । ସେବେଠାରୁ ୨୦୨୬ ପର୍ଯ୍ୟନ୍ତ, ଫ୍ଲେମିଙ୍ଗ ଏବଂ ମହେନ୍ଦ୍ର ସିଂହ ଧୋନିଙ୍କ ଯୋଡ଼ି ଚେନ୍ନାଇ ଦଳକୁ ଅନେକ ସଫଳତା ପ୍ରଦାନ କରିଥିଲେ । ଫ୍ଲେମିଙ୍ଗଙ୍କ ପ୍ରଶିକ୍ଷଣ କାର୍ଯ୍ୟକାଳରେ, ଚେନ୍ନାଇ ୫ ଥର ଆଇପିଏଲ ଟ୍ରଫି ଏବଂ ଦୁଇ ଥର ଚାମ୍ପିଅନ୍ସ ଲିଗ୍ ଟି-ଟ୍ୱେଣ୍ଟି ଟାଇଟଲ ଜିତିଥିଲା। ଫ୍ଲେମିଙ୍ଗଙ୍କ ନେତୃତ୍ୱରେ, ଚେନ୍ନାଇ ସୁପର କିଙ୍ଗ୍ସ ଆଇପିଏଲ ଇତିହାସର ସବୁଠାରୁ ସଫଳ ଏବଂ ନିର୍ଭରଯୋଗ୍ୟ ଦଳ ମଧ୍ୟରୁ ଗୋଟିଏ ହୋଇଗଲା । ଫ୍ଲେମିଙ୍ଗଙ୍କ ନେତୃତ୍ୱରେ, ଦଳ ରେକର୍ଡ ୧୨ ଥର ପ୍ଲେଅଫ୍ (ଶ୍ରେଷ୍ଠ ଚାରି) ରେ ପହଞ୍ଚିଥିଲା ଏବଂ ୧୦ ଥର ଓଟଖ ଫାଇନାଲରେ ଖେଳିଥିଲା । ଗତ ଜୁଲାଇ ୧୩ ତାରିଖରେ ଚେନ୍ନାଇ କୋଚ୍ ପଦରୁ ଇସ୍ତଫା ଦେଇଥିଲେ ଷ୍ଟିଫେନ୍ ।

ରୁଟ୍ ପୁଣି ଅଧିନାୟକ- ରୁଟ୍ ୨୦୨୨ରେ ଅଧିନାୟକ ଦାୟିତ୍ୱ ଛାଡିଥିଲେ । ତାଙ୍କ ସ୍ଥାନରେ ବେନ ଷ୍ଟୋକ୍ସଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଥିଲା । ଗତ ମାସରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ସହ ଷ୍ଟୋକ୍ସ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ । ତାଙ୍କ ସ୍ଥାନରେ ହ୍ୟାରୀ ବ୍ରୁକ୍ ଅଧିନାୟକ ନିଯୁକ୍ତ ହେବେ ବୋଲି ଅନୁମାନ କରାଯାଉଥିଲା । ମାତ୍ର ଇଂଲଣ୍ଡ କ୍ରିକେଟ୍ ବୋର୍ଡ ରୁଟ୍‌ଙ୍କୁ ପୁଣିଥରେ ଅଧିନାୟକ ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଥିଲା । ସେ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଇଂଲଣ୍ଡ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ । ଏହି ୫ ବର୍ଷ ମଧ୍ୟରେ ରୁଟ୍ ୬୪ଟି ଟେଷ୍ଟରେ ନେତୃତ୍ୱ ନେଇଥିଲେ ।

# ଖାଲି ହାତରେ ଫେରିଲେ ଜାତୀୟ ରେକର୍ଡଧାରୀ ପାରୁଲ

ଗ୍ଲାସ୍‌ଗୋ: ଜାତୀୟ ରେକର୍ଡଧାରୀ ଭାରତର ଲଙ୍ଗ ଡିଷ୍ଟାନ୍ସ ରନର୍ ପାରୁଲ ଚୌଧୁରୀ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ନିରାଶଜନକ ପ୍ରଦର୍ଶନ କରି ଖାଲି ହାତରେ ଫେରିଛନ୍ତି। ମହିଳା ୫୦୦ ମିଟର ଫାଇନାଲ୍‌ରେ ସେ ୧୫:୦୮.୫୬ ସେକେଣ୍ଡ୍‌ରେ ରେସ୍ ଶେଷ କରି ୧୩ତମ ସ୍ଥାନରେ ରହିଥିଲେ। ସେ ଏଠାରେ



ନିଜ ଜାତୀୟ ରେକର୍ଡ ସମୟ ୧୫:୦୪.୨୬ ସେକେଣ୍ଡ୍‌ଠୁ ପଛରେ ପଡିଥିଲେ।

ଏହି ଜାତୀୟ ରେକର୍ଡ ଗତମାସରେ ଫ୍ରାନ୍ସର ନାଇସ୍‌ରେ ପାରୁଲ କରିଥିଲେ। ତେବେ ଏହି ଇଭେଣ୍ଟ୍‌ରେ ଅଷ୍ଟ୍ରେଲିଆର ରୋଜ୍ ଡେଭିସ୍ (୧୪:୪୪.୫୩) ସ୍ୱର୍ଣ୍ଣ ଓ ଜେସିକା ହୁଲ୍ (!୪:୪୫.୦୧) ରେପ୍ୟ ଜିତି ୧-୨ରେ ପୋଡିୟମ୍ ଫିନିସ୍ କରିଥିଲେ। ଆୟୋଜକ ସ୍କଟ୍‌ଲାଣ୍ଡର ମେଗାନ କେଇଥ (୧୪:୪୯.୧୦) କାଂସ୍ୟ ପାଇଥିଲେ। ଏହି ସମସ୍ତ ପଦକ ବିଜୟିନୀ ଚଳିତ ଋତୁର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ। ପୂର୍ବରୁ ବୁଧବାର ପାରୁଲ ୩୦୦୦ ମିଟର ଷ୍ଟିପଲ୍‌ଚେଜ୍‌ରେ ୯:୨୬.୭୫ ସେକେଣ୍ଡ୍ ସମୟ ସହ ପଞ୍ଚମ ସ୍ଥାନରେ ରହିଥିଲେ। ଏହା ମଧ୍ୟ ତାଙ୍କ ଜାତୀୟ ରେକର୍ଡ ସମୟ ୯:୧୨.୪୬ ସେକେଣ୍ଡଠୁ କମ୍ ରହିଥିଲା।

# ସୀମା ଜିତିଲେ ଡିସ୍‌କସ କାଂସ୍ୟ



ଗ୍ଲାସ୍‌ଗୋ: ମହିଳା ଡିସ୍‌କସ୍ ଥ୍ରୋରେ ଭାରତର ସୀମା କାଲିରାମନା କାଂସ୍ୟ ଜିତିଛନ୍ତି। ସେ ୫୮.୬୫ ମିଟର ଦୂରକୁ ଫିଙ୍ଗି ତୃତୀୟ ସ୍ଥାନରେ ରହିଥିଲେ। ସେ ୬ଷ୍ଠ ଭାରତୀୟ ମହିଳା ଭାବେ ରାଜ୍ୟଗୋଷ୍ଠୀ ଡିସ୍‌କସ୍ ପଦକ ଜିତିଛନ୍ତି। ୬୧.୬୬ ମିଟର ସହ ଜାମାଇକାର ସାମାନ୍ଥା ହଲ୍ ସ୍ୱର୍ଣ୍ଣ ଜିତିଥିବାବେଳେ କାନାଡାର ଜୁଲିଆ ଟଙ୍କ୍ ୬୦.୬୭ ମିଟର ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଜିତିଥିଲେ। ଭାରତର ନିଧି ରାଣୀ ୪ର୍ଥ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ମହିଳା ୫୦୦୦ ମିଟରରେ ଭାରତର ପାରୁଲ ଚୌଧୁରୀ ପଦକ ଜିତିବାରେ ବିଫଳ ହୋଇଛନ୍ତି। ଏହି ରେସ୍‌କୁ ସେ ୧୫.୦୯.୫୬ରେ ପୂରଣ କରି ୧୩ତମ ସ୍ଥାନରେ ରହିଥିଲେ। ଏପରିକି ସେ ନିଜର ବ୍ୟକ୍ତିଗତ ଶ୍ରେଷ୍ଠକୁ ହାସଲ କରିବାରେ ବିଫଳ ହୋଇଥିଲେ।

# ରେସ୍ ପୂର୍ବରୁ ପାରା ସାଇକ୍ଲିଷ୍ଟ ଲିସା ଲାଇନ୍‌ଚ୍ୟୁତ

ଗ୍ଲାସ୍‌ଗୋ,୩୧୭(ଏଜେନସି): ରାଜ୍ୟଗୋଷ୍ଠୀ କ୍ରୀଡା ପ୍ରଶାସନର ତ୍ରୁଟି ଯୋଗୁଁ ଭାରତର ୧୬ ବର୍ଷୀୟା ପାରା ସାଇକ୍ଲିଷ୍ଟ ଲିସା ଦାସ ରେସ୍ ପୂର୍ବରୁ ମାନସିକ ଚାପରେ ରହିଥିଲେ। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇ ପାରି ନଥିଲେ। ମହିଳା ସି୪-ସି୫ ୪୦୦୦ ମିଟର ବ୍ୟକ୍ତିଗତ ପରସୁଟ୍ ଯୋଗ୍ୟତା ପର୍ଯ୍ୟାୟରେ ସେ ରେସ୍‌କୁ ୬ ମିନିଟ୍ ୫୮.୦ ସେକେଣ୍ଡରେ ଶେଷ କରି ୬ ଜଣଙ୍କ ମଧ୍ୟରେ ଶେଷ ସ୍ଥାନରେ ରହି ଆଗକୁ ବି ପାରି ନଥିଲେ।

ଲିସାଙ୍କ ପ୍ରଶିକ୍ଷକ ଓ ମହିଳା ସହାୟକ କର୍ମଚାରୀଙ୍କୁ ଆକ୍ରିଡେସନ୍ ମିଳିବାରେ ବିଳମ୍ବ ହେବାରୁ ଶେଷ ମୁହୂର୍ତ୍ତରେ ଟିକେଟ କରାଯାଇଥିଲା। ଫଳରେ ଲିସାଙ୍କ ଦଳ ଭାରତରୁ ଜୁରିକ୍ ଦେଇ ଗ୍ଲାସ୍‌ଗୋ ଯାଇଥିଲେ। ଜୁରିକ୍ ଟ୍ରାଞ୍ଜିଟ୍ ସମୟରେ ତାଙ୍କ କଷ୍ଟମାଇଜ୍ ସାଇକେଲ, ଆବଶ୍ୟକୀୟ ରେସିଂ ଉପକରଣ ସବୁ ପ୍ୟାକ୍ ହୋଇଥିଲା। ହେଲେ କନେକ୍ଟିଂ ଫ୍ଲାଇଟ୍‌ରେ ଏହା ଲୋଡ୍ ହୋଇ ପାରି ନଥିଲା। ଭାରତୀୟ ଦଳର ସେଫ୍ ଡି ମିସନ୍ କାର୍ଯ୍ୟାଳୟ ବାକ୍ସରେ ପ୍ୟାକ୍ କରାଯାଇଥିଲା, କନେକ୍ଟିଂ ଫ୍ଲାଇଟ୍‌ରେ ଲୋଡ୍ ହୋଇପାରିଲା ନାହିଁ।

ଭାରତୀୟ ଦଳଙ୍କ ସେଫ୍ ଡି ମିସନ୍ କାର୍ଯ୍ୟାଳୟ ସହଯୋଗରେ ତାଙ୍କ ଉପକରଣ ରେସ୍‌ର କିଛି ଘଣ୍ଟା ପୂର୍ବରୁ ପହଞ୍ଚିଥିଲା। ଫଳରେ ଏହାକୁ ଅନସରଣ କରିବାରେ ପୂରା ଦିନ ବିତି ଯାଇଥିଲା ବେଳେ ସମୟରେ ଉପକରଣ ନ ପହଞ୍ଚିବାରୁ ଠିକ୍‌ରେ ଲିସା ଅଭ୍ୟାସ କରି ପାରି ନଥିଲେ। ଖାଲି ଏତିକି ଜାପ ନଥିଲା। ରେସ୍ ବେଳେ ତାଙ୍କ ପାଖରେ କେଣସି ତାଙ୍କ ଦଳୀୟ ସାଥୀ ପାଖରେ ନଥିଲେ। ତାଙ୍କ ପ୍ରଶିକ୍ଷକ ଆଦିତ୍ୟ ବର୍ମାଙ୍କୁ ଶେଷ ମୂହୂର୍ତ୍ତରେ ବାହାରୁ ଖେଳ ଦେଖିବାକୁ ମିଳିଥିଲା। ଏଥିସହ ତାଙ୍କ ପସନ୍ଦର ମହିଳା ଚ୍ୟାପେରୋନ୍, ଡାକ୍ତର ଆଶା ଶେଖଙ୍କୁ ପ୍ରତିଯୋଗିତା ସ୍ଥାନରେ ପ୍ରବେଶ ଲାଗି ବାରଣ କରାଯାଇଥିଲା। ଫଳରେ ସାଥୀ ଅଧିକାରୀ ବିନା ରେସ୍‌କୁ ଯାଇଥିଲେ। ରେସ୍ ଲାଗି ତାଙ୍କ ସହଜ ହେଉଥିବା ଡ୍ରେସ୍ ବଦଳରେ ଲିସା ବାଧ ହୋଇ କଷ୍ଟମାଇଜ୍‌ଡ ଏରୋଡାଇନାମିକ୍ ସ୍କିନ୍‌ସୁଟ୍ ପିନ୍ଧି ଲଇକୁ ଓହ୍ଲାଇଥିଲେ। ଏପରିକି



ଡ୍ରେସ୍ ପିନ୍ଧାଇବା ଓ ଅନ୍ୟ କାର୍ଯ୍ୟରେ ଭାରତୀୟଙ୍କ ବଦଳରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଦଳଗୁଡ଼ିକର ମହିଳା ପ୍ରଶିକ୍ଷକ ଓ ସହାୟକ କର୍ମଚାରୀମାନେ ସାହାଯ୍ୟ କରିଥିଲେ।

# ହଜିଗଲା ଭାରତୀୟ ଜୁଡୋକାଙ୍କ ଲଗେଜ୍

ଗ୍ଲାସ୍‌ଗୋ:ଭାରତୀୟ ଜୁଡୋକାମାନେ ରାଜ୍ୟଗୋଷ୍ଠୀ କ୍ରୀଡାରେ ଅଂଶଗ୍ରହଣ କରିବା ଲାଗି ଗ୍ଲାସ୍‌ଗୋରେ ଓହ୍ଲାଇବା ବେଳେ ସେମାନଙ୍କ ଲଗେଜ ହଜିଯାଇଥିବା ଜାଣିବାକୁ ପାଇଥିଲେ। କିଛି ଦିନ ତଳେ ଭାରତୀୟ ମୁଷ୍ଟିଯୋଦ୍ଧାମାନେ ଏହିସମାନ ଅସୁବିଧାରେ ପଡିଥିଲେ। ୩୧ ତାରିଖରେ ଜୁଡୋ ପ୍ରତିଯୋଗିତା ଆରମ୍ଭ ହେବାକୁ ଥିଲା ବେଳେ ଭାରତର ୧୬ ଜଣିଆ ଦଳ ସେଠାରେ ପହଞ୍ଚିଥିଲା। ପହଞ୍ଚିବା କିଛି ଖେଳାଳିଙ୍କ ବ୍ୟାଗ୍ ମିଳି ନଥିଲା। ଲଗେଜ୍ ହଜିବା ପରେ ଜୁଡୋକାମାନଙ୍କ ଅଭ୍ୟାସରେ ବାଧା ଉପୁଜୁଛି। ଏହା ଜାଣିବା ପରେ ଭାରତୀୟ ଅଲିମ୍ପିକ୍ ସଂଘ ସଙ୍ଗେ ସଙ୍ଗେ ଖୋଜାଖୋଜି ଆରମ୍ଭ କରିଛି। ଶୀଘ୍ର ମିଳିଯିବ ବୋଲି ଖେଳାଳିମାନଙ୍କୁ ଆଶ୍ୱସନା ମଧ୍ୟ ଦେଇଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ